ବର୍ଷ-୨୫, ସଂଖ୍ୟା-୧୧୫
ଭୁବନେଶ୍ୱର
୨୭, ଏପ୍ରିଲ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 115
Bhubaneswar
27, April, 2025, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଡନ୍-୩ରେ
କ୍ରିତି ସାନନ

# ୧୪ ଆତଙ୍କୀଙ୍କୁ ଖୋଜୁଛି ସେନା

**ନୂଆଦିଲ୍ଲୀ,୨୬।୪(ମହାଭାରତ):** ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ସମ୍ପ୍ରତି ଘଟିଥିବା ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା ଚିନ୍ତା ବୃଦ୍ଧି ପାଇବା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ, ଗୁଇନ୍ଦା ସଂସ୍ଥାଗୁଡ଼ିକ କେନ୍ଦ୍ରଶାସିତ ଅଞ୍ଚଳରେ ସକ୍ରିୟ ଭାବରେ କାର୍ଯ୍ୟ କରୁଥିବା ୧୪ଜଣ ସ୍ଥାନୀୟ ଆତଙ୍କବାଦୀଙ୍କ ଏକ ତାଲିକା ପ୍ରସ୍ତୁତ କରିଛନ୍ତି। ସୂତ୍ର ଅନୁଯାୟୀ, ୨୦ ରୁ ୪୦ ବର୍ଷ ବୟସର ଏହି ବ୍ୟକ୍ତିମାନେ ପାକିସ୍ତାନରୁ ବିଦେଶୀ ଆତଙ୍କବାଦୀଙ୍କୁ ଲଜିଷ୍ଟିକ୍ସ ଏବଂ ଭୂମି ସହାୟତା ଯୋଗାଇ ସକ୍ରିୟ ଭାବରେ ସହାୟତା କରୁଛନ୍ତି। ପହଲଗାମରେ ଆତଙ୍କୀ ଆକ୍ରମଣରେ ପରେ ସୀମାରେ ହାଇ ଆଲର୍ଟ, ପ୍ରସ୍ତୁତ ରହିଛି ବଙ୍କର।

ଚିହ୍ନଟ ହୋଇଥିବା ବା ରେ ଥିବା କାର୍ଯ୍ୟକର୍ତ୍ତାମାନେ ତିନୋଟି ପ୍ରମୁଖ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନ ସହିତ ଜଡିତ ଥିବା ରିପୋର୍ଟ ହୋଇଛି। ଏଥି ମଧ୍ୟରେ ହିଜବୁଲ ମୁଜାହିଦ୍ଦିନ, ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଏବଂ ଜୈଶ-ଏ-ମହମ୍ମଦ (ଜେଏମ) ଅନ୍ତର୍ଭୁକ୍ତ।ଏଥିମଧ୍ୟରୁ ୩ ଜଣ ହିଜବୁଲ ମୁଜାହିଦ୍ଦିନ, ୮ଜଣ ଏଲଇଟି ଏବଂ ୩ ଜଣ ଜେଇଏମ ସହିତ ଜଡିତ।

ସୂଚନାନୁସାରେ, ଏହି ବ୍ୟକ୍ତିମାନେ ଆଦିଲ ରେହମାନ ଡାଣ୍ଟୁ (୨୧), ଅସୀଫ ଅହମ୍ମଦ ଶେଖ (୨୮), ଅହସାନ ଅହମ୍ମଦ ଶେଖ (୨୩), ହରିସ ନାଜିର (୨୦), ଆମୀର ନାଜିର ୱାନି (୨୦), ୟାର ଅହମ୍ମଦ ଭଟ, ଅସୀଫ ଅହମ୍ମଦ ଖାନ୍ଦି (୨୪), ନାସିର ଅହମ୍ମଦ ୱାନ (୨୧), ସହିଦ ଅହମ୍ମଦ ଅହମ୍ମଦ (୨୭) ୱାନି (୩୯), ହାରୋନ ରସିଦ ଗଣାଇ (୩୨) ଏବଂ ଜାକିର ଅହମ୍ମଦ ଘାନି (୨୯) ବୋଲି ଲିଷ୍ଟ ଜାରି କରାଯାଇଛି।ଅଧିକାରୀମାନେ ପୂର୍ବରୁ ପହଲଗାମ ଆତଙ୍କବାଦୀ ଆକ୍ରଣରେ ସମ୍ପୃକ୍ତ ଥିବା ପାକିସ୍ତାନୀ ଆତଙ୍କବାଦୀଙ୍କ ତିନୋଟି ସ୍କେଚ ମଧ୍ୟ ଜାରି କରିଥିଲେ। ଆସିଫ ଫୌଜି, ସୁଲେମାନ ଶାହ ଏବଂ ଆବୁ ତଲହା ଘାଟି ଅନ୍ୟ ଦୁଇ କର୍ମୀଙ୍କୁ ଆଦିଲ ଗୁରି ଏବଂ ଆହସାନ ଭାବରେ ଚିହ୍ନଟ କରାଯାଇଛି। ସେମାନଙ୍କ ପ୍ରତ୍ୟେକଙ୍କ ଉପରେ ୨୦ଲକ୍ଷ ଟଙ୍କାର ପୁରସ୍କାର ମଧ୍ୟ ଘୋଷଣା କରାଯାଇଛି।



ପାକିସ୍ତାନ-ଭିତ୍ତିକ ଆତଙ୍କବାଦୀ ଗୋଷ୍ଠୀ ଏଲଇଟିର ଏକ ପ୍ରକ୍ସି ଟିଆରଏଫ, ଆକ୍ରମଣ ପାଇଁ ଦାୟୀ ବୋଲି ଦାବି କରିଥିବାରୁ ଏନ୍‌ଆଇଏ ଅନ୍ୟ ଏଜେନ୍ସିଗୁଡ଼ିକ ସହିତ ବର୍ତ୍ତମାନ ଜମ୍ମୁ ଏବଂ କାଶ୍ମୀର ପୋଲିସକୁ ସାମଗ୍ରିକ ତଦନ୍ତରେ ସହାୟତା କରୁଛି। ଏନଆଇଏ ଦଳ ଆକ୍ରମଣ ସ୍ଥଳର ପୁଙ୍ଖାନୁପୁଙ୍ଖ ମୂଲ୍ୟାଙ୍କନ କରିବ, ଫୋରେନସିକ ପ୍ରମାଣ ସଂଗ୍ରହ କରିବ ଏବଂ ଗଣହତ୍ୟା ପାଇଁ ଦାୟୀ ଲୋକଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।

ଲାଇନ୍ ଅଫ୍ କଣ୍ଟ୍ରୋଲ ବା ଏଲଓସିରେ ହାଇ ଆଲର୍ଟ ଜାରି କରାଯାଇଛି। ଏଲଓସିରେ ପ୍ରସ୍ତୁତ ରହିଛି ବଙ୍କର। ଏଲଓସିରେ ଗୁଳିଗୋଳା ଗର୍ଜନକୁ ନେଇ ଆଗୁଆ ପ୍ରସ୍ତୁତି କରୁଛି ଭାରତ।ଗତ ୨୩ ତାରିଖରେ ଆତଙ୍କବାଦୀ ମାନେ ଧର୍ମ ପଚାରି ଗୁଳି କରିଥିଲେ। ୨୬ ଜଣ ନିରୀହ ଲୋକଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ପ୍ରଧାନମନ୍ତ୍ରୀ ମୋଦି, ଗୃହ ମନ୍ତ୍ରୀ ଅମିତ୍ ଶାହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ଘନ ଘନ ବୈଠକ କରୁଛନ୍ତି ପାକିସ୍ତାନକୁ ପାନେ ଦେବାକୁ ରଣନୀତି ପ୍ରସ୍ତୁତ କରାଯାଉଛି ଏହାରି ଭିତରେ ଭାରତ ସୀମାରେ ସୁରକ୍ଷା ବଢାଯାଇଛି ବଙ୍କରକୁ ପ୍ରସ୍ତୁତ ରଖାଯାଇଛି। ପହଲଗାମ ଆକ୍ରମଣ ଘଟଣା ପରେ ଆକ୍ସନରେ ସୁରକ୍ଷା ବାହିନୀ ଏହି ନରସଂହାର ପଛରେ ଆତଙ୍କବାଦୀଙ୍କୁ କେଉଁମାନେ ସହଯୋଗ କରିଥିଲେ ସେ ନେଇ ଅନୁସନ୍ଧାନ ଚଳାଇଛି ସେନା ଓ ପୁଲିସ ସୂଚନା ଅନୁସାରେ ସନ୍ଦେହରେ ବର୍ତ୍ତମାନ ସୁଦ୍ଧା ୧୮୧ ଜଣ ସନ୍ଦିଗ୍ଧଙ୍କୁ ପଚରାଉଚରା କରିଛନ୍ତି ସୁରକ୍ଷା ବଳ ସେହିପରି ଆଉ ୪ଜଣଙ୍କୁ ପଚରାଉଚୁରା କରୁଛି ଏନଆଇଏ ଟିମ୍ କାଶ୍ମୀରର ବିଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି ପୁଲିସ ଓ ସେନା ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି।

## ସୀମାରେ ଫସଲ ଅମଳ କରିବାକୁ ନିର୍ଦ୍ଦେଶ

ଚଣ୍ଡିଗଡ଼, ୨୬।୪(ମହାଭାରତ): ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ପଞ୍ଜାବର ଚାଷୀଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। ଶନିବାର ଦିନ, ପ୍ରଶାସନ ପଞ୍ଜାବର ସୀମାନ୍ତ ଗ୍ରାମଗୁଡ଼ିକରେ ଡାକବାଜୀ ଯନ୍ତ୍ର ଜରିଆରେ ପ୍ରଚାର କରିଥିଲା ଯେ ସୀମା ବାଡ଼ ସେପାରି କ୍ଷେତରେ ଥିବା ଫସଲକୁ ୨୪ ଘଂଟା ମଧ୍ୟରେ କାଟିବାକୁ ପଡିବ। ରବିବାର ସନ୍ଧ୍ୟାରେ ଫାଟକଗୁଡ଼ିକ ବନ୍ଦ ରହିବ। ଦିନସାରା ଗୁରୁଦ୍ୱାରଗୁଡ଼ିକରୁ ସମାନ ଘୋଷଣା କରାଯାଇଥିଲା। ଏହି ଘୋଷଣା ଯୋଗୁଁ ଦିନସାରା ଚାଷୀଙ୍କ ମଧ୍ୟରେ ବିଶୃଙ୍ଖଳା ଦେଖାଦେଇଥିଲା। ତଥାପି, ଏ ସମ୍ପର୍କରେ ବିଏସଏଫ ପକ୍ଷରୁ କୌଣସି ସରକାରୀ ବିବୃତି ଜାରି କରାଯାଇ ନାହିଁ। ପ୍ରକୃତରେ, ପଞ୍ଜାବର ଅମୃତସର, ତରନାତରନ, ଗୁରୁଦାସପୁର, ଫିରୋଜପୁର ଏବଂ ଫାଜିଲକା ଜିଲ୍ଲାରେ ଏପରି ଅନେକ ଗାଁ ଅଛି, ଯେଉଁମାନଙ୍କର କୃଷକମାନଙ୍କର ଅଧା ଜମି ଭାରତରେ ଏବଂ ଅଧା ପାକିସ୍ତାନରେ ଅଛି। ଏହି ଚାଷୀମାନେ ପ୍ରତିଦିନ ବିଏସଏଫ ସହିତ ଚାଷ ପାଇଁ ବାଡ଼ପାର ହୋଇ ଯାଆନ୍ତି। ଏହି ଚାଷୀମାନଙ୍କୁ ପ୍ରତିଦିନ ଆଠ ଘଂଟା ପାଇଁ ସୀମାକୁ ନିଆଯାଇଥାଏ। ଏହି ସମୟରେ, ତିନି ଦିନ ପୂର୍ବରୁ ଚାଷୀଙ୍କ ସହିତ ଯାଇଥିବା ଜଣେ ବିଏସଏଫ ଯବାନଙ୍କୁ ପାକିସ୍ତାନୀ ସୈନିକମାନେ ହେପାଜତକୁ ନେଇଯାଇଛନ୍ତି। ପତାକା ବୈଠକ ସତ୍ତ୍ୱେ, ସୈନିକଙ୍କୁ ଏପର୍ଯ୍ୟନ୍ତ ମୁକ୍ତ କରାଯାଇ ନାହିଁ। ଯାହା ଯୋଗୁଁ ଏଠାରେ ଉତେଜନା ଆହୁରି ବୃଦ୍ଧି ପାଇଛି।

## ଡେପୁଟେସନରେ ଯିବେ ଦୁଇ ବରିଷ୍ଠ ଆଇପିଏସ୍

ଭୁବନେଶ୍ୱର, ୨୬।୪(ମହାଭାରତ): କେନ୍ଦ୍ରକୁ ଡେପୁଟେସନରେ ଯିବେ ୨ ବରିଷ୍ଠ ଆଇପିଏସ୍ ଅଧିକାରୀ। ଆଇପିଏସ୍ ରବି କାନ୍ତ ବିଏସଏଫ୍ ଆଇଜି ଭାବେ ଡେପୁଟେସନରେ ଯିବେ। ସେହିପରି ଆଇପିଏସ୍ ଅଧିକାରୀ ମିତ୍ରଭାନୁ ମହାପାତ୍ର ବିଏସଏଫ୍ ଡିଆଇଜି ଭାବେ ଡେପୁଟେସନରେ ଯିବେ।

## ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବାଟାଲିୟନ

ଭୁବନେଶ୍ୱର, ୨୬।୪(ମହାଭାରତ): ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ବାଟାଲୀୟନ ତିଆରି କରିବା ପାଇଁ ତିନି ମାସ ଧରି ପ୍ରକ୍ରିୟା ଜାରି ରହିଛି। ବିଭିନ୍ନ ଆର୍ମ ଫୋର୍ସରୁ ଯୋଗ୍ୟ ଲୋକ ବାଛି ଶ୍ରୀମନ୍ଦିର ବାଟାଲିୟନ ପାଇଁ ନିୟୋଜିତ କରାଯାଉଛି। ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ପାଇଁ କୌଣସି ଅସୁବିଧା ଯେମିତି ନ ରହିବ ସେଥିପାଇଁ କାର୍ଯ୍ୟକ୍ରମ କରାଯାଉଛି। ସେ ବାହ୍ୟ ଆକ୍ରମଣ ହେଉ କି ଅନ୍ୟ ଯାହା ବି ତାକୁ ମୁକାବିଲା ପାଇଁ ସରକାର ପ୍ରସ୍ତୁତ। ଶ୍ରୀମନ୍ଦିର ସ୍ୱତନ୍ତ୍ର ବାଟାଲିୟନ ପୂର୍ଣ୍ଣାଙ୍ଗ ହୋଇଯିବା ପରେ ଶ୍ରୀମନ୍ଦିର ସୁରକ୍ଷା ନେଇ ରାଜ୍ୟ ସରକାରଙ୍କ ସଂକଳ୍ପ ସମ୍ପୂର୍ଣ୍ଣ ହେବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

## ଓଡ଼ିଶାରେ ରହିଥିବା ପାକିସ୍ତାନୀଙ୍କୁ ବିଦା କରାଯିବ: ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର,୨୬।୪(ମହାଭାରତ)** ଯେଉଁ ପାକିସ୍ତାନୀ ଓଡ଼ିଶାରେ ଅଛନ୍ତି ତାଙ୍କୁ ବାହାର କରାଯିବ। ତାଙ୍କୁ ଚିହ୍ନଟ କରାଯାଇଛି। ତାଙ୍କୁ ବିଦା କରାଯିବ ବୋଲି ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ପାକିସ୍ଥାନୀ ଦେଶରେ ରହି ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ତେଣୁ ତାଙ୍କୁ ବାହାର କରାଯିବ। ଯେଉଁ ପାକିସ୍ଥାନୀ ଓଡ଼ିଶାରେ ଅଛନ୍ତି ରାଜ୍ୟ ଗୃହ ବିଭାଗ ତାଙ୍କ ଉପରେ ନଜର ରଖିଛି। ତାଙ୍କ ବିଷୟରେ ଅନେକ ରିପୋର୍ଟ ଆସୁଛି। ଗୃହ ବିଭାଗ ବୁଝୁଛି। ଏଠି ରହି ଦେଶଦ୍ରୋହି କାମ କରିଛନ୍ତି। ତାସହିତ ବିନା ରେକର୍ଡ, ବିନା ଭିସାରେ ଯେଉଁ ବାଂଲାଦେଶୀ ଓଡ଼ିଶାରେ ଅଛନ୍ତି ତାଙ୍କୁ ବି ବିଦା କରାଯିବ। ଭାରତର ମଥା ନଇଁବ ନାହିଁ। ପ୍ରଧାନମନ୍ତ୍ରୀ ଉପଯୁକ୍ତ ନେତୃତ୍ୱ ନେଉଛନ୍ତି। ଠିକ୍ ଆକ୍ସନ ନେବେ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ।

## ଦେଶ ଛାଡ଼ିବାକୁ ପାକିସ୍ତାନୀ ନାରାଜ

**ଭୁବନେଶ୍ୱର,୨୬।୪(ମହାଭାରତ):** ଦୀର୍ଘକାଳୀନ ଭିସା ବଳରେ ଭାରତ ସମେତ ଓଡ଼ିଶାରେ ରହୁଥିବା ପାକିସ୍ତାନୀ ନାଗରିକମାନଙ୍କୁ ଫେରିଯିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ସବୁ ପାକିସ୍ତାନୀକୁ ଚିହ୍ନଟ କରାଯାଇଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

ରାଜଧାନୀ ଭୁବନେଶ୍ୱରରେ ଜଣେ ପାକିସ୍ତାନୀ ମହିଳା ନଗମା ରହିଥିବା ସୂଚନା ମିଳିଛି। ଦୀର୍ଘମିଆଦୀ ଭିଜାରେ ୨୦୦୮ରୁ ସେ ଭୁବନେଶ୍ୱରରେ ରହିଆସୁଛନ୍ତି। ତୁରନ୍ତ ପାକିସ୍ତାନ ଫେରିଯିବାକୁ କମିଶନରେଟ ପୋଲିସ ପକ୍ଷରୁ ନୋଟିସ କରାଯାଇଛି।୨୦୨୪ରେ ମହିଳାଙ୍କ ଭିଜା ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସେ ଭୁବନେଶ୍ୱରରେ ରହୁଛନ୍ତି। ୨୦୨୪ରେ ଭିସା ଅବଧି ଶେଷ ହେବା ପରେ ମହିଳା ଜଣଙ୍କ ଭାରତ ଛାଡ଼ି ପାକିସ୍ତାନ ଚାଲିଯିବା ପାଇଁ ଏଗ୍‌ଜିଟ ଭିସା ପାଇଁ କମିସନରେଟ ପୋଲିସ ନିକଟରେ ଆବେଦନ କରିଥିଲେ। କିନ୍ତୁ ସେ ଆବେଦନ ପଡି ରହିଥିଲା। ଏବେ ପହଲଗାମ ଘଟଣା ପରେ ସମସ୍ତ ପାକିସ୍ତାନୀ ଭାରତ ଛାଡିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ସମ୍ପୃକ୍ତ ପାକିସ୍ତାନୀ ମହିଳାଙ୍କୁ ମଧ୍ୟ ଭୁବନେଶ୍ୱର ଛାଡି ଯିବା ପାଇଁ ପୁଲିସ ନୋଟିସ କରିଛି।

ଏହି କ୍ରମରେ ସାରଦା କୁକ୍ରେଜାଙ୍କୁ ମଧ୍ୟ ନୋଟିସ୍ ମିଳିଛି। ବଲାଙ୍ଗୀର ଟାଉନ୍ ଥାନା ଅଧୀନ ଠିକାଦାରପଡ଼ାରେ ନିଜ ପରିବାର ସହିତ ରହୁଥିବା ସାରଦାଙ୍କୁ ଭାରତ ଛାଡ଼ିବା ପାଇଁ ନିର୍ଦ୍ଦେଶ ହୋଇଛି। ବଲାଙ୍ଗୀର ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ପୁଲିସ ପକ୍ଷରୁ ଏଥିରେ କୁହାଯାଇଛି ଯେ, ଭିସା ରଦ୍ଦ ହୋଇଛି, ତୁରନ୍ତ ପାକିସ୍ତାନ ପଳାଇଯାଆନ୍ତୁ ନିର୍ଦ୍ଦେଶକୁ ଅଣଦେଖା କଲେ କାର୍ଯ୍ୟାନୁଷ୍ଠାନର ଶିକାର ହେବେ।ଅନ୍ୟପଟରେ ସାରଦା କହିଛନ୍ତି, ମୁଁ ପାକିସ୍ତାନ ଯାଇପାରିବି ନାହିଁ। ପାକିସ୍ତାନରେ ମୋର ନିଜର ଲୋକ ବୋଲି କେହି ନାହାନ୍ତି। ପାକିସ୍ତାନ ଛାଡ଼ିବା ପରଠାରୁ ସେଠାକୁ ଆଉ ଯାଇ ନାହିଁ ନା ମୁଁ କାହା ସହିତ ଫୋନ୍‌ରେ କଥା ହେଉଛି...ନା ପାକିସ୍ତାନ କେବେ ଯାଉଛି। ଏଠାରେ ବିବାହ କରିବା ପରେ ମୁଁ ଝିଅ-ପୁଅଙ୍କୁ ବାହା ଦେଇ ସାରିଛି।

କଟକରେ ସହରରେ ବସବାସ କରୁଥିବା ପାକିସ୍ତାନୀ ନାଗରିକଙ୍କୁ ନୋଟିସ ମିଳିଛି। ଏହି ନୋଟିସ କଲା କଟକ କମିସନରେଟ ପୁଲିସ। ବିବାହ ପରେ କିଛି ପାକିସ୍ତାନୀ କଟକରେ ରହୁଛନ୍ତି। ସମସ୍ତଙ୍କ କାଗଜ ପତ୍ର ଯାଞ୍ଚ କରାଯିବ। କେନ୍ଦ୍ର ସରକାରଙ୍କ ଗାଇଡ୍ ଲାଇନ ଅନୁଯାୟୀ ହୋଇଛି ନୋଟିସ। ଗତକାଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବିସ୍ତୃତ ଗାଇଡ୍ ଲାଇନ ଆସିଲା ପରେ ଏହାକୁ କାର୍ଯ୍ୟକାରୀ କରିବା ପ୍ରକ୍ରିୟା ଆରମ୍ଭ କରିଛି କଟକ କମିଶନରେଟ ପୋଲିସ।

# ସୀମା ଟପିଲେ ସୁଲତା

**ଭୁବନେଶ୍ୱର,୨୬।୪(ମହାଭାରତ):** ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣକୁ ନେଇ ବିଜେଡି ସାଂସଦ ସୁଲତା ଦେଓଙ୍କ ବିବାଦୀୟ ବୟାନକୁ ନେଇ ଝଡ ସୃଷ୍ଟି ହୋଇଛି। ଯେଉଁ ଭଳି ଭାବେ ଆତଙ୍କବାଦୀମାନେ ହତ୍ୟା କଲେ ଧର୍ମ ପଚାରିବା ସମ୍ଭବ ନୁହେଁ ବୋଲି କହି ମୃତକଙ୍କ ପରିବାରକୁ ଅପମାନ କଲା ଭଳି ବୟାନ ଦେଇଥିଲେ। ଯେଉଁମାନେ ଘଟଣାସ୍ଥଳରେ ଉପସ୍ଥିତ ଥାଇ ନିଜ ଆଖି ଆଗରେ ପୁଅ-ସ୍ୱାମୀ ଅବା ସମ୍ପର୍କୀୟଙ୍କ ମୃତ୍ୟୁକୁ ଦେଖିଛନ୍ତି ସେମାନେ କହୁଥିବା କଥାକୁ ମଧ୍ୟ ଭୁଲ୍ ପ୍ରମାଣିତ କରାଇବାକୁ ପଛାଇନାହାନ୍ତି ସୁଲତା। ତାଙ୍କର ବୟାନ ଗଣମାଧ୍ୟମରେ ପ୍ରକାଶିତ ହେବା ଏବଂ ନିଜ ଦଳର ନେତାଙ୍କ ସମେତ ରାଜ୍ୟ ସରକାରଙ୍କ ମନ୍ତ୍ରୀ ସମାଲୋଚନା କରିବା ପରେ ସୁଲତା ଦେଓ କ୍ଷମା ପ୍ରାର୍ଥନା କରିଛନ୍ତି।

ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣକୁ ନେଇ ବିଜେଡି ରାଜ୍ୟସଭା ସାଂସଦ ସୁଲତା ଦେଓ ଏକ ବିବାଦୀୟ ବୟାନ ଦେଇଥିଲେ। ସେ କହିଥିଲେ କି ଯେତିକି ସମୟ ଭିତରେ ଆତଙ୍କବାଦୀମାନେ ଜଣଙ୍କ ପରେ ଜଣେ ଭାରତୀୟଙ୍କୁ ହତ୍ୟା କଲେ



ସେତିକି ସମୟ ଭିତରେ ସେମାନଙ୍କ ଧର୍ମ ପଚାରିବା ସମ୍ଭବ ନୁହେଁ। ଏହା କେବଳ ଅନୁମାନ ଲଗାଇ ପରିବାର କହିଥାଇପାରନ୍ତି। କୌଣସି ଆତଙ୍କବାଦୀ କେବେ ଧର୍ମ, ଜାତି ସହ ବନ୍ଧା ନୁହେଁ।

ଗୋଟିଏ ପଟେ ହିନ୍ଦୁ କି ନୁହେଁ ପଚାରି ଆତଙ୍କବାଦୀ ଗୁଳି ମାରିଥିଲେ ବୋଲି ମୃତକଙ୍କ ପରିବାର କହୁଥିବା ବେଳେ ସାଂସଦ ସୁଲତାଙ୍କ ବିବାଦୀୟ ମନ୍ତବ୍ୟ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ଖୋଦ୍ ତାଙ୍କ ଦଳୀୟ ନେତା ମଧ୍ୟ ଏହାକୁ ନେଇ ସୁଲତାଙ୍କୁ ଘେରିଛନ୍ତି।

ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ପ୍ରତିକ୍ରିୟା କହିଛନ୍ତି ଯେ, ଯେଉଁମାନେ ଉପହାସ କରୁଛନ୍ତି ସେମାନେ ନିଜେ ଉପହାସ ଯୋଗ୍ୟ। ତାଙ୍କୁ ଲୋକମାନେ ଉପହାସ କରିବା କଥା। ଦୁଃଖର କଥା ଜଣଙ୍କର ଦୁଃଖ ବେଳେ ଆଦୌ ଉପହାସ କରିବା ଉଚିତ ନୁହେଁ। ଆମ ସଂସ୍କୃତି ଆମକୁ ଏହା ଶିକ୍ଷା ଦେଇନି ଏହିଭଳି କଥା ଆଦୌ ଶୋଭନୀୟ ନୁହେଁ ବୋଲି କହିବା ସହ ସାଂସଦଙ୍କ ବୟାନକୁ ସେ ନିନ୍ଦା କରିଛନ୍ତି।

ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଭୟ ସୁଲତା ଓ ବିଜେଡିକୁ କଡ଼ା ଭାଷାରେ ସମାଲୋଚନା କରି କହିଛନ୍ତି। ଯେ କାହାର ଦୁଃଖକଷ୍ଟ ବେଦନାକୁ ଯେଉଁମାନେ ଉପହାସ କରନ୍ତି ସେମାନେ ରାଜନୀତିରେ ରହିବା ଯୋଗ୍ୟ ନୁହେଁ। ଏତେ ବଡ଼ ହୃଦୟ ବିଦାରକ ଘଟଣାରେ ସମଗ୍ର ବିଶ୍ୱ ଦୋହଲିଯାଇଛି। କିନ୍ତୁ ତାକୁ ନେଇ ଅମଣିଷ ଭାବେ ଏଭଳି କଥା କହିବା ଅତ୍ୟନ୍ତ ନିନ୍ଦନୀୟ। ଯେଉଁମାନେ ଏଭଳି କଦର୍ଯ୍ୟ ଓ କୁତ୍ସିତ ମାନସିକତାର କଥା କହୁଛନ୍ତି। ସେମାନେ ଧନ୍ୟ ସେମାନଙ୍କର ନେତା ଧନ୍ୟ ଓ ସେମାନଙ୍କ ଦଳ ମଧ୍ୟ ଧନ୍ୟ। ଏଭଳି କଦର୍ଯ୍ୟ ମାନସିକତାର ବ୍ୟକ୍ତିଙ୍କୁ ଲୋକେ ସବୁଦିନ ପାଇଁ ପ୍ରତ୍ୟାଖ୍ୟାନ କରିଦେବାର ଆବଶ୍ୟକତା ରହିଛି।

ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି ଯେ ତାଙ୍କ ପାଇଁ ଦେଶଟା ଉପହାସ। ଯୋଗ୍ୟତା ବଳରେ ନୁହେଁ କେମିତି କଣ ସେ ସେହି ପଦବୀରେ ପହଂଚିଛନ୍ତି। ଦେଶର ସ୍ୱାର୍ଥ ଦୃଷ୍ଟିରୁ ଏଭଳି ବୟାନ ଠିକ୍ ନୁହେଁ। ସେମାନଙ୍କ ଉପରେ ଲୋକେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା। ସାମାଜିକସ୍ତରରେ ସେମାନଙ୍କୁ ବାସନ୍ଦ କରାଯିବା ଦରକାର। ସେ ମ୍ୟାଡ଼ାମ କଣ ଗ୍ରାଉଣ୍ଡରେ ଉପସ୍ଥିତ ଥିଲେ କି ? ଟିକେ ପାଗଳାମୀ ଅଛି ମ୍ୟାଡ଼ାମଙ୍କର ବୋଲି ଜୟନାରାୟଣ କଟାକ୍ଷ କରିଛନ୍ତି।

## ଦୁଇ ମାସ ବନ୍ଦ ରହିବ ରତ୍ନଭଣ୍ଡାର ମରାମତି

ପୁରୀ, ୨୬।୪(**ମହାଭାରତ**): ଏପ୍ରିଲ୍ ୨୯ରୁ ଜୁନ୍ ୨୭ ତାରିଖ ଯାଏ ବନ୍ଦ ରହିବ ରତ୍ନଭଣ୍ଡାର ମରାମତି କାମ। ଜୁନ୍ ୨୮ରୁ ପୁଣି ରତ୍ନଭଣ୍ଡାର ମରାମତି କାମ ଆରମ୍ଭ ହେବ। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି।

ରତ୍ନଭଣ୍ଡାର ମରାମତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହେବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ କହିଛନ୍ତି, ତରବରିଆ ଭାବେ କାମ ହେବ ନାହିଁ। ଏପ୍ରିଲ୍ ୨୯ରୁ ଜୁନ୍ ୨୭ ତାରିଖ ଯାଏ ଅକ୍ଷୟ ତୃତୀୟା,ବାହାର ଚନ୍ଦନ, ଭିତର ଚନ୍ଦନ, ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ଆଦି ମହାପ୍ରଭୁଙ୍କର ବିଭିନ୍ନ ବିଶେଷ ନୀତି ଥିବା ହେତୁ ଏହି ସମୟରେ ରତ୍ନଭଣ୍ଡାର ମରାମତି କାମ ବନ୍ଦ ରହିବ। ମରାମତି କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଜି ପୂର୍ବାହ୍ନ ୧୧ଟା ଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ବୈଠକ ଏଏସଆଇ ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ହୋଇଛି ବୈଠକ ତେବେ ରତ୍ନଭଣ୍ଡାରର ମରାମତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କିନ୍ତୁ ପୂର୍ଣ୍ଣାଙ୍ଗ ମରାମତି ଶେଷ ପାଇଁ ଆଉ କିଛି ଦିନ ସମୟ ଲାଗିପାରେ।

## ପାକିସ୍ତାନୀ ଡ୍ରୋନ୍ ଏବଂ ଡ୍ରଗ୍ସ ଜବତ କଲା ବିଏସଏଫ

ଚଣ୍ଡିଗଡ଼, ୨୬।୪(ମହାଭାରତ): ସୀମା ପାରରୁ ଅସ୍ତ୍ରଶସ୍ତ୍ର ଏବଂ ଡ୍ରଗ୍ସ ଚୋରା ଚାଲାଣ ବିରୋଧରେ ବିଏସଏଫ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ପଞ୍ଜାବର ଅମୃତସର ଏବଂ ତରନତାରନରୁ ଅସ୍ତ୍ରଶସ୍ତ୍ର ଏବଂ ଡ୍ରଗ୍ସ ଜବତ କରିଛି। ବିଏସଏଫରୁ ମିଳିଥିବା ସୂଚନା ଅନୁଯାୟୀ, ପଞ୍ଜାବରେ ବହୁ ସମନ୍ୱିତ ସର୍ଚ୍ଚ ଅପରେସନ୍ ସମୟରେ, ଏକ ପତ୍ରିକା ସହିତ ପିସ୍ତଲ, ଏକ ଡିଜେଆଇ ମାବିକ , ୩ କ୍ଲାସିକ୍ ଡ୍ରୋନ୍ ଏବଂ ୪ ପ୍ୟାକେଟ ସନ୍ଦିଗ୍ଧ ହେରୋଇନ୍ (ମୋଟ ଓଜନ ପ୍ରାୟ ୧.୯୩୫ କିଲୋଗ୍ରାମ) ଉଦ୍ଧାର କରାଯାଇଥିଲା।

## ୨୮ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

ଭୁବନେଶ୍ୱର, ୨୬।୪(ମହାଭାରତ): ଆଗାମୀ ଏପ୍ରିଲ୍ ୨୮ ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଏହି ସୋମବାର ଭୁବନେଶ୍ୱର, ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ।

# ଭୁବନେଶ୍ୱରରେ ରୋଜଗାର ମେଳା

## ୨୫୮ ଯୁବକଯୁବତୀଙ୍କୁ ସରକାରୀ ଚାକିରିର ନିଯୁକ୍ତି ପତ୍ର ବାଣ୍ଟିଲେ କେନ୍ଦ୍ର ମନ୍ତ୍ରୀ

ଭୁବନେଶ୍ୱର, ୨୬।୪(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଭାସୀ ମାଧ୍ୟମରେ ଦେଶର ୪୭ଟି ସ୍ଥାନରେ ଆୟୋଜିତ ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ନବନିଯୁକ୍ତ ଯୁବକଯୁବତୀଙ୍କୁ ସରକାରୀ ଯୋଜନାର ନିଯୁକ୍ତିପତ୍ର ବିତରଣ କରିଛନ୍ତି। ଏହିକ୍ରମରେ ଭୁବନେଶ୍ୱରସ୍ଥିତ ସିଏସଆଇଆର-ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମଏମଟି) ପରିସରରେ ଏକ ରୋଜଗାର ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର କର୍ପୋରେଟ୍ ବ୍ୟାପାର, ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ହର୍ଷ ମାଲହୋତ୍ରା ୨୫୮ ନବନିଯୁକ୍ତ ଯୁବକଯୁବତୀଙ୍କୁ ସରକାରୀ ଚାକିରିର ନିଯୁକ୍ତି ପତ୍ର ହସ୍ତାନ୍ତର କରିଛନ୍ତି।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀ ମାଲହୋତ୍ରା କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନାକ୍ରମେ



୨୦୨୨ ଠାରୁ ଆରମ୍ଭ ହୋଇଥିବା ରୋଜଗାର ମେଳାଗୁଡ଼ିକରେ ୧୦ ଲକ୍ଷରୁ ଅଧିକ ଯୁବକଯୁବତୀଙ୍କୁ ସରକାରୀ ଚାକିରି ଦିଆଯାଇସାରିଛି। ଆଜି ପଂଚଦଶ ରୋଜଗାର ମେଳା ଆୟୋଜନ କରାଯାଉଛି। ସେ ଆହୁରି କହିଥିଲେ, ମୋଦୀଜୀଙ୍କ ସୁଶାସନ ଏବଂ ଦୂରଦୃଷ୍ଟି କାରଣରୁ ପୂର୍ବ ସରକାରଙ୍କ ତୁଳନାରେ ବର୍ତ୍ତମାନର ସରକାର ଦେଢ଼ଗୁଣ ଅଧିକ ନିଯୁକ୍ତି ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାରୀ ନୀତିରେ ପାରଦର୍ଶିତା ଆସିଛି। ସୁଶାସନର ଅନେକ ନୂଆ ମାନଦଣ୍ଡ ପ୍ରତିଷ୍ଠା ହୋଇଛି। ବିଗତ ୧୦ ବର୍ଷ ମଧ୍ୟରେ ଦେଶର ଅନେକ ପ୍ରଗତି ହୋଇଛି। ଆଜି ଯେଉଁସବୁ ନିଷ୍ପତ୍ତି ନିଆଯାଉଛି ତାହାର ପ୍ରଭାବ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ଅନୁଭୂତ ହେବ। ଯୁବବର୍ଗ ଓ ମହିଳାଙ୍କ ସ୍ୱପ୍ନ ଶିଖର ଛୁଇଁଛି ଏବଂ ସେମାନଙ୍କର ଆକାଂକ୍ଷା ପୂରଣ ହେଉଛି। ଦେଶରେ ଆସିଥିବା ବ୍ୟାପକ ପରିବର୍ତ୍ତନ କାରଣରୁ ଦେଶର ନାଗରିକଙ୍କୁ ସବୁ ପ୍ରକାର ମୌଳିକ ସୁବିଧା ମିଳିପାରୁଛି। ଗାଁ ଲୋକମାନେ ମଧ୍ୟ ଆଜି ଡିଜିଟାଲ ସେବାର ଲାଭ ପାଇପାରୁଛନ୍ତି। ଦେଶର ଯୁବବର୍ଗ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିପାରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ମାଲହୋତ୍ରା ଆହୁରି କହିଥିଲେ, ସରକାରୀ କର୍ମଚାରୀମାନଙ୍କୁ କର୍ମଯୋଗୀରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଶନ କର୍ମଯୋଗୀ ଏବଂ ଆଇ-ଗଟ୍ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହି ପୋର୍ଟାଲରେ ୧୪ଶହରୁ ଅଧିକ ପାଠ୍ୟକ୍ରମ ରହିଛି। ଏସବୁ ପାଠ୍ୟକ୍ରମ ମାଧ୍ୟମରେ ସରକାରୀ କର୍ମଚାରୀମାନେ ସ୍ୱତନ୍ତ୍ର ସହାୟତା ଲାଭ କରିବା ସହିତ ନିଜ ଦକ୍ଷତାରେ ସୁଧାର ଆଣିପାରୁଛନ୍ତି। ଏବେ ସୁଦ୍ଧା ୧କୋଟିରୁ ଅଧିକ କର୍ମଚାରୀ ଏସବୁ ପାଠ୍ୟକ୍ରମର ଲାଭ ଉଠାଇସାରିଛନ୍ତି ବୋଲି ସେ ସୂଚନା ଦେଇଥିଲେ।

କାର୍ଯ୍ୟକ୍ରମରେ ସିଜିଏସଟି ଏବଂ ସୀମାଶୁଳ୍କ, ଭୁବନେଶ୍ୱର ପ୍ରାନ୍ତ ମୁଖ୍ୟ ଆୟୁକ୍ତ ଏମ.ଏସ. ରେଡ୍ଡୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର, ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ମୁଖ୍ୟ ଡାକପାଳ ନିର୍ମଳଜିତ ସିଂଙ୍କ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ଓ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନରମିଲା ପାକିସ୍ତାନ

**ନୂଆଦିଲ୍ଲୀ,୨୬।୪:** ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତର କାର୍ଯ୍ୟାନୁଷ୍ଠାନ ନେଇ ରାଗରେ ବିଲିବିଲାଉଥିବା ଓ ଧମକ ଦେଉଥିବା ପାକିସ୍ତାନ ଭୟରେ ନରମ ପଡ଼ିଯାଇଛି। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ବଡ଼ ବୟାନ ଦେଇଛନ୍ତି। ଯେଉଁଥିରେ ଭାରତ ସହ ଆଲୋଚନା ପାଇଁ ରାଜି ହେବାକୁ ପ୍ରସ୍ତୁତ ଥିବା କହିଛନ୍ତି। କେବଳ ପାକିସ୍ତାନ ନୁହେଁ ଆକ୍ରମଣରେ ପ୍ରମୁଖ ଦାୟୀ ଥିବା ଆତଙ୍କୀ ସଂଗଠନ ଟିଆରଏଫ ମଧ୍ୟ ପଛଘୁଞ୍ଚା ଦେଇଛି। ପହଲଗାମ ଆକ୍ରମଣରେ ସମ୍ପୃକ୍ତି ନେଇ ଲସ୍କର ସମର୍ଥିତ ସଂଗଠନ ଟିଆରଏଫର ଅସ୍ୱୀକାର କରିଛି।

ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ପାକିସ୍ତାନର ପ୍ରଧାନମନ୍ତ୍ର ଆକ୍ରମଣ ପରେ ଜାତୀୟ ସୁରକ୍ଷା କମିଟିର ଏକ ଜରୁରୀ ବୈଠକ ଡାକିଥିଲେ। ଏକ୍ସରେ ପ୍ରକାଶିତ ପୋଷ୍ଟ ଅନୁଯାୟୀ, ପାକିସ୍ତାନ ଭାରତର ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି ନିଜର ସାର୍ବଭୌମତ୍ୱ ଓ ଆଞ୍ଚଳିକ ଶାନ୍ତି ରକ୍ଷା ପାଇଁ କୂଟନୈତିକ, ଅର୍ଥନୈତିକ ଓ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ ଘୋଷଣା କରିଛି। ସରିଫ୍ କହିଛନ୍ତି, ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ନିରପେକ୍ଷ ତଦନ୍ତ ପାଇଁ ପ୍ରସ୍ତୁତ ଅଛୁ।ଏହି ପ୍ରସଙ୍ଗରେ ଯେକୌଣସି ପ୍ରକାରର ତଦନ୍ତ ପାଇଁ ଆମେ ପ୍ରସ୍ତୁତ। ଧମକପୂର୍ଣ୍ଣ ସ୍ୱରରେ ଶେହବାଜ ଆହୁରି କହିଛନ୍ତି, ଆମର ସେନା ଯୁଦ୍ଧ ପାଇଁ ପ୍ରସ୍ତୁତ ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ସକ୍ଷମ। ପ୍ରଧାନମନ୍ତ୍ରୀ ଜୋର ଦେଇ କହିଛନ୍ତି ଯେ ଆମର ସେନା ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ। ଆମେ ପାକିସ୍ତାନର ପ୍ରତ୍ୟେକ ଇଞ୍ଚ ଭୂମିକୁ ସୁରକ୍ଷା ଦେବୁ।ଶାନ୍ତି ଆମର ପ୍ରାଥମିକତା, କିନ୍ତୁ କେହି ଏହାକୁ ଆମର ଦୁର୍ବଳତା ବୋଲି ଭାବିବା ଉଚିତ ନୁହେଁ। ସିନ୍ଧୁ ଜଳ ଚୁକ୍ତିନାମାକୁ ବନ୍ଦ କରିବା ନେଇ ଭାରତର ଆଭିମୁଖ୍ୟ ଉପରେ ସେ ମୋଦିଙ୍କୁ ଧମକ ଦେଇଛନ୍ତି ଯେ, ଯଦି ପାଣି ବନ୍ଦ କରିବାକୁ କୌଣସି ପ୍ରୟାସ କରାଯାଏ ତେବେ ଏହାର ପୂର୍ଣ୍ଣ ଶକ୍ତିରେ ଜବାବ ଦିଆଯିବ।

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



ଖବର

# ଆସୁଛି ରାଣୀଙ୍କ ମର୍ଦାନୀ-୩



ଯଶରାଜ୍ ଫିଲ୍ମସର ସୁପରହିଟ୍ ଫ୍ରାଞ୍ଚାଇଜ୍ 'ମର୍ଦାନୀ' ଗତ ୧୦ ବର୍ଷ ଧରି ଦର୍ଶକଙ୍କ ହୃଦୟ ଜିତି ଆସୁଛି। ହିନ୍ଦୀ ସିନେମାର ସବୁଠାରୁ ବଡ଼ ନାରୀକେନ୍ଦ୍ରୀକ ଫ୍ରାଞ୍ଚାଇଜ୍ କୁହାଯାଉଥିବା ରାଣୀ ମୁଖାର୍ଜୀଙ୍କ ଅଭିନୀତ 'ମର୍ଦାନୀ' କେବଳ ବ୍ଲକ୍ବଷ୍ଟର୍ ହୋଇ ରହିନାହିଁ.ଯଶରାଜ୍ ଫିଲ୍ମସ୍ର ସୁପର୍ହିଟ୍ ଫ୍ରାଞ୍ଚାଇଜ୍ 'ମର୍ଦାନୀ' ଗତ ୧୦ ବର୍ଷ ଧରି ଦର୍ଶକଙ୍କ ହୃଦୟ ଜିତି ଆସୁଛି। ହିନ୍ଦୀ ସିନେମାର ସବୁଠାରୁ ବଡ଼ ନାରୀକେନ୍ଦ୍ରୀକ ଫ୍ରାଞ୍ଚାଇଜ୍ କୁହାଯାଉଥିବା ରାଣୀ ମୁଖାର୍ଜୀଙ୍କ ଅଭିନୀତ 'ମର୍ଦାନୀ' କେବଳ ବ୍ଲକ୍ବଷ୍ଟର୍ ହୋଇ ରହିନାହିଁ, ଦର୍ଶକୀୟ ଶ୍ରଦ୍ଧା ହାସଲ କରିବା ସହ ସିନେପ୍ରେମୀଙ୍କ ହୃଦୟରେ ସ୍ୱତନ୍ତ୍ର ଛାପ ଛାଡ଼ିଛି। ଫିଲ୍ମର ୨ଟି ଭାଗ ଇତିମଧ୍ୟରେ ରିଲିଜ୍ ହୋଇସାରିଥିବା ବେଳେ ଏବେ ଏହାର ତୃତୀୟ ଭାଗ ରିଲିଜ୍ ହେବାକୁ ଯାଉଛି।'ମର୍ଦାନୀ ୨'ର ରିଲିଜ୍ ବାର୍ଷିକୀରେ ଯଶରାଜ୍ ଫିଲ୍ମସ୍ ଆନୁଷ୍ଠାନିକ ଭାବେ 'ମର୍ଦାନୀ-୩'ର ରିଲିଜ୍ ସମୟ ଘୋଷଣା କରି ସିନେପ୍ରେମୀଙ୍କୁ ଉପହାର ଦେଇଛି। ଯଶ୍ରାଜ୍ ଫିଲ୍ମସ୍ ଇନ୍ଷ୍ଟା ଆକାଉଣ୍ଟରେ 'ମର୍ଦାନୀ-୩' ବିଷୟରେ ଘୋଷଣା କରାଯାଇ କ୍ୟାପ୍ସନ୍ରେ ଲେଖାଯାଇଛି, ''ଅପେକ୍ଷା ଶେଷ ହେଲା। ରାଣୀ ମୁଖାର୍ଜୀ 'ମର୍ଦାନୀ-୩'ରେ ଶିବାନୀ ଶିବାଜୀ ରୟ ଭାବରେ ଫେରୁଛନ୍ତି। ୨୦୨୬ ମସିହାରେ ଦେଖାହେବ ପ୍ରେକ୍ଷାଳୟରେ। ବେଶ୍ କିଛି ଦିନର ବ୍ୟବଧାନ ପରେ ଦର୍ଶକଙ୍କ ସାମ୍ନାକୁ ଫେରୁଥିବା ରାଣୀ କହିଛନ୍ତି ଯେ 'ମର୍ଦାନୀ-୩'ର ରୋମା□ ପୂର୍ବ ସମସ୍ତ ଭାଗ ଅପେକ୍ଷା ଢେର୍ ଅଧିକୟ ସେ ଆହୁରି କହିଛନ୍ତି, ଯେତେବେଳେ ଆମେ 'ମର୍ଦାନୀ-୩' ନିର୍ମାଣ ବିଷୟରେ ଚିନ୍ତାକଲୁ, ଆମର ଲକ୍ଷ୍ୟ ଥିଲା, ଏପରି ଏକ କାହାଣୀ ଖୋଜିବା, ଯାହା 'ମର୍ଦାନୀ' ଫ୍ରାଞ୍ଚାଇଜ୍'କୁ ଆହୁରି ଉଚ୍ଚସ୍ତରକୁ ନେଇଯିବ। ମୁଁ କାହାଣୀକୁ ନେଇ ବହୁତ ଉତ୍ସାହିତ ଏବଂ ଆଶା କରୁଛି ଯେ ଦର୍ଶକମାନେ ଏହାକୁ ଦେଖି ଉତ୍ସାହିତ ହେବେ।

## ପୌରାଣିକ ଅଶ୍ୱ ଉଚ୍ଚୈଶ୍ରବା



ଉଚ୍ଚୈଶ୍ରବା ଏକ ପୌରାଣିକ ଅଶ୍ୱ । ସମୁଦ୍ର ମନ୍ଥନରୁ ଏହାର ଉତ୍ପତି ହୋଇଥିଲା। ପୌରାଣିକ ମାନ୍ୟତା ଅନୁଯାୟୀ, ଉଚ୍ଚୈଶ୍ରବା ଅଶ୍ୱର ୭ଟି ମୁଖ ଥିଲା। ଅସୁର ରାଜା ବଳି ଏବଂ ଦେବରାଜ ଇନ୍ଦ୍ର ଏହି ଅଶ୍ୱର ଅଧିକାରୀ ହୋଇଥିଲେ ବୋଲି ପୁରାଣରେ ଭିନ୍ନ ଭିନ୍ନ ବର୍ଣ୍ଣନା ରହିଛି। "ଉଚ୍ଚୈଶ୍ରବା"ର ଅର୍ଥ ହେଉଛି ଯାହାର ଯଶ ଉଚ୍ଚରେ, ଯାହାର କାନ ଉର୍ଦ୍ଧ୍ୱମୁଖୀ ଏବଂ ଯିଏ ଉଚ୍ଚ ସ୍ୱରରେ ଶୁଣିଥାଏ । ଉଚ୍ଚୈଶ୍ରବା ଅଶ୍ୱର ବର୍ଣ୍ଣ ଶ୍ୱେତ ଥିଲା। ପୁରାଣରେ ବର୍ଣ୍ଣିତ ୧୪ଟି ରତ୍ନ ମଧ୍ୟରୁ ଉଚ୍ଚୈଶ୍ରବା ଅନ୍ୟତମ ଥିଲା। ସମୁଦ୍ର ମନ୍ଥନ ସମୟରେ କ୍ଷୀର ସାଗରରୁ ଏହି ୧୪ଟି ରତ୍ନ ଉତ୍ପନ୍ନ ହୋଇଥିଲେ। ଅମୃତ ଦ୍ୱାରା ଉଚ୍ଚୈଶ୍ରବାର ପୋଷଣ ହୋଇଥିଲା। ସେ ଅଶ୍ୱମାନଙ୍କର ରାଜା । ସମୁଦ୍ର ମନ୍ଥନରୁ ଉଚ୍ଚୈଶ୍ରବା ଅଶ୍ୱ ବ୍ୟତୀତ ଦେବୀ ଲକ୍ଷ୍ମୀ ଏବଂ ଚନ୍ଦ୍ରମାଙ୍କ ଉତ୍ପତି ମଧ ହୋଇଥିଲା। ଲକ୍ଷ୍ମୀଙ୍କ ପରେ ଉଚ୍ଚୈଶ୍ରବା ଅଶ୍ୱର ଉତ୍ପତ୍ତି ହେଲା। ଉଚ୍ଚୈଶ୍ରବା ଅଶ୍ୱ ପରେ ସମୁଦ୍ର ଗର୍ଭରୁ କୌସ୍ତୁଭ ମଣି ବାହାରିଥିଲା। ଏହି ମଣି ଭଗବାନ ବିଷ୍ଣୁଙ୍କ ହୃଦୟରେ ଶୋଭା ପାଇଥିଲା। ଉଚ୍ଚୈଶ୍ରବା ବ୍ୟତୀତ ସମୁଦ୍ର ମନ୍ଥନରୁ ଐରାବତ ହାତୀର ମଧ ଉତ୍ପତ୍ତି ହୋଇଥିଲା। ଯାହାର ଅଧିକାରୀ ହୋଇଥିଲେ ଦେବରାଜ ଇନ୍ଦ୍ର ।

## ଶ୍ରୀଜଗନ୍ନାଥଙ୍କ ଚକ୍ର

ଶ୍ରୀଜଗନ୍ନାଥଙ୍କ ଚକ୍ର

ଜଗନ୍ନାଥଙ୍କୁ ଅନେକ ଚକ୍ରୀ ବୋଲି କୁହାଯାଏ। କାରଣ ସେ ସଦାସର୍ବଦା ଚକ୍ର ଧାରଣ କରିଥାନ୍ତି। ବାମନ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ, ଦୁର୍ଦ୍ଧାନ୍ତ ଅସୁରମାନଙ୍କୁ ନିପାତ କରିବା ପାଇଁ ଏକ ବିଶେଷ ଶକ୍ତି ଦରକାର ବୋଲି ବିଷ୍ଣୁ ସବୁ ଦେବତାଙ୍କୁ ଜଣାଇଥିଲେ । ଫଳରେ ଦେବତାମାନେ ମିଶି ନିଜ ନିଜର ଶକ୍ତିଙ୍କୁ ଏକତ୍ରିତ କରି ଯେଉଁ ଆୟୁଧକୁ ସୃଷ୍ଟି କରିଥିଲେ ତାହାର ନାମ ଥିଲା ଚକ୍ରୀ। କିନ୍ତୁ ମତ୍ସ୍ୟ ପୁରାଣର ବର୍ଣ୍ଣନା ଅନୁସାରେ ସୂର୍ଯ୍ୟ ଦେବତା ନିଜର ତେଜ ଶକ୍ତିକୁ କିଛି ପ୍ରଶମିତ କରିବା ପାଇଁ ବିଷ୍ଣୁଙ୍କୁ ଆରାଧନା କରିଥିଲେ।



ତେଣୁ ବିଷ୍ଣୁ ସୂର୍ଯ୍ୟଙ୍କର ତେଜକୁ କିଛି ପ୍ରଶମିତ କରିଥିଲେ। ସେଥିରୁ ଯେଉଁ ଶକ୍ତି ସୂର୍ଯ୍ୟ ବାହାର କରିଥିଲେ ତାକୁ ୩ ଭାଗରେ ବିଭକ୍ତ କରି ଗୋଟିଏ ଭାଗକୁ ସୁଦର୍ଶନ ଚକ୍ର କରି ବିଷ୍ଣୁଙ୍କୁ ଦେଲେ, ଆଉ ଗୋଟିଏ ଅଂଶକୁ ତ୍ରିଶୂଳ ରୂପ ଦେଇ ରୁଦ୍ରଙ୍କୁ ଏବଂ ଆଉ ଗୋଟିଏ ଅଂଶକୁ ବଜ୍ରରୂପ ଦେଇ ଇନ୍ଦ୍ରଙ୍କ ହାତରେ ଅର୍ପଣ କରିଥିଲେ। ତେଣୁ ଏହିଠାରୁ ସୁଦର୍ଶନ ଚକ୍ର ଆର୍ବିଭୂତ ହୋଇଥିଲା। ଏହି ଚକ୍ର, ବିଷ୍ଣୁଙ୍କ ନିର୍ଦ୍ଦେଶକୁ କେବେ ଅବମାନନା କରେ ନାହିଁ। ଏଥିରେ ସମସ୍ତ ପାପରାଶି, ଆସୁରିକ ପ୍ରକୃତି ଓ ସମସ୍ତ ବିଘ୍ନ ବିନାଶ ହୋଇଥାଏ। ଏହା ସର୍ବଶକ୍ତିମାନ ଆୟୁଧ ଯାହା ଜଗନ୍ନାଥଙ୍କ ବାମ ପାଖରେ ପୂଜା ପାଇଥାନ୍ତି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାରେ ସୁଦର୍ଶନ ଚକ୍ରର ବିଶେଷ ମହତ୍ତ୍ୱ ରହିଛି । ଏହା ଶ୍ରୀଜିଉଙ୍କ ଅବିଚ୍ଛେଦ୍ୟ ଅଂଶ ।

# ମହର୍ଷି ବଶିଷ୍ଠଙ୍କ ଉଦାରତା

ଦିଗବିଜୟ ପରେ ରାଜା କୌଶିକ ରାଜଧାନୀ ଅଭିମୁଖେ ଫେରୁଥିଲେ। ବାଟରେ ବ୍ରହ୍ମଜ୍ଞାନୀ ମହର୍ଷି ବଶିଷ୍ଠଙ୍କ ଆଶ୍ରମ ପଡ଼ିଲା। ଭାବିଲେ, ମହାମୁନିଙ୍କ ଦର୍ଶନ କରିଦେଇଯିବେ। ଆଶ୍ରମ ଦ୍ୱାର ଦେଶରେ ପହଞ୍ଚିବା ପରେ ବଶିଷ୍ଠ ତାଙ୍କୁ ଭିତରକୁ ଆସି ଅନ୍ନ ଗ୍ରହଣ କରିବା ଲାଗି ଅନୁରୋଧ କଲେ। କୌଶିକ କହିଲେ, ମୁଁ ଏକା ନାହିଁ । ମୋ ସହିତ ଲକ୍ଷ ଲକ୍ଷ ସୈନ୍ୟ ହାତୀ, ଘୋଡ଼ା ରହିଛନ୍ତି । ଆପଣଙ୍କୁ ଅସୁବିଧା ହେବ। ବଶିଷ୍ଠ କହିଲେ, କିଛି ଅସୁବିଧା ନାହିଁ ! ଆପଣ ଆସନ୍ତୁ। ବଶିଷ୍ଠଙ୍କ ନିକଟରେ ଗୋମାତା କାମଧେନୁଙ୍କ ବାଛୁରୀ ନନ୍ଦିନୀ ଥିଲେ। ସେ କୌଶିକଙ୍କ ସମସ୍ତ ସେନାବାହିନୀ ଓ ହାତୀଘୋଡ଼ା ପାଇଁ ଖାଦ୍ୟ ଯୋଗାଡ଼ କରିଦେଲେ। ଏହା ଦେଖି ରାଜା କୌଶିକ ଆଶ୍ଚର୍ଯ୍ୟ ହେଲେ। ଯିବା ବେଳେ ଋଷି ବଶିଷ୍ଠ ତାଙ୍କୁ ଉପହାର ଯାଚିଲେ। ରାଜା କହିଲେ, ଆପଣ ଯଦି କିଛି ଦେବାକୁ ଚାହୁଁଛନ୍ତି, ତା'ହେଲେ ମୋତେ ଏହି ନନ୍ଦିନୀ ଗୋମାତାଙ୍କୁ ଦିଅନ୍ତୁ। କିନ୍ତୁ ବଶିଷ୍ଠ କହିଲେ, ଆପଣ ରାଜା ! ଆପଣଙ୍କ ପାଖରେ ସମସ୍ତ ସମ୍ବଳ ରହିଛି। ମୁଁ ଋଷି ! ସବୁକିଛି ତ୍ୟାଗ କରି ସନ୍ନ୍ୟାସୀ ଜୀବନଯାପନ କରୁଛି। ତେଣୁ ମୋର ସମ୍ବଳ ହେଉଛନ୍ତି ଏହି ନନ୍ଦିନୀ ଗୋମାତା। ତେଣୁ ମୁଁ ଏହାଙ୍କୁ ଆପଣଙ୍କୁ ଦେଇପାରିବି ନାହିଁ । ତା'ଛଡ଼ା ଗୋମାତା ନନ୍ଦିନୀ ଆପଣଙ୍କ ରାଜ୍ୟରେ ରହିଲେ ହୁଏତ' ଅନ୍ୟ କେଉଁ ରାଜା ଆପଣଙ୍କ ରାଜ୍ୟ ଉପରେ ଆକ୍ରମଣ କରିପାରନ୍ତି। ବଶିଷ୍ଠ ଏପରି ଅନେକ ବୁଝାଇଲେ ସୁଦ୍ଧା କୌଶିକ ବୁଝିଲେ ନାହିଁ। ସେ ବଳପୂର୍ବକ ନନ୍ଦିନୀଙ୍କୁ ନେଇଯିବା ଲାଗି ପ୍ରୟାସ କଲେ। ହେଲେ ନନ୍ଦିନୀଙ୍କ ଶରୀରରୁ ଲକ୍ଷ ଲକ୍ଷ ସୈନ୍ୟ ବାହାରିଲେ। ସେମାନେ କୌଶିକଙ୍କ ସେନାବାହିନୀର ବିନାଶ କଲେ। କୌଶିକଙ୍କୁ ପରାଜିତ ହୋଇ ଫେରିଯିବାକୁ ପଡ଼ିଲା। ଏହି ଘଟଣା କୌଶିକଙ୍କ ମନରେ ଗଭୀର ରେଖାପାତ କଲା। ସେ ରାଜ୍ୟସିଂହାସନ ତ୍ୟାଗ କରି କଠୋର ତପସ୍ୟା କଲେ। ବଶିଷ୍ଠଙ୍କ ପରି ବ୍ରହ୍ମଜ୍ଞାନୀ ହେବା ଲାଗି ତାଙ୍କ ମନରେ ଇଚ୍ଛା ଜାଗ୍ରତ ହେଲା। ସିଦ୍ଧି ପ୍ରାପ୍ତ କରିବା ପରେ ସେ ପୁଣି ବଶିଷ୍ଠଙ୍କ ଆଶ୍ରମକୁ ଫେରିଲେ। ସେତେବେଳେ ସେ ବିଶ୍ୱମିତ୍ରଙ୍କ ନାମରେ ପରିଚିତ ହୋଇସାରିଥିଲେ। ସିଦ୍ଧି ମିଳିଥିଲା କିନ୍ତୁ ଅହଂକାର ଯାଇନଥିଲା। ବଶିଷ୍ଠଙ୍କ ଆଶ୍ରମରୁ ପୁଣି ନନ୍ଦିନୀଙ୍କୁ ନେବା ଲାଗି ପ୍ରୟାସ କଲେ। ବଶିଷ୍ଠଙ୍କ ପୁତ୍ରମାନଙ୍କ ସହ ତାଙ୍କର ମୁହାଁମୁହିଁ ହେଲା। କୌଶିକ ସମସ୍ତଙ୍କୁ ହତ୍ୟା କଲେ। ବଶିଷ୍ଠ ଓ ତାଙ୍କ ପତ୍ନୀ ଜୀବନରେ ଦୁଃଖର କଳାବାଦଲ ଘୋଟି ଆସିଲା। ତଥାପି ଉଦାର, କ୍ଷମାଶୀଳ ବଶିଷ୍ଠ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ । ବିଶ୍ୱାମିତ୍ରଙ୍କୁ ଏଥର ମଧ ଖାଲି ହାତରେ ଫେରିଯାଇଥିଲେ। କାରଣ ସେତେବେଳକୁ ଗୋ-ମାତା ନନ୍ଦିନୀ ସ୍ୱର୍ଗପୁରୀକୁ ଚାଲିଯାଇଥିଲେ। ଅନ୍ୟପଟେ ବିଶ୍ୱାମିତ୍ରଙ୍କ ଏହି କୃତକର୍ମକୁ ଦେବତା, ଋଷି-ମୁନି ସମସ୍ତେ ବିରୋଧ କଲେ। ବିଶ୍ୱାମିତ୍ରଙ୍କ ଚେତା ପଶିଲା। ଅହଂକାରବଶତଃ ମହର୍ଷି ବଶିଷ୍ଠଙ୍କର ସେ ଯେଉଁ କ୍ଷତି କରିଛନ୍ତି ତା'ର ପ୍ରାୟଶ୍ଚିତ କରିବା ଲାଗି ସେ ପୁଣିଥରେ ତପସ୍ୟା କରିବା ଲାଗି ନିଷ୍ପତ୍ତି ନେଲେ। ହଜାର ହଜାର ବର୍ଷ ପର୍ଯ୍ୟନ୍ତ କଠୋର ତପସ୍ୟା ଚାଲିଲା। ତାଙ୍କର ତପଶକ୍ତି ଏତେ ପ୍ରଖର ହୋଇଗଲା ତା'ର ପ୍ରଭାବ ତିନି ପୁରରେ ବ୍ୟାପିଗଲା। ଶେଷରେ ବିଶ୍ୱାମିତ୍ର ତପଭଙ୍ଗ କରି ମହର୍ଷି ବଶିଷ୍ଠଙ୍କୁ କ୍ଷମା ଯାଚନା କରିବା ଲାଗି ମନସ୍ଥ କଲେ। ତେଣୁ ସେ ବଶିଷ୍ଠ ମୁନିଙ୍କ ଆଶ୍ରମ ଅଭିମୁଖେ ଚାଲିଲେ । ସେଠାରେ ପହଞ୍ଚିବା ସମୟରେ ସନ୍ଧ୍ୟା ହୋଇସାରିଥିଲା। ଆଶ୍ରମରେ ମହର୍ଷି ବଶିଷ୍ଠ ଏବଂ ପତ୍ନୀ ଅରୁନ୍ଧତୀ ବସିଥିଲେ। ଅରୁନ୍ଧତୀ କହୁଥିଲେ, ସ୍ୱାମୀ ! ଆଜି ଆକାଶରେ ଚନ୍ଦ୍ରଙ୍କ ଆଲୋକ କେତେ ସୁନ୍ଦର ଦିଶୁଛି। ଘନ ଅନ୍ଧାର ରାତ୍ରୀ ଚନ୍ଦ୍ରଙ୍କ ଆଲୋକରେ ଆଲୋକିତ ହୋଇ ଉଠୁଛି। ଚତୁର୍ଦ୍ଦିଗ ପ୍ରକାଶମାନ ହୋଇଉଠୁଛି । ତାଙ୍କ କଥା ଶୁଣି ମହର୍ଷି ବଶିଷ୍ଠ କହିଲେ, ନା ଦେବୀ ! ପ୍ରକାଶ ଦେଖିବାର ଅଛି ତ' ମହର୍ଷି ବିଶ୍ୱାମିତ୍ରଙ୍କ ତପସ୍ୟାର ପ୍ରକାଶକୁ ଦେଖ। ଯାହା ଏବେ ତିନି ପୁରରେ ବ୍ୟାପିଯାଇଛି। ମହର୍ଷି ବଶିଷ୍ଠଙ୍କ ଉପମା ଶୁଣି ବିଶ୍ୱାମିତ୍ର ତୁରନ୍ତ ଯାଇ ତାଙ୍କ ପାଦ ତଳେ ପଡ଼ିଗଲେ। ସେ କରିଥିବା ପାପ ପାଇଁ ତାଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେବା ଲାଗି ପ୍ରାର୍ଥନା କଲେ। ମହର୍ଷି ବଶିଷ୍ଠ କିନ୍ତୁ ତାଙ୍କୁ କ୍ଷମା ଦେଲେ। ଅନ୍ୟପଟେ ତପଶକ୍ତି ପାଇଁ ତାଙ୍କୁ ବ୍ରହ୍ମର୍ଷି ପଦବୀ ପ୍ରଦାନ କଲେ ।



## କଦଳୀ ନିୟମିତ ଖାଇବା କ୍ଷତିକାରକ !

କଦଳୀ ଏମିତି ଏକ ଫଳ ଯାହା ପ୍ରାୟ ଅଧିକାଂଶ ଲୋକଙ୍କୁ ପସନ୍ଦ। ସାରା ଦୁନିଆରେ ସର୍ବାଧିକ ଖିଆଯାଉଥିବା ଫଳ ହେଲା କଦଳୀ। କଦଳୀର ଅନେକ



ସ୍ୱାସ୍ଥ୍ୟଗତ ଫାଇଦା ମଧ ରହିଛି। ଏହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ତାଛଡା ଶ୍ୱାସ ରୋଗ ଓ କ୍ୟାନସର ରୋଗୀଙ୍କ ପାଇଁ ମଧ ପ୍ରଭାବଶାଳୀ। କଦଳୀର ଅନେକ ଲାଭ ରହିଛି। ତେବେ କୌଣସି ବି ଜିନିଷ ଅଧିକ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ସେହିଭଳି ଅଧିକ ମାତ୍ରାରେ କଦଳୀ ସେବନ ମଧ ଶରୀର ପାଇଁ ହାନିକାରକ ହୋଇଥାଏ। ଅଧିକ କଦଳୀ ସେବନ କରିବା ଦ୍ୱାରା ଓଜନ ବଢିଥାଏ। ଓଜନ ବଢିବା ଚିନ୍ତାଜନକ ବିଷୟ। ମୁଖ୍ୟତଃ ସନ୍ଧ୍ୟା ସମୟରେ କଦଳୀ ସେବନ କରିବା କିମ୍ବା ଅଧିକ ମାତ୍ରାରେ କଦଳୀ ସେବନ କଲେ ଶରୀରରେ ଏକ୍ସଟ୍ରା ଫ୍ୟାଟ ସୃଷ୍ଟି କରିଥାଏ ଯାହା ଶରୀର ପାଇଁ ହାନିକାରକ ପ୍ରମାଣିତ ହୋଇପାରେ। ଯଦି ଆପଣ ଓଜନ ବଢାଇବାକୁ ଚାହୁଁଛନ୍ତି ତାହେଲେ କଦଳୀ ସର୍ବୋତ୍ତମ। କଦଳୀରେ ପ୍ରାକୃତିକ ଶର୍କରା ବା ନାଚୁରାଲ ସୁଗାର ରହିଛି। ସେଥିପାଇଁ ଅଧିକ କଦଳୀ ସେବନ କ୍ଷତିକାରକ ହୋଇପାରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଘାତକ ପ୍ରମାଣିତ ହୋଇପାରେ। ଶ୍ୱାସ ରୋଗୀ କଦଳୀ ସେବନ କରିବା ଅନୁଚିତ। ଯଦି ଆପଣ ଜିମରେ ବ୍ୟାୟମ କରୁଛନ୍ତି କିମ୍ବା ଦୌଡୁଛନ୍ତି ତେବେ ଦିନକୁ ୩-୪ କଦଳୀ ଆପଣଙ୍କ ପାଇଁ ସ୍ୱାସ୍ଥ୍ୟକର। କିନ୍ତୁ ଯଦି ଆପଣ କିଛି ଓ୍ୱାର୍କଆଉଟ କିମ୍ବା ବ୍ୟାୟାମ କରୁନାହାନ୍ତି ତାହେଲେ ଦିନକୁ ଗୋଟିଏ କିମ୍ବା ଦୁଇଟି କଦଳୀ ସେବନ କରିପାରିବେ।

# ଇଭିଏମର ଆବଶ୍ୟକତା

୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ବିଜେପି କ୍ଷମତାସୀନ ହେବା ପରଠାରୁ ଇଭିଏମ ଉପରେ ବିରୋଧୀ ରାଗ ସୁଝାଉଛନ୍ତି। କଂଗ୍ରେସ ଏବଂ ଏହାର ସହଯୋଗୀ ଦଳମାନେ ଯେତେବେଳେ ନିର୍ବାଚନରେ ପରାଜିତ ହେଉଛନ୍ତି, ସେତେବେଳେ ସେମାନେ ଇଭିଏମ ଜାଲିଆତି ପ୍ରସଙ୍ଗ ଉଠାଉଛନ୍ତି। କିନ୍ତୁ ସବୁ ନିର୍ବାଚନରେ ସବୁ ସ୍ଥାନରେ ବିଜେପି ଜିତୁଛି, ସେକଥା ନୁହେଁ। ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନରେ କଂଗ୍ରେସ, ଟିଏମସି, ଆପ, ଡିଏମକେ ଭଳି ଦଳମାନେ ଜିତୁଛନ୍ତି। ଯଦି ବିଜେପି ଇଭିଏମ ଟାମ୍ପରିଂ କରି ନିର୍ବାଚନ ଜିତୁଛି, ତେବେ ଏଥର ନିର୍ବାଚନରେ ବିଜେପି କାହିଁକି ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରିପାରିଲା ନାହିଁ? କାହିଁକି ୟୁପି, ମହାରାଷ୍ଟ୍ରରେ ହାରିଲା? ଉଭୟ ରାଜ୍ୟରେ ମଧ୍ୟ ବିଜେପି ସରକାର କ୍ଷମତାରେ ରହିଛନ୍ତି। ଇଭିଏମ ଟାମ୍ପରିଂ ସମ୍ଭବ ନୁହେଁ ଏବଂ ଆଜି ପର୍ଯ୍ୟନ୍ତ କେହି ଏହକୁ ପ୍ରମାଣିତ କରିପାରିନାହାଁନ୍ତି, ଏହାକୁ ନିର୍ବାଚନ କମିଶନ ବାରମ୍ବାର କହିବା ସତ୍ତ୍ୱେ ଏହାକୁ ବିରୋଧୀ ମାନିବାକୁ ନାରାଜ। କଥାରେ ଅଛି ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ? ନିଜ ଦୋଷ ଦୁର୍ବଳତାକୁ ଘୋଡ଼ାଇବା ପାଇଁ ଅନ୍ୟକୁ ଦୋଷ ଦେବା କଂଗ୍ରେସର ପ୍ରକୃତି। ନିକଟରେ ଟେସଲା ମୁଖ୍ୟ ଏଲନ ମସ୍କ ଇଭିଏମ ଟାମ୍ପରିଂ କରାଯାଇପାରିବ ବୋଲି କହିବା ପରେ ଏହାକୁ ନେଇ ପୁଣି ବିବାଦ ଆରମ୍ଭ ହୋଇଛି। ମସ୍କଙ୍କ ଏଭଳି ଅଯଥା ଏବଂ ବିବାଦୀୟ ମନ୍ତବ୍ୟକୁ କଂଗ୍ରେସ ସ୍ୱାଗତ କରିଛି। ଏହା ସ୍ୱାଭାବିକ। କାରଣ ମସ୍କଙ୍କ ମନ୍ତବ୍ୟ କଂଗ୍ରେସକୁ ସୁହାଉଛି। ଇଭିଏମ ଟାମ୍ପରିଂ ହୋଇପାରିବ ଏକ ଭିନ୍ନ ମତ, କିନ୍ତୁ ଭାରତରେ ଇଭିଏମ ଟାମ୍ପରିଂ ହୋଇଛି ବୋଲି ସେ କହି ନାହାଁନ୍ତି। ମସ୍କଙ୍କ ମନ୍ତବ୍ୟକୁ ସମର୍ଥନ କରି ରାହୁଲ କହିଛନ୍ତି ଯେ, ଭାରତରେ ଇଭିଏମ ହେଉଛି ଏକ ବ୍ଲାକବକ୍ସ। ତାଙ୍କର ଏହି ମନ୍ତବ୍ୟ ଦୁର୍ଭାଗ୍ୟଜନକ। ସେ ଏଭଳି ମନ୍ତବ୍ୟ ଦେଇ ପ୍ରମାଣିତ କରିଛନ୍ତି ଯେ, ସେ ଭାରତର ପ୍ରଧାନମନ୍ତ୍ରୀ ହେବାକୁ ଯୋଗ୍ୟତା ହାସଲ କରି ନାହାଁନ୍ତି। ଗତ ଏପ୍ରିଲ ମାସରେ ଭିଭିପାଟ ଯାଞ୍ଚ ଦାବି କରି ଆଗତ ଏକାଧିକ ପିଟିସନକୁ ସୁପ୍ରିମକୋର୍ଟ ଖାରଜ କରିଥିଲେ। ଏହା ସହିତ ଇଭିଏମର ସ୍ୱଚ୍ଛତା ନେଇ ଯେଉଁସବୁ ପ୍ରଶ୍ନବାଚୀ ଏବଂ ସନ୍ଦେହ ସୃଷ୍ଟି ହୋଇଛି ତାହା ନିରାଧର ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହା ପୂର୍ବରୁ ଇଭିଏମ ପରିବର୍ତ୍ତେ ଦେଶରେ ପୁନର୍ବାର ପୁରୁଣା ବାଲଟ ପେପର ମାଧ୍ୟମରେ ଭୋଟିଂ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିସନକୁ କୋର୍ଟ ଖାରଜ କରିଥିଲେ। ଆଉ ପୁରୁଣା ବ୍ୟବସ୍ଥାକୁ ଯିବାର ଚିନ୍ତାଧାରାକୁ ସୁପ୍ରିମକୋର୍ଟ ନାପସନ୍ଦ କରିଛନ୍ତି। ଇଭିଏମ ଏକ ସମ୍ପୂର୍ଣ୍ଣ ସୁରକ୍ଷିତ ବ୍ୟବସ୍ଥା ଏବଂ ଏହା ଦ୍ୱାରା ନିର୍ବାଚନ ପରିଚାଳନା ସହଜ ଏବଂ ସରଳ ହୋଇଛି। ମତଦାନ ହାର ବଢ଼ିଛି, ଭୋଟ ନାକଚ ଶତ ପ୍ରତିଶତ ଦୂର ହୋଇଛି। ଭୋଟ ଗଣତି ଅତି ଶୀଘ୍ର ସମ୍ଭବ ହୋଇପାରିଛି। ଇଭିଏମ ଟାମ୍ପରିଂ ସନ୍ଦେହ ସମ୍ପୂର୍ଣ୍ଣ ନିରାଧାର ବୋଲି ବିଶେଷଜ୍ଞମାନେ କହିଛନ୍ତି। ଭାରତରେ ୯୭ କୋଟି ମତଦାତାଙ୍କ ଲାଗି ବାଲଟ ପେପର ବ୍ୟବସ୍ଥା କରିବା ଏବଂ ଏହାକୁ ଗଣତି କରିବା ଏକ କଷ୍ଟକର ଏବଂ ସମୟସାପେକ୍ଷ କାର୍ଯ୍ୟ। ୟୁରୋପର ଛୋଟ ଛୋଟ ଦେଶରେ ଏହା ସମ୍ଭବ। ଭାରତ ଭଳି ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ରରେ ଇଭିଏମର ଆବଶ୍ୟକତା ନିହାତି ଜରୁରୀ। ଡିଜିଟାଲ ଯୁଗରେ ବାଲଟ ପେପର ଗ୍ରହଣୀୟ ନୁହେଁ। ଯଦି ଇଭିଏମ ବଦଳରେ ବାଲଟ ପେପର ମାଧ୍ୟମରେ ଭୋଟ ଗ୍ରହଣ ହୁଏ ତେବେ ବ୍ୟାଙ୍କ ଏଟିଏମ ଏବଂ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ଦାବି ଉଠିବ।

# ବିଛାମନ୍ତ୍ର ନଜାଣି ସର୍ପଗର୍ତ୍ତରେ ହାତ


॥ ଅଜୟ କୁମାର ବେହେରା ॥


> ଶନି କାଳକୋର୍ଟ ପରିଧାନକାରୀ, ଅପରାଧ କମ କରିଲେ କୋର୍ଟ ଦୌଡ଼ା ଓକିଲ ପରାମର୍ଶ ଭୋଗିବାକୁ ପଡ଼େ। ରେଲେରେ ସଠିକ ଟିକେଟ ନକରି ଯାତ୍ରା କରୁଥିଲେ କାଳିଆ କୋର୍ଟ ପିନ୍ଧିବାବୁଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ। ଚୋରମାନେ କଳାକନା ବୁଲାନ୍ତି। ନିଜର ଦ୍ରବ୍ୟ ପ୍ରତି ଉପଯୁକ୍ତ ରକ୍ଷଣା ବ୍ୟକ୍ଷଣା ବ୍ୟବସ୍ଥା ନକରିଥିଲେ ଗହଣା ପିନ୍ଧିଲେ ଦେଖେଇ ଚାଲରେ ଏଇ କଳାକନା ବୁଲାଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ।ଯେ ପାଞ୍ଚେ ପରମନ୍ଦ ତା ମନ୍ଦ ପାଞ୍ଚନ୍ତି ଠେଙ୍ଗାବାଡ଼ି।

ପ୍ରତି ଏ ସମୟରେ ମୋବାଇଲ ଫୋନରେ ହ୍ୱାଟସପ୍ ମଞ୍ଚରେ ବହୁ ଜ୍ୟୋତିଷୀ ତାଙ୍କର ବିଶେଷ ରୋଜଗାର ପାଇ ଟଚମଚ ଦେଖାଇ ଏକ ଏକ ରାଶିର ଭଲ ବା ମନ୍ଦ କହିବା ଦେଖାଯାଉଛି। ପ୍ରକୃତରେ ଏହାସବୁ ରାଶିର ଫଳ ମାତ୍ର। ସଂସାର ସୃଷ୍ଟି ଠାରୁ ଏ ପର୍ଯ୍ୟନ୍ତ ବା ଫଳିତ ଜ୍ୟୋତିଷରେ ଗଣିତ ଜ୍ୟୋତିଷ ସିଦ୍ଧାନ୍ତ ରାଶି କ୍ଷେତ୍ରରେ ଗ୍ରହ ସଞ୍ଚାର ହେଉଛନ୍ତି ଏହା ଉପରେ ବିଭିନ୍ନ ପ୍ରକାରେ ଫଳାଫଳର ଅନୁମାନ କରାଯାଇ ଜ୍ୟୋତିଷୀ ବୟାନ ଦିଆଯାଇ ଆସୁଛି।

ଏ ସମୟରେ କୁମ୍ଭ ରାଶିରୁ ଶନି ମୀନ ରାଶିକୁ ସଞ୍ଚାର କଲେ ବହୁ ମାଳିକା ପ୍ରବଚକ କହି ଚାଲିଛନ୍ତି ମୀନ ଶନି ବହୁ ପ୍ରକାର ଧ୍ୱଂସ ସୃଷ୍ଟି କରିବ। ଏଣେ ଫଳିତ ଜ୍ୟୋତିଷରେ ରାଶିଫଳ ବୟାନ ବର୍ତ୍ତମାନେ ଶନିଙ୍କର ଏପରି ସ୍ଥିତି କିଛି ରାଶି ଅଭୂତପୂର୍ବ ହାନି କରାଇବ। ଶନିଙ୍କର ସପ୍ତା, ଢ଼ାୟା ଲୁହା ପାଦର ଶନି ଯୋଗୁ ରାଶି ଗୁଡ଼ିକର ଘୋର ସଂକଟ କରିବ। ଏମିତି ଏଇ ମନ୍ଥର ଗତିର ଗ୍ରହ ୩୦ ବର୍ଷର ରାଶି ଚକ୍ର ପରିକ୍ରମାରେ ପ୍ରାୟ ବ୨୭/୬ମାସ ପରେ ୧/୧ ରାଶିରେ ପ୍ରବେଶ କରି ପ୍ରାୟ ବ୨/୬ ମାସ ରହନ୍ତି। ଏକ ରାଶି ୩୦ ଅଂଶ ୩୬୦ ଅଂଶ ରାଶି ଚକ୍ରରେ ଭଗୀଦାର ବ୨/୬ ମାସ ଅର୍ଥ ୩୦ ମାସ, ଶନି ପଙ୍ଗୁଗ୍ରହ ଯୋଗୁ ୧ମାସକୁ ୧ଅଂଶ ପ୍ରାୟ ଆଗାନ୍ତି। ପୁଣି ଏ ମଧ୍ୟରେ ରବିଙ୍କ ଯୋଗୁଁ ଅସ୍ତ ବକ୍ରୀ ହୋଇଥାନ୍ତି। ଅଷ୍ଟବର୍ଗ ପଦ୍ଧତିରେ ପ୍ରତିଜାତକରେ ସର୍ବାଷ୍ଟକ ବର୍ଗରେ ଯଦି ଗ୍ରହର ଶୁଭବିନ୍ଦୁ ରାଶିଟିରେ ଥାଏ ବା ଶନି ଅଷ୍ଟକ ବର୍ଗରେ ଧାର୍ଯ୍ୟ ଶୁଭ ୮ ବିନ୍ଦୁରେ ୮ ବିନ୍ଦୁ ବା ସେହିପରି ୭/୬/୫/୪ ବିନ୍ଦୁ ପ୍ରାପ୍ତ ହୋଇଥାନ୍ତି। ୩ ଏକ ରାଶିରେ ୮ କକ୍ଷା ଅଛି। ଯାହା ୩ ଅଂଶ ୪୫ କଳ, ଏକକରେ ଏକ ଏକ କକ୍ଷା। ଯଦି ଏ ମଧ୍ୟରେ ଶୁଭ ଗ୍ରହର ଶୁଭ କକ୍ଷାରେ ଶନି ଗତି କରିବେ ତେବେ ଲୋକଟି ସମସ୍ତଙ୍କ ଠାରୁ ଅଲଗା ଶୁଭଫଳ ପାଇପାରିବେ। ଯଦି କିଛି ଶୁଭ କକ୍ଷା ଥାଏ ତେବେ ସେହି କକ୍ଷାରେ ଶନି ଭଲ ଫଳ ହିଁ ଦେଇପାରନ୍ତି। ୩ ଅଂଶ ୪୫ କକ୍ଷ ପାଇଁ ଶନି ପ୍ରାୟ ମାମ୍।/୨୧ ଦିନ ଶୁଭ କକ୍ଷାରେ ଶୁଭ ଫଳ ଅଶୁଭ କକ୍ଷାରେ ଅଶୁଭ ଫଳ ଦେଇପାରନ୍ତି। ଏହା କେବେ ହେଲେ ସମସ୍ତଙ୍କ ପାଇଁ ଏକ ଫଳ ହୋଇନପାରେ। ୧୨ରାଶିରେ ବିଭିନ୍ନ ପ୍ରକାରେ ବିଭିନ୍ନ ଭାବ ରହିଛି। ଯାହା ଲଗ୍ନରୁ ୧୨ଶ ଭାବ ଲୋକଟିର ଜାତକରେ କେଉଁ ଭାବକୁ ଚଳନୀୟ ଶନି କେଉଁ କେଉଁ ଭାବରେ ଅଧିକାରୀ ହୋଇ ସ୍ଥିର ଭାବକୁ ଆକ୍ରାନ୍ତ କରୁଛନ୍ତି ଏହା ବ୍ୟକ୍ତିଗତ ବିଚାର।

୩୦ ବର୍ଷରେ ଶନି ୩୬୦ ଅଂଶର ଚକ୍ର ପୂର୍ଣ୍ଣ କରୁଥିବାରୁ ପ୍ରତି ବ୍ୟକ୍ତିଙ୍କର ୩୦/୬୦/୯୦/୧୨୦ ବର୍ଷରେ ଥରେ ଥରେ ଜନ୍ମ ରାଶି ଓ ଉଦିଷ୍ଟା ଭାବକୁ ଆସିଯାଆନ୍ତି। ପୁଣି ଶନିଙ୍କର କଣ ସବୁ ଗ୍ରହଙ୍କର ଦୃଷ୍ଟି ୭ମକୁ ଅଛି। ଶନି ଦୃଷ୍ଟିକୁ ଖରାପ କୁହାଯାଏ ଯଦି ପ୍ରତି ବ୧୫ ବର୍ଷରେ ଶନିଙ୍କ ଠାରୁ ଶନି ସ୍ୱସ୍ଥାନରୁ ୭ମରେ ରହିଥାନ୍ତି। ଏହି ସ୍ଥଳରେ ୧୫/୪୫/୭୫/୧୦୫ ବର୍ଷରେ ଶନି ସ୍ଥିତ ସ୍ଥାନ ଯାହା ଜନ୍ମ ଜାତକରେ ଅଛି ସେ ସ୍ଥାନକୁ ଦୃଷ୍ଟିରେ ନିର୍ଦ୍ଦିଷ୍ଟ ବୟସ ଭୋଗ ହେଉଥିବ। ଚାଣକ୍ୟ ନୀତିରେ ଅଛି ଲାଳୟତ ପଞ୍ଚ ବର୍ଷାଣି। ଏହାର ଅର୍ଥ ଜନ୍ମ କାଳ ଶନି ଠାରୁ ୨ୟ ଘର ଗତି ଯାଏ ଜନ୍ମ ଜାତକକୁ ଲାଳନ କରିବ। ଏ ସମୟରେ ଶିଶୁର ଶରୀର ଏତେ ବିକଶିତ ହୋଇଥାଏ ମାନସ୍ତିକ ସ୍ତରରେ ତାର ବୋଧଶକ୍ତି ନଥାଏ। ଏ ସମୟରେ ତାକୁ ସ୍ନେହ ଶ୍ରଦ୍ଧା ଦେଇ ସେବା ଶୁଶ୍ରୁଷା କରି ରୋଗ ଚିକିତ୍ସା କରି ଆଗକୁ ବଢ଼ାଯାଏ। ଏହାପରେ ସେ ପାଠ ପଢ଼ିବା ପାଇଁ ବିଦ୍ୟାୟତନ ବା ଗୁରୁ ଗୃହ କୁହାଯାଏ ସାଙ୍ଗ ସାଥିଙ୍କ ସହିତ ମିଳିଥାଏ ମାନସିକ ବିକାଶ ପାଇଁ ପରିବେଶ ସୃଷ୍ଟି କରାଯାଏ। ଏହାର ଚାଣକ୍ୟ ବାଖ୍ୟା ତାୟେତ ଦଶ ବର୍ଷାଣି। ବ୫ର୍ଷରୁ ବ୧୫ର୍ଷ ୧୦ବର୍ଷ ପିଲାଟିକୁ ତାଡ଼ନା ବାରଣ ଆକଟ କରାଯାଏ। ଏ ସମୟରେ ଶନି ସ୍ୱଶନି ସ୍ଥିତିରୁ ୨ୟୁ ୩ୟା ୪ର୍ଥା ୫ମ ଘରେ ଗତି କରୁଥାନ୍ତି। ଏ ସମୟ ବର୍ତ୍ତମାନ ବିପ୍ରବାଳକଙ୍କର ଉପନୟନ ବ୍ରତ ରେ ଝିଅ ମାନଙ୍କର ପ୍ରଥମର ଜୋ ଦର୍ଶନରୁ ମାସିକ ସ୍ରାବ ଆରମ୍ଭ ପୁଅ ମାନଙ୍କ ଦେହରେ ଶୁକ୍ର ଧାତୁର ସ୍ରୋତ ଦେଖାଯିବ। ଏ ସବୁ ପାଇଁ ମୁରବୀ ଗୁରୁଜନ ମାଆ ତାଙ୍କୁ କଣ କରିବା ଦରକାର କଣ ଭାବିବା ଦରକାର କଣ ଆଚରଣ ଦରକାର ବାରମ୍ବାର ବିଦ୍ୟାର ପରୀକ୍ଷା ଆଦି ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହାପରେ ପ୍ରାପ୍ତେତୁ ଷୋଡ଼ଶ ବର୍ଷ ପୁତ୍ରଂ ମିତ୍ର ସଦାଚରେତ। ପୁଅ ହେଉ ବା ଝିଅ ହେଉ ତା ସହିତ ମିତ୍ରତା ଆଚରଣ ଆବଶ୍ୟକ ପଡ଼େ। ଏବେ ସାବାଳକ ସାବାଳିକା ଭୋଟ ଦେବା ଅଧିକାର ନିଜସ୍ୱ ମତ ସାବ୍ୟସ୍ତ କରିବା ଏଇ ବ ୧୫ ର୍ଷ ଠାରୁ ବ୧୮ର୍ଷ ମଧ୍ୟରେ ଆସୁଛି। ଯଦି ଶନି ସ୍ୱଜନ୍ମ ଜାତକରୁ ୮ମ ସ୍ଥାନରେ ହିଁ ଗତି କରୁଥାନ୍ତି। ପ୍ରତି ଗ୍ରହ ସ୍ୱଗୃହ ମିତ୍ରଗୃହ ଶତ୍ରୁଗୃହ ଉଚ୍ଚସ୍ଥାନ ମୂଳତ୍ରିକୋଣ ତତ୍କାଳ ମିତ୍ର ତତ୍କାଳ ଶତ୍ରୁ ସ୍ଥାନ ଅଛି। ଏହାରି ଉପରେ ଜନ୍ମ କାଳୀନ ଶନି ଠାରୁ ଶନି ଗୋଚର କରି ଯିବା ବେଳେ ସେହି ବ୍ୟକ୍ତିଙ୍କର କେବଳ ଶୁଭ ବା ଅଶୁଭ ଫଳ ଚିନ୍ତନ କରାଯାଏ।କୁହାଯାଏ ଶନି ହଠଯୋଗୀ ଗ୍ରହ, ଶ୍ରମର ଗୁରୁ, ମନୁଷ୍ୟ ଜୀବନ କେବେ ଆରାମ ପାଇଁ ସବୁବେଳେ ଉଦ୍ଦିଷ୍ଟ ନୁହଁ। ଉଦଯୌଗ ଦ୍ୱାରା ଲକ୍ଷ୍ମୀ ଲାଭ ହୁଏ। ଶନିଙ୍କ ଅନୁକୂଳ ଓ ପ୍ରତିକୂଳ ପ୍ରଭାବ ମନୁଷ୍ୟ ପାଇଁ ଯାହା ମିଳେ ଆଳସ୍ୟ ବିଳାସମୟ ପ୍ରଭାବ ଛାଡ଼ି କେବଳ ଉଦ୍ଦିଷ୍ଟ ପରିବେଶରେ ଲାଗି ରହିଥିଲେ ହିଁ ଶୁଭ ହୁଏ। ହେଳା କଲେ ଭେଳା ବୁଡ଼େ। ପ୍ରକୃତରେ ଏ ଉକ୍ତିଟି ଶନିଙ୍କର କାର୍ଯ୍ୟକାରିତା ଉପରେ ଧାର୍ଯ୍ୟ। ଅଳସୁଆମିରୁ ନିତ୍ୟ କର୍ମରେ ଅବହେଳା, ପାଠ ପଢ଼ାରେ ଅବହେଳା, ନିତ୍ୟ ରୁଟିନ ଧାର୍ଯ୍ୟ ନକରିବା ଠିକ ସମୟରେ ଋଣଶୋଧ ନକରିବା, ଖଜଣା ପଇଠ ନକରିବା, କ୍ଷେତରେ ଚାଷ ନକରିବା ବୃଥା ସମୟ ଅପଚୟ କରିବା ବର୍ଷା ଦିନ ପୂର୍ବରୁ ଘର ଛଆଣି ନକରିବା। ପିଲାଙ୍କୁ ଗେହ୍ଲା କରି ତାକୁ ସଂସ୍କାର ନଦେବା, ଏପରି ହେଲୁ କାମ ଶନିଙ୍କର କୋପ ଦୃଷ୍ଟିରେ ପକାଏ।

ଶନି କାଳକୋର୍ଟ ପରିଧାନକାରୀ, ଅପରାଧ କମ କରିଲେ କୋର୍ଟ ଦୌଡ଼ା ଓକିଲ ପରାମର୍ଶ ଭୋଗିବାକୁ ପଡ଼େ। ରେଲେରେ ସଠିକ ଟିକେଟ ନକରି ଯାତ୍ରା କରୁଥିଲେ କାଳିଆ କୋର୍ଟ ପିନ୍ଧିବାବୁଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ। ଚୋରମାନେ କଳାକନା ବୁଲାନ୍ତି। ନିଜର ଦ୍ରବ୍ୟ ପ୍ରତି ଉପଯୁକ୍ତ ରକ୍ଷଣା ବ୍ୟକ୍ଷଣା ବ୍ୟବସ୍ଥା ନକରିଥିଲେ ଗହଣା ପିନ୍ଧିଲେ ଦେଖେଇ ଚାଲରେ ଏଇ କଳାକନା ବୁଲାଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ।ଯେ ପାଞ୍ଚେ ପରମନ୍ଦ ତା ମନ୍ଦ ପାଞ୍ଚନ୍ତି ଠେଙ୍ଗାବାଡ଼ି। ଯଦି କେହି ଅଭିଯୁକ୍ତ ହେଲା ପୋଲିସ ବେତମାଡ଼ ଛାଡ଼ି ମାଡ଼ ପକାନ୍ତି। ଠେଙ୍ଗା ଠେଙ୍ଗୁଣୀ ବେତ ଛାଟ ଏସବୁର ମାଲିକ ଲାଠିଆଳ ଶନିଷ୍ଟର ଦଣ୍ଡଧାରୀ। ଧନୁରା କୃତି ମଣ୍ଡଳ ଶନିଙ୍କର। ଘରେ ଯେତେ ଲୋକଥାନ୍ତୁ ନିଶେ ଅବିଶ୍ୱାସ କରିଅଛି ବୋଲି ଆଲମାରି ବକ୍ସ କବାଟ ତାଲା ଲାଗୁଛି ତାଲାର ବାଙ୍କୁଡ଼ି ହିଁ ଧନୁରାତିବୃତି। ଅତଏବ ଶନି ହିଁ ବିଶ୍ୱାସୀ ସେ ଲୁହାର ବାଙ୍କୁଡ଼ି ଦ୍ୱାରା ଆମକୁ ସହାୟକ ହେଲେ ତାଲାକାଟି ଚୋରୀ ଲୁଟ କଲେ ଠେଙ୍ଗୁଣୀ ବାଲାଙ୍କର କଳା କୋର୍ଟ ବାଲାଙ୍କ ଦ୍ୱାରା ଦଣ୍ଡିତ ହୋଇପାରନ୍ତି।

ସଂକୁଚିତର ମାଲିକ ଶନି ଖର୍ଚ୍ଚକାଟ କରି ସଞ୍ଚୟ କରିଲେ ଲୋକର ଭବିଷ୍ୟତ ମଙ୍ଗଳ ହୁଏ। ଅଳ୍ପ କଥାରେ କାର୍ଯ୍ୟ ହାସଲ ପାଇଁ ଶନି ପ୍ରେରଣା ଦିଅନ୍ତି। ଅଳ୍ପକଥାରେ ବିଚାରପତିଙ୍କ ସମାନ ଅତି ଉର୍ଦ୍ଧ୍ୱରେ। ବହୁକଥକ ହରକରାର ମଜୁରୀ ଅତିକମ ଅଳ୍ପ ଗୃହର ମାଲିକ ସୁସ୍ଥ ରହନ୍ତି ମାତ୍ର ବଡ଼ ବଡ଼ ଇମାରତର ମାଲିକ ଅବଶ୍ୟ ଦୁଃଖି। ମାଣବସା ଗୁରୁବାର ଲକ୍ଷ୍ମୀ ଚରିତରେ ମହାଲକ୍ଷ୍ମୀ କାହିଁକି ଶ୍ରୀୟା ଚଣ୍ଡାଲୁଣୀଙ୍କ କୁଡ଼ିଆ ଘରକୁଗଲେ, ସାଧବ ଘର ଇମାରତକୁ ଗଲେ ନାହିଁ। ଏହାର ଅର୍ଥ ଶ୍ରୀୟା ସଂକୁଚିତରେ ଚଳିଲେ ବି କର୍ମଠ ଶୁଦ୍ଧ ପରିବେଶରେ ରହିଥିଲେ। ଯାହାର ବହୁ ଆସବାବପତ୍ର ଘରକରଣା ଘର କଠୋରୀ ସେ ସେତେ ହଇରାଣ ଶନିଙ୍କର କୋପରେ ପଡ଼ି ପାରନ୍ତି।ଶନିଙ୍କର କେବଳ ବିଚାର ରାଶିଚକ୍ରରେ ନାହିଁ ଅନ୍ୟ ଗ୍ରହଙ୍କର ବିଚାର ଅଛି। ୧ ମାସରେ ଚନ୍ଦ୍ର ୧୨ ରାଶି ଭ୍ରମଣ କରିବାବେଳେ ଏ ବର୍ଷରେ ରବି ୧୨ ରାଶି ଭ୍ରମଣ କରନ୍ତି। ୧୨ ବର୍ଷରେ ୧୨ ଘର ବୃହସ୍ପତି ଭ୍ରମଣ କରନ୍ତି। ୧୮ ବର୍ଷରେ ରାହୁ ୧୨ ଘର ଭ୍ରମଣ କରନ୍ତି ଏପରି ମଙ୍ଗଳଙ୍କ ବିହିତ ଧାରାରେ ୧୨ ରାଶି ଭ୍ରମଣକୁ ଏକ ବର୍ଷର ରବିଙ୍କ ସହିତ ଗୋଡ଼ାଣିଆ ଶୁକ୍ର ବୁଧ ବି ୧୨ ରାଶିରେ ଭ୍ରମଣଶୀଳ। ପୃଥିବୀର ଆହ୍ନିକ ଗତିପଥ ୧୨ ଭାଗକୁ ନେଇ ଲଗ୍ନ ସ୍ଥିତି ଏହାର ବିଚାର ସବୁକ୍ଷେତ୍ରରେ କରାଯାଏ। ଶନି ଚଳନ ବେଳେ ଲଗ୍ନ ଧାର୍ଯ୍ୟ ସର୍ବତ୍ର ଏକା ହୋଇନପାରେ ଅତଏବ ସମସ୍ତଙ୍କର ଏକ ଫଳ ମିଳିବ ଏପରି ଭାବିବା କେବେ ଠିକ ନୁହଁ।

ମେଦିନୀୟ ଜ୍ୟୋତିଷରେ ବିଭିନ୍ନ ରାଶି ନକ୍ଷତ୍ର ସ୍ଥିତି ପାଇଁ ଫଳ ଅଲଗା। ଦ୍ୱିସ୍ୱରାଶି ଧନୀ, ମୀନ, ମିଥୁନ, କନ୍ୟା ଏଥିରେ ଶନି ରହିଲେ ବ୍ରାହ୍ମଣୀ ହାତରେ ଅଡ଼ା ଧରାଯାଏ ଯେ ଦୁର୍ଭିକ୍ଷ ପ୍ରଦାନକାରୀ ଶନିଙ୍କର ୩ୟ ଦୃଷ୍ଟିରେ ୭ମ ଦୃଷ୍ଟିରେ ୨ ପୃଥ ରାଶି ରହେ। ବୃଷ ଓ କନ୍ୟା ଯଦିବା ଏ ଦୁଇରାଶିଙ୍କର ମିତ୍ର ରାଶି ତଥାପି ବୃଷରୁ କନ୍ୟା ଶେଷ ଯାଏ ଖରିଫ ଫସଲ ସମୟ ଜଳ ଅଭାବ ବା ଜଳ ବହୁଳରୁ କ୍ଷତି ହୁଏ ଯାହା ସମ୍ପୂର୍ଣ୍ଣ ମୌସୁମୀ ପ୍ରଭାବିତ ସମୟ। କୁହାଯାଏ ଆକାଶରୁ ମହରଗ। ଏହି ଆକାଶଚାରୀ ଗ୍ରହ ଠିକ୍ ବର୍ଷଣ ନକଲେ ସବୁ ଅଭାବ ଅନାଟନ ସଂସାରରେ ପଡ଼ିଥାଏ ଯହିଁରେ ସମସ୍ତଙ୍କୁ ଭୋଗିବାକୁ ହିଁ ପଡ଼ିଥାଏ। ଏଥିରେ ରାଶି ଏକ ନୁହଁ ୧୨ ରାଶିର ବ୍ୟକ୍ତିମାନେ ଭୋଗିବାକୁ ବାଧ୍ୟ।


ବରେଣ୍ୟ ବାଣୀ' ପିସି ସରକାର ଲେନ, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩


# ଆଧୁନିକ ଜୀବନ ଶୈଳୀ ଓ ସଙ୍କୁଚିତ ମାତୃତ୍ୱ


॥ ଡାକ୍ତର ଶୁଭଶ୍ରୀ ମିଶ୍ର ॥


ମାତୃତ୍ୱ ନାରୀକୁ ପୂର୍ଣ୍ଣତା ଦେଇଥାଏ। ଯାହାପାଇଁ ଅନେକ ମାଆ ମାନଙ୍କ ଜୀବନର ଏକ ଆବେଗ ଥାଏ ଏହି ଆନନ୍ଦ ପାଇବା ପାଇଁ। ତେଣୁ ଛୁଆର ପ୍ରଥମ କାନ୍ଦଣା ଶୁଣିବାକୁ ମାଆଙ୍କ ପ୍ରସନ୍ନବେଦନାକୁ ବି ଗୌଣ ଭାବିନିଏ। ତେବେ ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ଆସିବା ପରେ ମାତୃତ୍ୱ ଲାଭ ପାଇଁ ପ୍ରସବ ବେଦନା ଆଉ ଅବସମ୍ଭାବି ହୋଇରହିନାହିଁ। ବେଦନା ପୂର୍ବରୁ ହିଁ ନବଜାତ ମାନେ ସିଜରିଆନ ଡେଲିଭରି ବ୍ୟବସ୍ଥା ଦ୍ୱାରା ଭୂମିଷ୍ଠ ହେଉଛନ୍ତି। ଏବେ ନିରାପଦ ମାତୃତ୍ୱକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଆଗେ କେବଳ ଘଣ୍ଟା ଘଣ୍ଟା ନୁହେଁ ଦିନ ଦିନର ପ୍ରସବ ଯନ୍ତ୍ରଣା ପରେ ସ୍ୱଭାବିକ ଭାବରେ ଶିଶୁଟିଏ ଜନ୍ମ ନେଉଥିଲା। କିନ୍ତୁ ଏବେ ସିଜରିଆନ ଡେଲିଭରିର ଅଧିକ ଗୁରୁତ୍ୱ ରହିଛି। ସୂଚନାଥାଉକି ଗର୍ଭାବସ୍ଥାର ୩୫ ସପ୍ତାହ ଭିତରେ ଜଣାପଡ଼ିଯାଏ ଯେ ପ୍ରସବ ସ୍ୱାଭାବିକ ହେବ ନା ସିଜରିଆନ। ଶିଶୁ ଓଲଟା ରହିଲେ, ନାଡ଼ ଗୁଡ଼ାଇ ହୋଇଗଲେ କିମ୍ବା ଓଜନ ଅଧିକ ଥିଲେ ସ୍ୱାଭାବିକ ପ୍ରସବ ପରାମର୍ଶ ଯୋଗ୍ୟ ନୁହେଁ। ସ୍ୱାଭାବିକ ପ୍ରସବରେ ବିଭିନ୍ନ ସମସ୍ୟା ଦେଖାଯାଇଥାଏ। ଗର୍ଭସ୍ଥ ଶିଶୁର ଗର୍ଭାଶୟ ସହିତ ସଂଯୋଗ କରୁଥିବା ନାଡଟି ଅଟକି ଯାଉଛି କିମ୍ବା ତାର ହୃତସ୍ପନ୍ଦନ ଅସ୍ୱାଭାବିକ ରହୁଛି କି ରକ୍ତ ଜମାଟ ବାନ୍ଧୁଛି। କେତେକ ସ୍ଥଳରେ ଶିଶୁ ଜନ୍ମ ହେଲାପରେ କାନ୍ଦୁନାହିଁ ଓ ମୂତ୍ରାଶୟ ଖସିଯିବାର ଆଶଙ୍କା ରହୁଛି। ଏଣୁ ଶିଶୁର ସ୍ୱାସ୍ଥ୍ୟକୁ ବିଚାରକରି ଅସ୍ତ୍ରୋପଚାର ପାଇଁ କୁହାଯାଏ। ଯଦି ଗର୍ଭବତୀ ଏକତ୍ର ଦୁଇ ବା ଅଧିକ ସନ୍ତାନ ଜନ୍ମ ଦେଉଛନ୍ତି ଏବଂ ଶିଶୁ ଗର୍ଭାଶୟରେ ଭୁଲ ସ୍ଥାନରେ ରହିଛି ତେବେ ସିଜରିଆନ କରାଯାଏ। ମାଆର ହରପିସ ସଂକ୍ରମଣ ଥିଲେ ଗର୍ଭସ୍ଥ ଶିଶୁ ସଂକ୍ରମିତ ହୋଇପାରେ। ସେ କ୍ଷେତ୍ରରେ ମଧ୍ୟ ସିଜରିଆନ ଡେଲିଭରି କରାଯାଏ। ସବୁବେଳେ ଲକ୍ଷ୍ୟ ରଖିବା ଉଚିତ କି ଶିଶୁଟି କିପରି ସୁସ୍ଥ ଭାବେ ଓ ଠିକ ସମୟରେ ଜନ୍ମ ନେବ।

ନିକଟରେ ପୃଥିବୀର ବିଭିନ୍ନ ଦେଶମାନଙ୍କରେ ମହିଳା ମାନଙ୍କର ସନ୍ତାନ ପ୍ରସବ ହାର ବା ଟୋଟାଲ ଫର୍ଟିଲିଟି ରେଟର ଭବିଷ୍ୟତର ସମ୍ଭାବ୍ୟ ଧାରା ସମ୍ବନ୍ଧରେ ମର୍ଯ୍ୟାଦାଜନକ ଚିକିତ୍ସା ବିଜ୍ଞାନ ପତ୍ରିକା ଲଣ୍ଡନରୁ ପ୍ରକାଶିତ 'ଦି ଲାନସେଟ' ବହନ କରିଥିବା ଏକ ଅନୁଶୀଳନ ଅନୁସାରେ ୨୦୫୦ ସୁଧା ଭାରତର ଟିଏଫଆର ୧.୨୯କୁ ଏବଂ ୨୧୦୦ ସୁଦ୍ଧା ତାହା ଆହୁରି ତଳକୁ ଖସି ୧.୦୪ ହେବାକୁ ଯାଉଛି ବୋଲି ଅନୁମାନ କରାଯାଉଛି। ଟିଏଫଆର ହେଉଛି ପ୍ରଜନନକ୍ଷମ ବୟସସୀମା ୧୫-୪୯ ବର୍ଷ ବୟସ ମଧ୍ୟରେ ଜଣେ ମହିଳା ଜନ୍ମଦାନ କରୁଥିବା ସନ୍ତାନ ସନ୍ତିତଙ୍କ ହାରାହାରି ସଂଖ୍ୟା। ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଆବଶ୍ୟକ ଟିଏଫଆର ହେଉଛି ୨.୧ ଯାହାକୁ ପ୍ରତିସ୍ଥାପନ ହାର ବା ରିପ୍ଲେସମେଣ୍ଟ ରେଟ ରୂପେ ଅଭିହିତ କରାଯାଇଥାଏ। ଦି ଲାନସେଟରେ ପ୍ରକାଶିତ ଅନୁଶୀଳନ ଅନୁସାରେ ଭାରତର ଟିଏଫଆର ୨୦୨୧ରେ ଏହି ପ୍ରତିସ୍ଥାପନ ହାର ଠାରୁ କମ ହୋଇସାରିଛି ୧.୯୧। ଭାରତ ସରକାରଙ୍କ ଦ୍ୱାରା ୨୦୧୯-୨୧ ମଧ୍ୟରେ କରାଯାଇଥିବା ନେସନାଲ ଫ୍ୟାମିଲି ହେଲଥ ସର୍ଭେରୁ ମଧ ଦେଶର ଟିଏଫଆର ମୂଲ୍ୟ ୨ ହୋଇଥିବା ଆବିଷ୍କୃତ ହୋଇଥିଲା, ଯାହା ଉପରୋକ୍ତ ପ୍ରତିସ୍ଥାପନ ହାର ଠାରୁ ସାମାନ୍ୟ ନୀଚା ହୋଇଥାଏ।

ଦି ଲାନସେଟରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ହେଉଛି ୟୁନିଭର୍ସିଟି ଅଫ ଓ୍ୱାସିଙ୍ଗଟନ ସ୍କୁଲ ଅଫ ମେଡ଼ିସିନର ଇନଷ୍ଟିଚ୍ୟୁଟ ଅଫ ହେଲଥ ମେଟ୍ରିକସ ଆଣ୍ଡ ଇଭାଲୁଏସନ ନାମକ ଜନସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ଦ୍ୱାରା କରାଯାଇଥିବା ଅନୁଶୀଳନ ଉପରେ ଆଧାରିତ। ଏହି ଅନୁଶୀଳନରେ କରାଯାଇଥିବା ଆକଳନ ଅନୁସାରେ ୨୦୨୧ରେ ଭାରତରେ ଜନ୍ମଲାଭ କରିଥିବା ମୋଟ ଜୀବନ୍ତ ଶିଶୁଙ୍କ ସଂଖ୍ୟା ୨୨.୩୯ ନିୟୁତ ଥିବାବେଳେ ୨୦୫୦ରେ ତାହା ହ୍ରାସ ପାଇ ୧୩.୦୩ ନିୟୁତ ହେବାକୁ ଯାଉଛି। ଏହି ଧାରା ଅବ୍ୟାହତ ରହି ୨୧୦୦ ବେଳକୁ ଏଥିରେ ତୀକ୍ଷଣ ହ୍ରାସ ଘଟି ଏହି ସଂଖ୍ୟା ହେବ ୩.୭୯ ନିୟୁତ ବୋଲି ଅନୁମାନ କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତରେ ଯେତେବେଳେ ୧୯୯୨-୯୩ରେ ସର୍ବପ୍ରଥମ ରାଉଣ୍ଡ ଏନଏଫଏଚଏସ ଅନୁଷ୍ଠିତ ହୋଇଥିଲା, ସେତେବେଳେ ଭାରତର ଟିଏଫଆର ଥିଲା ୩.୪। ବାଳିକାମାନଙ୍କର ଶିକ୍ଷାସ୍ତରରେ ବୃଦ୍ଧି ଓ ନାରୀମାନଙ୍କର ବିଧିବଦ୍ଧ ନିଯୁକ୍ତି କ୍ଷେତ୍ରରେ ପ୍ରବେଶ ହେଉଛି ଟିଏଫଆରରେ ସ୍ଖଳନ ଘଟିବାର ମୁଖ୍ୟ କାରଣ। ସ୍କୁଲରେ ଅଧିକ କାଳ ବିତାଇଲେ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କରେ ପ୍ରବେଶ କଲେ ବାଳିକାମାନଙ୍କର ବିବାହ ବିଳମ୍ବ ହୋଇଥାଏ। ବିବାହରେ ବିଳମ୍ବ ଘଟିଲେ ନାରୀମାନଙ୍କର ମାତୃତ୍ୱ ଲାଭରେ ସ୍ୱାଭାବିକ ଭାବରେ ବିଳମ୍ବ ଘଟିଥାଏ। ପ୍ରଥମ ସନ୍ତାନ ଭୂମିଷ୍ଠ ହେବାରେ ବିଳମ୍ବ ଘଟିଲେ, ଅଧିକ ପ୍ରଜନନ ପାଇଁ ଉପଲବ୍ଧ ସମୟ ସଙ୍କୁଚିତ ହୋଇଯାଏ ଓ ସଂପୃକ୍ତା ନାରୀ ଜନ୍ମଦାନ କରୁଥିବା ସନ୍ତାନ ସଂଖ୍ୟା ହ୍ରାସ ପାଇଥାଏ। ତା'ଛଡ଼ା ସନ୍ତାନର ଉପଯୁକ୍ତ ଲାଳନପାଳନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଣ ଆଦି ବ୍ୟୟସାପେକ୍ଷ ହୋଇଥିବାରୁ ଶିକ୍ଷିତା, ସଚେତନ ଜନନୀମାନେ ନିଜର ସନ୍ତାନ ପାଇଁ ତାହା ନିଶ୍ଚିତ କରିବା ପାଇଁ ଅଧିକ ସଂଖ୍ୟକ ସନ୍ତାନ ସୃଷ୍ଟି କରିବାରୁ ନିବୃତ୍ତ ରହନ୍ତି। ବୃତ୍ତିଧାରିଣୀ ମହିଳାମାନେ ମଧ ସନ୍ତାନ ସଂଖ୍ୟା ସୀମିତ କରିବାକୁ ବାଧ ହୋଇଥାନ୍ତି। ଶିଶୁ ମୃତ୍ୟୁହାରରେ ହ୍ରାସ ଓ ସହରୀକରଣ ମଧ ସନ୍ତାନ ସଂଖ୍ୟା ସୀମିତ କରିବାରେ ସହାୟକ ହୋଇଛି। ଉପରୋକ୍ତ ଗବେଷଣା ସଂସ୍ଥା ଯେଉଁ ଆବିଷ୍କାର କରିଛି ଯେ ୧୯୫୦ରୁ ୨୦୨୧ ମଧ୍ୟରେ ସାରା ପୃଥିବୀର ଟିଏଫଆର ୪.୮୪ରୁ ହ୍ରାସ ପାଇ ତାହାର ଅଧାରୁ ମଧ କମ ହୋଇଯାଇ ହୋଇଛି ୨.୨୩, ତା ପଛରେ ଏଇ ସମସ୍ତ କାରଣ ମାନ ନିହିତ ଅଛି। ଭାରତରେ ଏନଏଫଏଚଏସ-୫ରୁ ଦେଖାଯାଇଥିଲା ଯେ କେବଳ ବିହାର, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ଭଳି କତିପୟ ରାଜ୍ୟମାନଙ୍କ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ଟିଏଫଆରରେ ସ୍ଖଳନ ଘଟିଛି। ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଏନଏଫଏଚଏସ-୫ରେ ଦେଖାଯାଇଥିଲା ଯେ ଆଦୌ ସ୍କୁଲ ମାଡ଼ି ନଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ୨.୮ ହୋଇଥିବାବେଳେ ୧୨ ବା ତୋତାଧିକ ବର୍ଷର ଶିକ୍ଷା ଲାଭ କରିଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ଥିଲା ୧.୮। ଅପେକ୍ଷାକୃତ କ୍ଷୁଦ୍ର ଦେଶମାନଙ୍କ ପାଇଁ ଟିଏଫଆରରେ ହ୍ରାସ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ଏଥିଯୋଗୁଁ ସେ ଦେଶର ଶ୍ରମଶକ୍ତି ସଙ୍କୁଚିତ ହୋଇଥାଏ ଏହାକୁ ଭରଣା କରିବାକୁ ବହିରାଗତ ଶ୍ରମିକମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ, ଯାହା ବର୍ତ୍ତମାନ ଇଉରୋପର ଅନେକ ଦେଶରେ ଦେଖାଯାଉଥିବା ଭଳି ସାମାଜିକ ସଂଘାତ ଓ ଅସ୍ଥିରତା ସୃଷ୍ଟି କରିଥାଏ। ଜାପାନ ଓ ଦକ୍ଷିଣ କୋରିଆ ପରି ପୂର୍ବ ଏସିଆର ଉନ୍ନତ ଦେଶମାନ ବର୍ତ୍ତମାନ ଜନସଂଖ୍ୟା ସଙ୍କୋଚନ ଜନିତ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହେବା ଦେଖାଗଲାଣି। ଟିଏଫଆରରେ ସ୍ଖଳନ ଘଟି ଚାଲିଲେ ତାହା କ୍ରମେ ଜନସଂଖ୍ୟା ପରିମିତକୁ ଓଲଟାଇଦେବ ଅର୍ଥାତ୍ ସେ ଦେଶର ଜନସଂଖ୍ୟାରେ ଯୁବପିଢ଼ି ତୁଳନାରେ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ଅଧିକ ହେବ। ଉତ୍ପାଦନଶୀଳ ଯୁବକ ଯୁବତୀମାନଙ୍କ ଉପରେ ଅନୁତ୍ପାଦନଶୀଳ ବୃଦ୍ଧବୃଦ୍ଧାମାନେ ନିର୍ଭର କରିଥାନ୍ତି। ସମୟ ଅତିକ୍ରାନ୍ତ ହେବା ସହିତ ଏହି ନିର୍ଭରଶୀଳ ଅନୁପାତରେ ବୃଦ୍ଧି ଘଟିଚାଲି ଏକ ସମୟରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେବ। କେବଳ ଏହି ବୟସ୍କମାନଙ୍କର ଜୀବନଧାରଣର ଆବଶ୍ୟକତା ପୂରଣ କରିବା ନୁହେଁ ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା ରାଷ୍ଟ୍ର ପାଇଁ ଏକ ବିଶାଳ ଓ ବର୍ଦ୍ଧିଷ୍ଣୁ ବୋଝ ସୃଷ୍ଟି କରିଥାଏ। ଶେଷରେ ଉତ୍ପାଦନଶୀଳ ଯୁବପିଢ଼ିକୁ ହିଁ ଏହି ବୋଝ ବହନ କରିବାକୁ ହୋଇଥାଏ।

# ବିକଶିତ ଭାରତ ସଂକଳ୍ପ ଯାତ୍ରା


॥ ଗୋପୀନାଥ ଦାଶ ॥


ଗରିବ, ନିଷ୍ପେସିତଙ୍କ ଠାରୁ ଆରମ୍ଭ କରି ସମାଜର ସବୁଠୁ ଶେଷ ଧାଡ଼ିରେ ଥିବା ଅବହେଳିତ ଲୋକଙ୍କୁ ବିକାଶର ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଭାରତ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଫ୍ଲାଗସିପ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏବଂ ଏସବୁ ଯୋଜନାର ସଫଳ ରୂପାୟନ ନିଶ୍ଚିତ କରାଇବା ସକାଶେ ଆରମ୍ଭ ହୋଇଛି ବିକଶିତ ଭାରତ ସଂକଳ୍ପ ଯାତ୍ରା।

ଭାରତ ସରକାର କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ରାଜ୍ୟ ଗୁଡ଼ିକର ସହଯୋଗରେ ବିଭିନ୍ନ ଫ୍ଲାଗସିପ ଯୋଜନାର ସଫଳ ରୂପାନ୍ତର ତଥା ଠିକଣା କାର୍ଯ୍ୟକାରିତା ପାଇଁ ଏବେ ମିଶନ ଧାରାରେ କାମ ଆରମ୍ଭ କରିଛନ୍ତି। ପରିମଳ ସୁବିଧା ଅତ୍ୟାବଶ୍ୟକ ଆର୍ଥିକ ସେବା, ଏଲପିଜି ସଂଯୋଗ ସୁବିଧା, ଗରିବଙ୍କ ପାଇଁ ଘର, ଖାଦ୍ୟ ନିରାପତ୍ତା, ଉପଯୁକ୍ତ ପୁଷ୍ଟି, ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା, ସ୍ୱଚ୍ଛ ପାନୀୟ ଜଳ, ଗୁଣାତ୍ମକ ଶିକ୍ଷା ଭଳି ଫ୍ଲାଗସିପ କାର୍ଯ୍ୟକ୍ରମ ଗରିବ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ। ସମସ୍ତ ଯୋଗ୍ୟ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀଙ୍କ ନିକଟରେ ଏସବୁ ସେବା ଯେପରି ନିଶ୍ଚିତ ପହଞ୍ଚିପାରିବ ସେଥିପାଇଁ ମିଶନ ମୋଡ଼ରେ ଏହାକୁ କାର୍ଯ୍ୟକାରୀ କରାଯାଉଛି। ସମାଜର ତୃଣମୂଳସ୍ତରରେ ସବା ଶେଷ ଲୋକ ପାଖରେ ଯେପରି ଏସବୁ ମୌଳିକ ସେବା ପହଞ୍ଚିପାରିବ ସେଥିପାଇଁ ବିଭିନ୍ନ ଯୋଜନାର ଉପକାରିତା ଏବଂ ଏଥିରେ ଉପଲବ୍ଧ ସୁବିଧା ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଉଛି।

ବିକଶିତ ଭାରତ ସଂକଳ୍ପ ଯାତ୍ରାର ମୂଳ ଆଭିମୁଖ୍ୟ ହେଲା ଅପହଞ୍ଚଙ୍କ ନିକଟରେ ପହଞ୍ଚିବା। ଯେଉଁମାନେ ସରକାରଙ୍କ ବିଭିନ୍ନ ସ୍କିମରେ ଯୋଜନାର ସୁଫଳ ପାଇବାକୁ ହକଦାର ଏବଂ ଯୋଗ୍ୟ କିନ୍ତୁ ଏପର୍ଯ୍ୟନ୍ତ ପାଇପାରିନାହାନ୍ତି ସେମାନଙ୍କ ନିକଟରେ ପହଞ୍ଚିବା, ବିଭିନ୍ନ ଯୋଜନା ବାବଦରେ ସଚେତନତା ସୃଷ୍ଟି କରିବା ଏବଂ ସୂଚନା ପ୍ରଦାନ କରିବା ଏ କାର୍ଯ୍ୟକ୍ରମର ଲକ୍ଷ୍ୟ। ନାଗରିକ ବା ହିତାଧିକାରୀଙ୍କ ଠାରୁ ସେମାନଙ୍କ ବ୍ୟକ୍ତିଗତ ଅନୁଭୂତି ବା ପ୍ରତିକ୍ରିୟା ଜାଣିବା ଏବଂ ଆବଶ୍ୟକ ସ୍ଥଳେ ଯୋଗ୍ୟ ହିତାଧିକାରୀଙ୍କ ପଞ୍ଜୀକରଣ କରିବା ମଧ୍ୟ ଏହି ଯାତ୍ରାର ଉଦ୍ଦେଶ୍ୟ। ଜନଜାତୀୟ ଗୌରବ ଦିବସ ଅବସରରେ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଅଧିକ ଆଦିବାସୀ ଜନସଂଖ୍ୟା ଥିବା ଜିଲ୍ଲା ଗୁଡ଼ିକରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଭ୍ରାମ୍ୟମାଣ ଯାନ ଜରିଆରେ ଏ ବିଷୟରେ ଲୋକଙ୍କୁ ସଚେତନ କରାଯିବା ପ୍ରକ୍ରିୟା ଜାରି ରହିଛି। ଦେଶର ସବୁ ଜିଲ୍ଲାକୁ ଏହି ଯାତ୍ରା ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯିବାର ଲକ୍ଷ୍ୟ ରହିଛି।

ଓଡ଼ିଶାରେ ନଭେମ୍ବର ୧୫ ବିର୍ସାମୁଣ୍ଡା ଜୟନ୍ତୀରୁ ଆରମ୍ଭ ହୋଇଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରା ଆଦିବାସୀ ଅଧ୍ୟୁଷିତ କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ବେଶ ସଫଳ ହୋଇଛି। ବର୍ତ୍ତମାନ ଏଲଇଡ଼ି ଓ୍ୱାଇ, ପ୍ରଚାର ପତ୍ର, ସେଲଫି ପଏଣ୍ଟ, ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ସଚିତ୍ର ସୂଚନା ଥିବା ୭୫ ଭ୍ରାମ୍ୟମାଣ ଯାନ ଓଡ଼ିଶାର ୩୦ ଜିଲ୍ଲାରେ ବୁଲି କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଛି। ଏହି ଅଭିଯାନରେ ଅତିରିକ୍ତ ୩୦ଯାନ ସାମିଲ କରାଯାଇ ମୋଟ ୧୦୫ଟି ଯାନରେ ରାଜ୍ୟର ୩୦ ଜିଲ୍ଲାର ୬୭୯୪ ଗ୍ରାମ ପଞ୍ଚାୟତକୁ ସଚେତନତା ଯାତ୍ରା କାର୍ଯ୍ୟକ୍ରମ ପହଞ୍ଚାଇବାର ଲକ୍ଷ୍ୟ ରହିଛି। ବିକଶିତ ଭାରତ ସଂକଳ୍ପ ଯାତ୍ରା ଅଭିଯାନରେ ପିଏମ ଉଜ୍ଜ୍ୱଳା, କୃଷି ବିଭାଗ, ପିଏମ ଜନଔଷଧି କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ବିଭାଗ, ଡାକ ଏବଂ ବ୍ୟାଙ୍କ ଆଦି ବିଭିନ୍ନ ସ୍କିମର ପ୍ରଚାର ଷ୍ଟଲକୁ ସାମିଲ କରାଯାଇଛି। ପିଏମ ଜନଔଷଧି କାର୍ଯ୍ୟକ୍ରମ ଅଧିନରେ ସାଧାରଣ ଲୋକମାନଙ୍କୁ ସ୍ୱଚ୍ଛ ମୂଲ୍ୟରେ ସିଲିଣ୍ଡର ସହ ଗ୍ୟାସ ସଂଯୋଗ ଏବଂ ଷ୍ଟୋଭ ଗୁଣାତ୍ମକ ଔଷଧ ଯୋଗାଇବାର ବ୍ୟବସ୍ଥା ହୋଇଛି। ହିତାଧିକାରୀ ଏହାର ସୁଯୋଗ ନେଇପାରୁଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସୁକନ୍ୟା ସମୃଦ୍ଧି ସ୍କିମ, ପିଏମ କିଷାନ ସମ୍ମାନ ନିଧି ଯୋଜନା, ପିଏମ ଉଜ୍ଜ୍ୱଳା, ହର ଘର ଜଳ, ପିଏମ ଆବାସ ଯୋଜନା, ଆତ୍ମନିର୍ଭର ଭାରତ ଆଦି ଯୋଜନାର ହିତାଧିକାରୀ ଏହି ଯାତ୍ରାକାଳରେ ସେମାନଙ୍କ ଅନୁଭୂତି ମଧ୍ୟ ବର୍ଣ୍ଣନା କରୁଛନ୍ତି। କୃଷି କ୍ଷେତ୍ରରେ ଅଧିକ ଉତ୍ପାଦନ ପାଇଁ କୃଷକଙ୍କୁ ତାଲିମ ପ୍ରଦାନ ଲାଗି ଗ୍ରାମ ପଞ୍ଚାୟତ ସ୍ତରରେ ଅଭିଯାନ କାଳରେ ଡ୍ରୋନ ଜ୍ଞାନକୌଶଳର ମଧ୍ୟ ପ୍ରଦର୍ଶନ କରାଯାଉଛି। ଏହା ବ୍ୟତୀତ କାର୍ଯ୍ୟକ୍ରମ ସ୍ଥଳରେ ଜାତୀୟ ଏକତା ଏବଂ ସଂହତି ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସ୍ଥାନୀୟ କଳାକାର ଏବଂ ଅନ୍ୟାନ୍ୟ ସାଂସ୍କୃତିକ ଦଳ ପକ୍ଷରୁ ସୂଚନାଧର୍ମୀ ତଥ୍ୟ ସମ୍ବଳିତ କାର୍ଯ୍ୟକ୍ରମ ପରିବେଷଣ ସହିତ ଜନସାଧାରଣଙ୍କୁ ସଚେତନ କରାଯାଉଛି। ହମାରା ସଂକଳ୍ପ ବିକଶିତ ଭାରତ ହେଉଛି ଏକ ଦେଶବ୍ୟାପୀ ଜନସଚେତନତା ଅଭିଯାନ ଯାହା ମାଧ୍ୟମରେ ସରକାରଙ୍କ ବିଭିନ୍ନ ସ୍କିମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ସହିତ ଯୋଜନାକୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଜୀକୃତ କରିବ। ଦେଶ ଏବଂ ବିଭିନ୍ନ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ନଗର ପଞ୍ଚାୟତ ଏବଂ ଅର୍ବାନ ଲୋକାଲ ବଡ଼ିରେ ଏହି ସଚେତନତାର ବାର୍ତ୍ତା ପ୍ରଚାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ୪୭୩ କଇଁଛ ସହ ଏକ ବୋଲେର ଜବତ

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲା ମୋଟୁ ବନ ବିଭାଗ ପାଇଁ ଏକ ବଡ଼ ସଫଳତା । ଶୁକ୍ରବାର ଦିନ ମାଲକାନଗିରି ଜିଲ୍ଲାକୁ ପଡୋଶୀ ଆନ୍ଧ୍ର ପ୍ରଦେଶରୁ ବେଆଇନ ଭାବେ ଚୋରା ଚାଲାଣ ହେଉଥିବା ବେଳେ ୪୭୩ ଟି ଜୀବନ୍ଧ କଇଁଛକୁ ମୋଟୁ ବନ ବିଭାଗ ଜବତ କରିଛି । ତେବେ ଚୋରା ଚାଲାଣକାରୀମାନେ ଘଟଣାସ୍ଥଳରୁ ପଳାଇବାରେ ସଫଳ ହୋଇଥିଲେ । କିଛି ବିଶେଷ ସୂତ୍ରରୁ ସୂଚନା ପାଇବା ପରେ, ମୋଟୁ ରେଞ୍ଜର ରଶ୍ମୀ ରଞ୍ଜନ ସ୍ୱାଇଁ, ମୋଟୁ ଫରେଷ୍ଟର ମୁରଲୀଧର ଅନୁଗୁଳିଆ ଏବଂ ବନ ବିଭାଗର କର୍ମଚାରୀମାନେ ଚୋରା ଚାଲାଣକାରୀଙ୍କୁ ଧରିବା ପାଇଁ ବ୍ଲୁ ପ୍ରି[ ପ୍ରସ୍ତୁତ କରିଥିଲେ । ସେହି ଅନୁଯାୟୀ, ସେମାନେ ଆଜି ଭୋର ୩ଟାରେ ମୋଟୁ ଚେକ୍ ପଏ[ରେ ଅପେକ୍ଷା କରିଥିଲେ । ଏହି ସମୟରେ ଏକ ବୋଲେରୋ ଗାଡି ନମ୍ବର ଓଆର ୧୦ଇ ୫୮୭୭ ଆସୁଥିଲା । ବନ ବିଭାଗ କର୍ମଚାରୀ ମାନଙ୍କୁ ଦେଖି ଗାଡ଼ିର ଡ୍ରାଇଭର ଓ ଅନ୍ୟ ଜଣେ ଗାଡି ଛାଡି ଧାଇଁ ପଳାଇଥିଲେ । ଚୋରା ଚାଲାଣକାରୀମାନେ ଗାଡି ଛାଡି ଯିବା ପରେ ବନ ବିଭାଗର କର୍ମଚାରୀମାନେ ଯାଇ ଗାଡିଟିକୁ ଧରି ଯା* କରିବାରୁ ସେଥିରେ ଆନ୍ଧ୍ରପ୍ରଦେଶରୁ ଓଡିଶାକୁ ୧୩ଟି ଅଖା ଭିତରେ ୪୭୩ ଟି କଇଁଛ ବେଆଇନ ଭାବେ ପରିବହନ କରାଯାଉଥ?ିବା ଦେଖିବାକୁ ପାଇଥିଲେ । ସମସ୍ତ କଇଁଛ ଏବଂ ବୋଲେରୋ ଗାଡି ଜବତ କରାଯାଇ ଏମଭି ୭୯ ବନ କାର୍ଯ୍ୟାଳୟରେ ରଖାଯାଇଛି । ଅଧିକ ତଦନ୍ତ ଚାଲିଛି ।

## ପହଲଗାମ୍‌ରେ ମୃତକଙ୍କ ସ୍ମୃତି ରେ ବିଭିନ୍ନ ସଂଘଠନ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ନୟାଗଡ, (ମହାଭାରତ) : କାଶ୍ମୀରର ପହଲଗାମ୍‌ରେ ପର୍ଯ୍ୟଟକ ଙ୍କ ଉପରେ ପାକିସ୍ତାନ କରିଥିବା ଆତଙ୍କି ହମଲାକୁ ସାରା ଭାରତରେ ଏବେ ପାକିସ୍ତାନ ମୁର୍ଦାବାଦ ଓ ଆତଙ୍କବାଦ ନିପାତରେ ସମସ୍ତ ଭାରତୀୟ ଜନ ଆନ୍ଦୋଳନ ସହ ଗର୍ଜୁଥିବା ବେଳେ ନୟାଗଡ଼ରେ ପାକିସ୍ତାନ ଆତଙ୍କବାଦ ବିରୋଧରେ ସ୍ୱର ତୀବ୍ର ହୋଇଛି । ବିଭିନ୍ନ ସଂଘଠନ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି । ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କର ଆତ୍ମା ସଦ୍‌ଗତି କାମନା କରିବା ସହ ଭାରତ ରୁ ଆତଙ୍କବାଦ ଲୋପ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ନୟାଗଡ଼ ଜିଲ୍ଲା ଓକିଲ ସଂଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ମାନେ ପୁରୁଣା କୋର୍ଟ ଠାରୁ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ଆତଙ୍କବାଦୀ ବିରୋଧୀ ନାରା ଦେଇ ଗୋଲେଇ ଟ୍ରାଫିକ ଛକ ରାସ୍ତା ଦେଇ ତ୍ରିନାଥ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ମୂ□ ନିକଟରେ ପହ*ଥିଲେ । ଆତଙ୍କବାଦୀ ଆକ୍ରମଣ କରାଇ ଦେଶରେ ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଆଇନଜୀବୀ ମାନେ ଦାବି କରିଛନ୍ତି । ଜିଲ୍ଲା ଓକିଲ ସଂଘ ସଭାପତି ରଣଜିତ ଦାସ ଓ ସମ୍ପାଦକ ସ୍ୱଦେଶ ମିଶ୍ର ଏହି କ୍ୟାଣ୍ଡେଲ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ । ସେହିଭଳି ନୟାଗଡ଼ ର ସାମର୍ଥ୍ୟ ଏକାଡେମୀ ପକ୍ଷରୁ ମଧ୍ୟ ଛାତ୍ରଛାତ୍ରୀଙ୍କୁ ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା । ଆତଙ୍କବାଦ ବିରୋଧୀ ନାରା ଦେଇ ଛାତ୍ରଛାତ୍ରୀଙ୍କ ମାନେ ଅଖଣ୍ଡ ଭାରତ ଅଖଣ୍ଡ ରହିବ ପାକିସ୍ତାନ ମୁର୍ଦାବାଦ ନାରା ଦେଇ ଏବଂ ଆତଙ୍କବାଦ ଅନ୍ତ ଦାବି ପାଇଁ ଦାବି କରିଛନ୍ତି ।

## ଅଘୋଷିତ ବିଦ୍ୟୁତକାଟକୁ ନେଇ ତାତିଲେ ନତଡ଼ା ମଝିସାହିବାସି

ଅନୁଗୋଳ, (ମହାଭାରତ): ଅନୁଗୋଳ ଜିଲା ଛେଣ୍ଡିପଦା ନତଡା ମଝି ସାହିରେ ବାରମ୍ବାର ବିଦ୍ୟୁତ କାଟକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି । ପ୍ରାୟ ଏକ ମାସ ହେବ ଏଭଳି ସମସ୍ୟା ଉପୁଜିଛି ।ଅନୁଗୋଳ ଜିଲ୍ଲା ଶିଳ୍ପ ବହୁଳ ଜିଲ୍ଲା ଥିବା ବେଳେ ଏହାର ତାପମାତ୍ରା ସର୍ବାଧିକ ରହୁଛି ଘରୁ ପଦା କୁ ବାହାରିବା ଅସମ୍ଭବ ହୋଇ ପଡିଛି । ତେଣୁ ବିନା ଲାଇନରେ ଚଳିବା ଅସମ୍ଭବ ।ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ।ଏଭଳି ଅସୁବିଧାର ସମ୍ମୁଖୀନ ହୋଇ ସାହିବାସୀ ବିଦ୍ୟୁତ ବିଭାଗକୁ ବାରମ୍ବାର ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ମାସ ଶେଷରେ ଟଙ୍କା ନେଇ ଯାଉଥିଲେ ମଧ୍ୟ କୌଣସି ଅଭିଯୋଗ ଶୁଣୁନାହାନ୍ତି । ଏହାର ସମାଧାନ ଖୁବ ଶୀଘ୍ର ନ ହେଲେ ଆଗକୁ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ମଝିସାହି ବାସୀ ପ୍ରକାଶ କରିଛନ୍ତି ।

## ଭଙ୍ଗା ନଳକୂଅକୁ ଭରସା ୬୦ ପରିବାର

ଅନୁଗୋଳ, (ମହାଭାରତ) : ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଏହା କେତେ ଦୂର କାର୍ଯ୍ୟ ହେଉଛି ତାହା ତର୍ଜମା ହେଉନାହିଁ । ଯାହା ଫଳରେ ପାନୀୟ ଜଳ ପାଇଁ ବହୁ ସମୟରେ ହଇରାଣ ହେଉଛନ୍ତି ଜନ ସାଧାରଣ । ଅନୁଗୋଳ ଜିଲ୍ଲା ବଣଁରପାଳ ବ୍ଲକ ଅନ୍ତର୍ଗତ ଜାମୁନାଳି ଗ୍ରାମବାସୀ ମାନେ ଆଜି ଉପ ଜିଲ୍ଲାପାଳଙ୍କ ନିକଟରେ ପାନୀୟ ଜଳ ଯୋଗାଣ ପାଇଁ ଅଭିଯୋଗ କରିଛନ୍ତି । ସୂଚନା ଯେ, ବଣଁରପାଳ ବ୍ଲକ ଅନ୍ତର୍ଗତ ଜାମୁନାଳି ଗ୍ରାମବାସୀ ଆଜି ଅଭିଯୋଗ କରିଛନ୍ତି କି ତାଙ୍କ ଗ୍ରାମରେ ୬୦ ପରିବାର ବସବାସ କରୁଛନ୍ତି । କିନ୍ତୁ ଗ୍ରାମରେ ପାଣି ନାହିଁ । ଗୋଟିଏ ନଳକୂପ ଥିବାରୁ ଜଳ ସମସ୍ତ ଗ୍ରାମବାସୀଙ୍କ ପାଇଁ ପାଣି ମେ[ାଇବାକୁ ସମର୍ଥ ହେଉନାହିଁ । ଯାହା ଫଳରେ ସେମାନେ ପାନୀୟ ଜଳ ପାଇଁ ୨ କିଲୋ ମିଟର କୁ ଯାଇ ପାନୀୟ ଜଳ ଆଣୁଛନ୍ତି, ଯାହା ଫଳରେ ଦୁଃଖ କଷ୍ଟରେ ଚଳୁଛନ୍ତି ଗ୍ରାମବାସୀ । ସେହି ପାଣି କୁ ବାଧ ହୋଇ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବାରୁ ପ୍ରତ୍ୟେକ ବର୍ଷ ପାଣି ପାଇଁ ସେମାନେ ଡହଳ ବିକଳ ହେଉଛନ୍ତି । ଶେଷରେ ବାଧ ହୋଇ ଆଜି ଉପ ଜିଲ୍ଲାପାଳଙ୍କ ନିକଟରେ ପାଣି ଯୋଗାଇ ଦେବା ପାଇଁ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏବେ ଦେଖିବାକୁ ବାକି ରହିଲା ଯେ, କେବେ ପାନୀୟ ଜଳ ପାଉଛନ୍ତି ଜାମୁନାଳି ଗ୍ରାମବାସୀ ।

## ମାଛ ମାଂସ ବିକ୍ରି ଉପରେ ଲଗାମ ନାହିଁ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦମହକୁମା ପାରଳା ଖେମୁଣ୍ଡିରେ ପୌର ପାରିଷଦରେ ମାଛ ମାଂସ ଉପରେ ଲଗାମ ନାହିଁ । କେବଳ ଟିକସ ଆଦାୟ କରିବାରେ ବାଉଳା । ଗଜପତି ଷ୍ଟାଡିୟମ ଠାରୁ ଆରମ୍ଭ କରି ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ସେହି ଛକ ଛକରେ ମାଛ ମାଂସ ଦୋକାନ ବିକ୍ରି ଚାଲିଛି । ମାଂସ ବିକ୍ରିକୁ ପରୀକ୍ଷା କରାଯାଉ ନାହିଁ । ସ୍ୱାସ୍ଥ୍ୟ ନିରକ୍ଷଣ ଦ୍ୱାରା ଭଲକି ଖରାପ ଜାଣିବା ସକାଶେ । ମାଛ ମାଂସ ବିକ୍ରି କରିବା ଜାଗା ପରିଷ୍କାର ରଖା ଯାଉ ନାହିଁ । ପରିବେଶ ଦୂଷିତ ହେବ । ସେମାନଙ୍କୁ ଡଷ୍ଟ ବିନ ରଖିବ ସକାଶେ କୁହାଯାଉ ନାହିଁ କି ସଚେତନତା କରାଯାଉ ନାହିଁ । ମାଛ ରାସ୍ତା କଡ଼ରେ ବିକ୍ରି କରିବା ଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହଉଛି । ପ୍ରତିଶୃତି ମାଛ ମାର୍କେଟ ନୂତନ ହେବ କୋଟିଏ ଟଙ୍କାର କିନ୍ତୁ ସହର ବାସୀଙ୍କୁ ଆଶ୍ୱାସନା ଛଡା କିଛି ନାହିଁ । ଖବର ପ୍ରସାରଣ ପରେ ମଧ୍ୟ ଗୁରୁତ୍ୱ ଦିଆଯାଉନାହିଁ ।

## ରକ୍ତ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାର ଠାରେ ଆନ୍ତର୍ଜାତୀକ ସମବାୟ ବର୍ଷ ୨୦୨୫ ଅବସରରେ ଗଜପତି ଜିଲ୍ଲା ପାଳ ବିଜୟ କୁମାର ଦାଶ୍ ରିବନ କାଟି ରକ୍ତ ଦାନ ଶିବିରର ଶୁଭ ଉଦଘାଟନ କରିଥିଲେ ।ଏହି ରକ୍ତ ଦାନ ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ କରିବାର ଲକ୍ଷ୍ୟ ରହିଛି ।ଜିଲ୍ଲାର ପ୍ରତି ସମବାୟ ସମିତି ଏଠାରେ ଯୋଗଦେଇ ରକ୍ତଦାନ କରିବେ ।ଏହି କାର୍ଯ୍ୟକ୍ରମ କରିବାର ମୂଳ ଲକ୍ଷ୍ୟ ହେଉଛି ପଂ*ାୟତ, ବ୍ଲକ ଓ ଗ୍ରାମ ଗ୍ରାମବାସୀଙ୍କୁ ସମବାୟ ସମିତି ସହ ଯୋଡିବା ।ଯାହା ଦ୍ୱାରା ଚାଷୀମାନେ ଉପକୃତ ହୋଇ ପାରିବେ । ସରକାରଙ୍କ ଦ୍ୱାରା ହୋଇଥିବାର ବିଭିନ୍ନ ଯୋଜନାରେ ଉପକୃତ ହେବେ ।

# ବିଦ୍ୟୁତର ଲୁଚକାଳି ଖେଳରେ ଅତିଷ୍ଠ ଉପଭୋକ୍ତା

ନୟାଗଡ଼, (ମହାଭାରତ) : ଏଥର ଗ୍ରୀଷ୍ମ ଦିନେ ଯେପରି ଉପଭୋକ୍ତା ହଇରାଣ ନ ହେବେ, ସେଥିପାଇଁ ବିଜୁଳି ବିତରଣ ସଂସ୍ଥା ଟିପିସିଓଡିଏଲ୍ ? ବାରମ୍ବାର ବୈଠକ କରିଥିଲା । ଏପରି ଗ୍ରୀଷ୍ମ ମୁକାବିଲା ପାଇଁ କମ୍ପାନି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ନେଇ କୁହାଗଲା । ଯେଉଁଠି ଯେଉଁଠି ଆବଶ୍ୟକ ଥିଲା ସେଠାରେ ପୁରୁଣାକୁ ବଦଳାଇ ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନସଫର୍ମର, ବିଜୁଳି ତାର ଓ ସରଞ୍ଜାମ ଲଗାଇ ଦିଆଯାଇଛି ବୋଲି କମ୍ପାନିର ବରିଷ୍ଠ ଅଧିକାରୀ ମାନେ ସୂଚନା ଦେଲେ । ମାତ୍ର ଏ ସମସ୍ତ ପ୍ରତିଶ୍ରୁତି ଓ ଘୋଷଣା ଏବେ ଭୁଲ୍ ପ୍ରମାଣିତ ହୋଇଛି । ଗ୍ରାମା*ଳରେ ବିଜୁଳି ଯେମିତି ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଗଲାଣି ଘ[ାଏ ଜଳିଲେ ଘର ତିନି ଘ[ା ଅନ୍ଧାର ରହୁଛି । ପ୍ରବଳ ଗରମ ଓ ଗୁଳୁଗୁଳି ଏପଟେ ବିଜୁଳି ସେବା ଠପ୍ ହୋଇଯାଉଥିବାରୁ ଲୋକ ମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଲାଣି । ନୟାଗଡ଼ ସହରରେ ଏବେ



ସମସ୍ୟା ବେଶ୍ ବଢ଼ିଗଲାଣି । ଦିନରେ ୨୦ ଥରରୁ ଅଧିକ ବିଜୁଳି କଟୁଥିବା ବେଳେ ସନ୍ଧ୍ୟାରେ ଭୋଲଟେଜ୍ ଅତ୍ୟନ୍ତ କମିଯାଉଛି । ଫଳରେ ବିଜୁଳି ବଲ୍‌ବ ଗୁଡ଼ିକ ଲଣ୍ଠନ ଭଳି ଜଳୁଛି । ଦିନରେ ବି ସମାନ ଅବସ୍ଥା ବାହାରେ ସୂର୍ଯ୍ୟଙ୍କ ପ୍ରଚଣ୍ଡ ରୌଦ୍ରତାପ ଓ ଭିତରେ ଟିପିସିଓଡିଏଲ୍‌ର ଯନ୍ତ୍ରଣା ଯୋଗୁଁ ଉପଭୋକ୍ତ ମାନେ ତ୍ରାହି ତ୍ରାହି ଡାକିଲେଣି । ଗୁରୁତ୍ୱପୂର୍ଣ୍ଣ କଥା ହେଲା ବ□ମାନ ନୟାଗଡ଼ ଟିପିସିଓଡିଏଲ୍ ଅଧୀନରେ ଏବେ ୨ ଲକ୍ଷ ୧୧ ହଜାର ବିଜୁଳି ଉପଭୋକ୍ତା ଅଛନ୍ତି । ପ୍ରତ୍ୟେକ ବର୍ଷ ହାରାହାରି ତିନି-ଚାରି ହଜାର ଉପଭୋକ୍ତା ବଢୁଛନ୍ତି । ମାତ୍ର ଏ ନେଇ କମ୍ପାନି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି । ସେହି ପୁରୁଣା ଟ୍ରାନସଫର୍ମର, ତାର ଓ ଅନ୍ୟାନ୍ୟ ବିଜୁଳି ସାମଗ୍ରୀ ବ୍ୟବହାର କରାଯାଉଛି । ଫଳରେ ବଢୁଥିବା ଉପଭୋକ୍ତା ବ୍ୟବହାର କରୁଥିବା ବିଜୁଳି ଲୋଡ୍ ଏହି ପୁରୁଣା ବିଜୁଳି ସରଞ୍ଜାମ ସମ୍ଭାଳି ପାରୁନାହିଁ । ଏଣୁ ବାରମ୍ବାର ବିଜୁଳି କଟୁଥିବା ବେଳେ ଭୋଲଟେଜ୍ କମି ଯାଉଥିବା ଅଭିଯୋଗ ହୋଇଛି । ଏବେ ବି ବିଭିନ୍ନ ଅ*ଳରେ ନୂତନ ଟ୍ରାନସଫର୍ମର ବସୁଥିବା ଦେଖାଯାଉଛି । ଟିପିସିଓଡିଏଲ୍ ଏହି ଯୋଜନା ଗ୍ରୀଷ୍ମ ପୂର୍ବରୁ କାହିଁକି କାର୍ଯ୍ୟକାରୀ କରାଯାଉନି, ଏହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରତ୍ୟେକ ବର୍ଷ ଉପଭୋକ୍ତା ମାନଙ୍କର ପୁଞ୍ଜିଭୂତ ଅସନ୍ତୋଷ ବେଳେ ବେଳେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରୁଛି । ଏ ନେଇ ଟିପିସିଓଡିଏଲର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମହାପାତ୍ର କୁହନ୍ତି ଯେ, ଗ୍ରୀଷ୍ମ ଦିନେ ଯେପରି ବିଜୁଳି ସମସ୍ୟା ସୃଷ୍ଟି ନ ହୁଏ, ସେଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଇଛି । ଯେଉଁ ଅ*ଳରେ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମରର ଆବଶ୍ୟକତା ପଡୁଛି, ସେଠାରେ ଏ ଦିଗରେ ପଦକ୍ଷେପ ନିଆଯାଉଛି । ଏହା କମ୍ପାନିର ଏକ ରୀତିମତ ବ୍ୟବସ୍ଥା ମାତ୍ର ଉପଭୋକ୍ତା ମାନେ ଯେତିକି ପରିମାଣର ଲୋଡ୍ ବ୍ୟବହାର କରୁଛନ୍ତି, ଏ ନେଇ କମ୍ପାନିକୁ କୌଣସି ସୂଚନା ପ୍ରଦାନ କରୁନାହାନ୍ତି । ଫଳରେ ସେହି ଅ*ଳର ଟ୍ରାନସଫର୍ମର ଏହି ଲୋଡ୍ ?କୁ ସମ୍ଭାଳି ପାରୁନାହିଁ । ଏଣୁ ବାରମ୍ବାର ବିଜୁଳି ଟ୍ରିପ୍ ହେଉଛି ଓ ଭଲ ଭୋଲଟେଜ୍ ମଧ୍ୟ ରହୁ ନାହିଁ । କେବଳ କମ୍ପାନିକୁ ଦୋଷ ଦେଲେ ହେବନି, ବିଜୁଳି ଉପଭୋକ୍ତା ମାନଙ୍କର ମଧ୍ୟ କିଛି ଦାୟିତ୍ୱ ରହିଛି ।

## ଯୌନ ଉତ୍ପୀଡ଼ନ ଓ ତାର ପ୍ରତିକାର ତଥା ଆଇନ ସହାୟତା ସଚେତନତା

ଜୁନାଗଡ, (ମହାଭାରତ): ତାଲୁକ ଆଇନ ସେବା ପ୍ରାଧିକରଣ ଜୁନାଗଡ଼ ଆନୁକୂଲ୍ୟ ରେ ଆଜି ଜୁନାଗଡ଼ ହାଇସ୍କୁଲ ପରିସରରେ କର୍ମ କ୍ଷେତ୍ରରେ ମହିଳା କର୍ମଚାରୀଙ୍କ ଉପରେ ଯୌନ ଉତ୍ପୀଡ଼ନ ଓ ତାର ପ୍ରତିକାର ତଥା ଆଇନ ସହାୟତା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଜୁନାଗଡ଼ ଆଇନ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ସିଭିଲ ଜଜ ଦିପେନ୍ଦ୍ର ସିଂ ରାଠୋର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଓକିଲ ଅଶୋକ କୁମାର ପାତ୍ର ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ବିଇଓ ତପନ ମାଝୀ, ସରକାରୀ ଓକିଲ ଦିଗାମ୍ବର ନାଏକ, ଅଶୋକ ନାୟକ, ସବ ଇନିସ୍ପେକଟର ସୁମନ ଖାଲକୋ, ଯୋଗଦାନ କରିଥିଲେ । କର୍ମ କ୍ଷେତ୍ରରେ ମହିଳା କର୍ମଚାରୀଙ୍କ ଉପରେ ଯୌନ ଉତ୍ପୀଡ଼ନ ଓ ତାର ପ୍ରତିକାର ତଥା ଆଇନ




ସହାୟତା ଉପରେ ସଭାର ସଭାପତି ସିଭିଲ ଜଜ ଶ୍ରୀମାନ ଦିପେନ୍ଦ୍ର ସିଂ ରାଠୋର ଓ ମୁଖ୍ୟ ବକ୍ତା ଶ୍ରୀ ପାତ୍ର ସୂଚନା ଦେଇଥିଲେ । ଏହି ସଚେତନତା ସଭା କୁ ସରକାରୀ ଓକିଲ ଦିଗାମ୍ବର ନାଏକ ପରିଚାଳନା କରିଥିଲେ । ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟତ୍ରୀ ଓ ଶିକ୍ଷକ ଅଂଶଗ୍ରହଣ କରିଥିଲେ । ବରିଷ୍ଠ କିରାଣୀ ଜଗନ୍ନାଥ ଗଉଡ଼ ଓ କୁମାରୀ ସସ୍ମିତା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ଓକିଲ ମାନଙ୍କ ମଧ୍ୟରେ ଅଶୋକ ପଣ୍ଡା, ଧନେଶ୍ୱର ନାଏକ, ମିଳାପ ଜୈନ, କାମାକ୍ଷ ବାଗ, ଚିନ୍ମୟ ମେହେର ପ୍ରମୁଖ ଯୋଗଦାନ କରିଥିଲେ ।

## ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବ ଜୟନ୍ତୀ ପାଳିତ

କଳାହାଣ୍ଡି/ଭବାନୀପାଟଣା, (ମହାଭାରତ) : କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ କୃଷ୍ଣଚନ୍ଦ୍ର ଗଜପତି ଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ତ୍ୟାଗ ଓ ଆଦର୍ଶ ଜୀବନୀ ଉପରେ ଆଲୋକପାତ କରି ଆଜିର ଛାତ୍ର ଛାତ୍ରୀ ଯୁବପିଢ଼ି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ ସିଂ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,



ସାଂସଦ କଳାହାଣ୍ଡିଙ୍କ ପ୍ରତିନିଧି ଜୟଶଙ୍କର ନାୟକ, ବକ୍ତା ଭାବେ ଶିକ୍ଷାବିତ୍ ଡକ୍ଟର ଉମେଶଚନ୍ଦ୍ର ଶତପଥି, ଅଧ୍ୟାପକ ପରମେଶ୍ୱର ମୁଣ୍ଡ ଯୋଗଦେଇ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ମୃତି ଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅସହାୟ ମହିଳାଙ୍କୁ ବୃଦ୍ଧାଶ୍ରମରେ ଛାଡିଲା ଜର୍ଣ୍ଣାଲିଷ୍ଟ ଆସୋସିଏସନ

ବୌଦ୍ଧ , (ମହାଭାରତ) : ସମସ୍ତଙ୍କ ଜୀବନ କାହାଣୀ ଭିତରେ ଜାଣିଛେ କି ଆମେ ଛୋଟ ବେଳେ ବାପା ମାଁ ଙ୍କ କୋଳରେ ଗେଲ ବସରେ ବଢିଥାଉ । ଏପରିକି ପ୍ରତ୍ୟକ ବାପା ମାଁ ସବୁବେଳେ ପୁଅ ଝିଅର ଶୁଭ କାମନା କରିଥାନ୍ତି । କିନ୍ତୁ କେତେବେଳେ ଯେ କାହାର ଭାଗ୍ୟ କାହା କୁ କେଉଁଠି ନେଇ ରଖିଥାଏ ସେଇଟା ସେ ଭାଗ୍ୟ ବିଧାତା ଙ୍କୁ ହିଁ ଜଣାଥାଏ । ଆମେ ଏଇ କଥା ଆପଣଙ୍କୁ ଜଣାଇବାକୁ ଚାଁହୁଛି କି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କୁସଙ୍ଗ ପଂ*ୟତ ଅତଲସରା ଗ୍ରାମର ବାପା ମାଁ ଛେଉଣ୍ଡ ପାଲୁଣୀ ବେହେରା ଜୀବନ କାହାଣୀ ବିଷୟ ରେ । ତାଙ୍କ ସମ୍ପର୍କୀୟ ଙ୍କ କହିବା ଅନୁଯାଇ ତାଙ୍କ ପରିବାର ରେ ବାପା ମାଁଙ୍କ ସହ ଦୁଇ ଭାଇ ଏବଂ ଗୋଟିଏ ଭଉଣୀ । ବାପା ମାଁ ପାଲୁଣୀ ଙ୍କୁ ବିବାହ କରିଥିଲେ ନରସିଂହ ପୁର ଅ*ଳ ରେ କ୍ଷ ପାଲୁଣୀ ର ବିବାହ ରେ କିଛି ମାସ ପରେ ସ୍ୱାମୀ ସହ କୌଣସି କାରଣ ବସତଃ ବିଚ୍ଛେଦ ସୃଷ୍ଟି ହୋଇଥିଲା । ଫଳରେ ନିଜ ବାପା ଘରକୁ ଚାଲି ଆସିଥିଲେ ପାଲୁଣୀ କ୍ଷ କିନ୍ତୁ ଆସିବା ପୂର୍ବରୁ କିଛିଦିନ ଆଗରୁ ବାପା ମାଁ ଚାଲିଯାଇଥିଲେ ଆର ପୁରକୁ କ୍ଷ ଯାହାକି ବଡ଼ ଭାଇଙ୍କ ପାଖରେ ଆଶ୍ରା ନେଇଥିଲେ । ବଡ଼ ଭାଇ କିଛି ବର୍ଷ ପରେ ଆର ପାରିକୁ ଚାଲିଯାଇଥିଲେ । ସେପଟେ ସାନ ଭାଇ ର ଅବସ୍ଥା ସୋଚନୀୟ ଭାଇ ଅକ୍ଷମ ଅବସ୍ଥାରେ ଘରେ ପଡିରହିଥିଲା ଏସବୁ ଘଟଣା ଧୀରେ ଧୀରେ ପାଲୁଣୀଙ୍କୁ ମାନସିକ ସ୍ତର ରେ ଦୁର୍ବଳ କରିଥିଲା । କିଛିଦିନ ପରେ ମାନସିକ ସ୍ଥିତି ଠିକ ନଥିବାରୁ ଘର ଛାଡି ନିକଟସ୍ତ ଗାଁ କୁ ଚାଲି ଆସିଥିଲା । ନିଜ ପେଟ କୁ ମୁଠେ ଦାନା ପାଇଁ କାହାର ପାଣି ବୋହିବା ତ କାହାକୁ ଜଙ୍ଗଲରୁ କାଠ ଆଣି ଦେବା. କାହାର ଘର ଓଳେଇ ଦେବା ଏସବୁ ପର ପାଇଁ କାର୍ଯ୍ୟ କରି କରି ଦିନ ବିତିଗଲା ! ବୟସ ଅପରାହ୍ନ ପହଂଚିଥିଲେ ମଧ୍ୟ ନିଜର ଭ□ା ଖଣ୍ଡିଏ ହେଉକି ରାସନ କାର୍ଡ ଖଣ୍ଡିଏ କୌଣସି ସୁବିଧା ପାଇଲେ ନାଇଁ ପାଲୁଣୀ । ଏମିତି ଏଠି ସେଠି ମାଗି ଯାଚି ଖାଇ ଜୀବନ ବିତୁଥିବା ଦୁର୍ବଳା ଅବଳା ମହିଳା ଙ୍କ ପ୍ରତି ସମସ୍ତଙ୍କ ମନରେ ଆହାଃ ସୃଷ୍ଟି କଲା ! ଏଭଳି ଘଟଣା ଜାଣିବା ପରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ ସହାୟତା ର ହାତ ବଢ଼ାଇଥିଲା । ଏପରିକି ମାନସିକ ସ୍ତର ରେ ଦୁର୍ବଳ ଥିବା ମହିଳା ଙ୍କୁ ଗାଡି ରେ ବସେଇ ଚାରିଛକ ଝାଡ଼ରାଜିଙ୍ଗ ସ୍ଥିତ ବୃଦ୍ଧା ଶ୍ରମ କୁ ଆଣି ଦାୟିତ୍ୱ ରେ ଥିବା ପରିଚାଳକ ଙ୍କୁ ହସ୍ତାନ୍ତର କରିଥିଲା । ଏପରିକି ପାଲୁଣୀ ର କିପରି ସରକାର ଙ୍କ ମାସିକ ସହାୟତା ଭ□ା ରାଶି ପାଇବ ସେନେଇ ପ୍ରଶାସନ ନିକଟରେ ଦାବି ରଖିଥିଲା କ୍ଷ ଗାଁ ଗାଁ ବୁଲୁଥିବା ପାଲୁଣୀ ଆଜି ଆଶ୍ରମ ଯାଉଥିବା ଜାଣି କିଛି ଲୋକ ଙ୍କ ଭିତରେ ଦୁଃଖଦ ଭାବ ସୃଷ୍ଟି ହୋଇଥୁବା ଦେଖିବାକୁ ମିଳିଥିଲା ! କାରଣ ନିରୀହ, ଅବଳା, ଦୁର୍ବଳା ମହିଳା ସବୁବେଳେ ଅ*ଳ ର ଲୋକଙ୍କ ଭିତରେବେଶ ପରିଚିତ ଥିଲା । ଅନ୍ୟପଟେ ଜର୍ଣ୍ଣାଲିଷ୍ଟ ଆସୋସିଏସନ କେବଳ ବର୍ଷକୁ ଥରେ ସେବା ମହୋତ୍ସବ ଭିତରେ ସୀମିତ ନରହି ବିଭିନ୍ନ ସମୟରେ ସମାଜରେ ଅସହାୟ ଙ୍କୁ ଯଥା ସମ୍ଭବ ସାହାଯ୍ୟର ହାତ ବଢ଼ାଇ ଆସିଥାଏ । ଏମିତି କି ଆସୋସିଏସନ ସବୁବେଳେ ସମାଜ ର ଲୋକଙ୍କ ଭିତରେ ଦିନକୁ ଦିନ ଜନ ଆଦୃତ ହୋଇପାରିଛି ବୋଲି ସାଧାରଣ ରେ ଏକ ପ୍ରକାର ଆଲୋଚନା ପାତ୍ର ହୋଇଥାଏ । ଏହି ଅସହାୟ ମହିଳାଙ୍କୁ ଆଶ୍ରମ ରେ ଥଇଥାନ କରିବା ସମୟ ରେ ସଂଘ ର ବରିଷ୍ଠ ସଦସ୍ୟ ବିଭୁଦ□ ବୋଷ, ବାସୁଦେବ ସାହୁ, ସଦାନନ୍ଦ ନାଏକ ଏବଂ ତାଙ୍କ ସମ୍ପକୀୟ ପୁତୁରା ଭକ୍ତ ଚରଣ ବେହେରା ଓ ବୃଦ୍ଧା ଶ୍ରମର ସନ୍ତୋଷ ନାଏକ, ବର୍ଷା ଉପସ୍ଥିତ ଥିଲେ ।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ

ସମ୍ବଲପୁର, (ମହାଭାରତ) : ଆଜି ପୂର୍ବାହ୍ନ ୧୦:୦୦ ଟା ରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳନ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ଅଭିଷେକ କିସାନ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସହାୟକ ନିର୍ଦ୍ଦେଶକ ପର୍ଯ୍ୟଟନ ବିଭାଗ ରବୀନ୍ଦ୍ର ଦଳେଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ନନ୍ଦ, ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ସାହିତ୍ୟକ ତଥା ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଗଣେଶ ରାମ ନାହାକଯୋଗ ଦେଇଥିଲେ । ତାଙ୍କ ସହିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁ ପ୍ରମୁଖ ମଂଚନୀୟ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

# ଅବ୍ୟବସ୍ଥା ଭିତରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଅସ୍ତରଙ୍ଗ, (ମହାଭାରତ) :ଉ□ମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସରକାର ଆଣିଛନ୍ତି ଅନେକ ଯୋଜନା । ପଂ*ାୟତ ସ୍ତରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ୍ୟ ଦିଆଯାଉଛି ଗୁରୁତ୍ୱ ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ପୂର୍ଣ୍ଣ ଅବ୍ୟବସ୍ଥା । ଏଠି ରୋଗରୁ ଉପଶମ ପାଇବାକୁ ଆସୁଥିବା ରୋଗୀ ବାସ୍ତବରେ ବା ପରୋକ୍ଷରେ କେତେ ରୋଗ କିଣୁଛି ତାହା ଆପଣ ଜାଣିଲେ ନିହାତି ଭାବେ ଆଶ୍ଚର୍ଯ୍ୟ ହେବେ, ହଁ ଆଜ୍ଞା ଏ କଥା ଆମେ କହୁନୁ କହୁଛି ଆମ କ୍ୟାମେରା । ଆଉ ଯାହା କୟଦ ହୋଇଛି ତାହା ଆପଣ ନିଜେ ଦେଖନ୍ତୁ, କେବଳ ସେତିକି ନୁହେଁ ବରିଷ୍ଠ ବୁଦ୍ଧିଜୀବୀ ଓ ସମାଜସେବୀ ଆଣିଛନ୍ତି ଏ ବାବଦରେ ଉଠାଇଛନ୍ତି ସଙ୍ଗିନୀ ଅଭିଯୋଗ,ରାଜ୍ୟ ରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଇଣ୍ଡୋର ଓ୍ୱାର୍ଡ ଭିତରେ ରୋଗୀଙ୍କ ପାଇଁ ଥିବା ପାନୀୟ ଜଳ ଫ୍ରିଜରର ଅବସ୍ଥା ଦେଖିଲେ ଜଣେ ସୁସ୍ଥ ରୋଗୀ ବି ଅସୁସ୍ଥ ହୋଇଯିବ, ପାନ ଛେପରେ ସମ୍ପୂର୍ଣ୍ଣ



ଆସ୍ତରଣ ଜମିଛି । ପିଇବା ପାଇଁ ଗୋଟେ ପ୍ଲାଷ୍ଟିକ ଗ୍ଲାସ, ଗୋଟେ ପଟେ ସରକାର ପ୍ଲାଷ୍ଟିକ ମୁକ୍ତ ପାଇଁ ପରାମର୍ଶ ଦେଉଛନ୍ତି ଅନ୍ୟ ପଟେ ଯେଉଁ ପ୍ଲାଷ୍ଟିକ ଗ୍ଲାସ ରହିଛି ତାହା ବି ସମ୍ପୂର୍ଣ୍ଣ ଅପରିଷ୍କାର । କେବଳ ସେତିକି ନୁହେଁ ନୋଭେଲାଇଜର ଟେବୁଲ ନିକଟରେ ରୋଗୀ ଓ ରୋଗୀଙ୍କ ଲୋକ ମାନଙ୍କ ପାଇଁ ବସିବାକୁ ବ୍ୟବସ୍ଥା ହୋଇଛି ସତ ମାତ୍ର ସେହି ସ୍ଥାନ ରୋଗୀଙ୍କ ପାଇଁ ବ୍ୟବହୃତ ହେଉଥିବା ତୁଳା ଫିଙ୍ଗା ଯାଇଛି, ଡାକ୍ତର ବି କେହି ନାହାନ୍ତି, ବେସିନ ବି ଅବ୍ୟବସ୍ଥା । ଯଦି ସରକାର କାୟାକଳ୍ପ ହେଉ କି ଅନ୍ୟ କୌଣସି ପ୍ରକଳ୍ପ ରେ ଅର୍ଥ ମଞ୍ଜୁର କରୁଛନ୍ତି ତାହେଲେ ଏହି ଅର୍ଥ କେଉଁଠି ଆଉ କାହା ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉଛି ତାହାକୁ ନେଇ ସୃଷ୍ଟି ହୋଇଛି ସନ୍ଦେହ, ଏହିପରି ରାତ୍ର ସମୟରେ ଜଣେ କୀଡୋନି ଅସୁସ୍ଥ ରୋଗୀ ଙ୍କର ଅକ୍ସିଜେନ୍ ର ଆବଶ୍ୟକତା ହୋଇଥିଲା, ତାଙ୍କ ଘର ଲୋକ ଅଟୋ ମାଧ୍ୟମରେ ହସ୍ପିଟାଲ ଆଣିଲେ ସତ ମାତ୍ର ରୋଗୀ ଜଣେ ସମ୍ପୂର୍ଣ୍ଣ ପକ୍ଷାଘାତ ହୋଇଥିବାରୁ ସେ ହସ୍ପିଟାଲ ଓ୍ୱାର୍ଡ ଭିତରକୁ ଯିବା ପାଇଁ ଅପେକ୍ଷା କରି ବସିଥିଲେ ଆସିନଥିଲେ କୌଣସି କର୍ମଚାରୀ, ଡାକ୍ତର ସେଇଠି ଉପସ୍ଥିତ ଅଛନ୍ତି । ହ୍ୱୀଲ୍ ଚେୟାର ଅଛି ମାତ୍ର ରୋଗୀକୁ ନେବା ପାଇଁ ନାହାନ୍ତି କର୍ମଚାରୀ । ଶେଷରେ ଉପସ୍ଥିତ ତାଙ୍କ ଘର ଲୋକ ରୋଗୀଙ୍କୁ ଉଠାଇ ଖଟିଆରେ ଶୁଆଇଥିଲେ । ଥରେ ଚିନ୍ତା କରନ୍ତୁ ଯଦି ସେହି ସମୟ ରୋଗୀଜଣକ, ପଡିଯାଇଥାନ୍ତେ ତାହେଲେ ସେଥିପାଇଁ ଦାୟୀ କିଏ ହୋଇଥାନ୍ତା । ବିଭିନ୍ନ ମହଲରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଦୂଷିତ ପରିବେଶ ଆଉ ଅବ୍ୟବସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନେଇ ରାଜ୍ୟ ସରକାର ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବୀ କରାଯାଇଛି ।

## ପ୍ରେମି ଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋକସରା,(ମହାଭାରତ) : କୋକସରା ବ୍ଲକ ଆମପାଣି ଥାନା କାଉଡୋଲା ଗାଁରେ ପ୍ରେମକୁ ନେଇ ଘଟିଛି ଏକ ଅଭାବନୀୟ ଘଟଣା। ବେକରେ ରସି ଲଗାଇ ଗଛରେ ଝୁଲି ପଡିଛନ୍ତି ପ୍ରେମୀ ଯୁଗଳ। ମୃତ ପ୍ରେମିକ ଜଣକ କାଉଡୋଲା ଗ୍ରାମର ନିତେଶ ମୁଣ୍ଡ(୨୩) ଓ ସେହି ଗ୍ରାମର ୧୭ ବର୍ଷିୟା ନାବାଳିକା ପ୍ରେମିକା ବୋଲି ସୂଚନା ମିଳିଛି। ସେମାନେ ଗୋଟିଏ ଗ୍ରାମର ହୋଇଥିବାବେଳେ ର୍ଦିଘ ଦିନରୁ ନିତେଶ ଓ ନାବାଳିକାର ପ୍ରେମ ସମ୍ପର୍କରେ ରହିଥିଲାୟ ପୁଅ ଓ ଝିଅ ଅନ୍ୟ ଜାତିର ହୋଇଥିବାରୁ ସେମାନଙ୍କ ପ୍ରେମକୁ ସ୍ୱିକୃତି ମିଳି ନଥିବା ଆଲୋଚନା ହେଉଛି। ଶୁକ୍ରବାର ରାତି ପ୍ରାୟ ୨ଟା ସମୟରୁ ଉଭୟେ ଘରୁ ନିଖୋଜ ଥିବାବେଳେ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କୁ ପାଇ ନଥିଲେ। ଶନିବାର ସକାଳୁ କାଉଡୋଲା କୁମୁଡାମୁଣ୍ଡା ରାସ୍ତାର ଡଙ୍ଗରୀ ନିକଟସ୍ଥ ଏକ ଗଛରେ ସେମାନଙ୍କ ଝୁଲନ୍ତା ମୃତ ଦେହ ସ୍ଥାନୀୟ ଲୋକେ ଦେଖିବାକୁ ପାଇ ସେମାନଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହାପରେ ଆମପାଣି ଥାନା ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ପରେ ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟରେ ତଦନ୍ତ ଆରମ୍ଭ କରିଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ କୋକସରା ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କ ଉପସ୍ଥିତିରେ ଉଭୟଙ୍କ ଝୁଲନ୍ତା ମୃତ ଦେହ ଗଛରୁ ଓହ୍ଲାଇ ପୁଲିସ ଶବ ଜବତ କରିଥିଲା। ଏହାପରେ ଶବ ବ୍ୟବଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଚ୍ଛେଦ ପରେ ଉଭୟ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି ପୋଲିସ। ତେବେ ପ୍ରେମ ସମ୍ପର୍କକୁ ନେଇ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ଉଭୟ ପରିବାର ଲୋକେ ହତ୍ୟା ହୋଇଥାଇ ପାରେ ବୋଲି ସନ୍ଦେହ କରୁଛନ୍ତି। ଅନ୍ୟପଟେ ସେମାନଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ଆମପାଣି ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିବାବେଳେ ତଦନ୍ତ ଜାରି ରହିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ଆଇନ ସହାୟତା ସଚେତନତା ସଭା ଅନୁଷ୍ଠିତ

ଜୁନାଗଡ଼ (ମହାଭାରତ): ତାଲୁକ ଆଇନ ସେବା ପ୍ରାଧିକରଣ ଜୁନାଗଡ଼ ଆନୁକୂଲ୍ୟ ରେ ଆଜି ଜୁନାଗଡ଼ ହାଇସ୍କୁଲ ପରିସରରେ କର୍ମ କ୍ଷେତ୍ରରେ ମହିଳା କର୍ମଚାରୀ ଙ୍କ ଉପରେ ଯୌନ ଉତ୍ପୀଡ଼ନ ଓ ତାର ପ୍ରତିକାର ତଥା ଆଇନ ସହାୟତା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଜୁନାଗଡ଼ ଆଇନ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ସିଭିଲ ଜଜ ଶ୍ରୀମାନ ଦିପେନ୍ଦ୍ର ସିଂ ରାଠୋର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଓକିଲ ଅଶୋକ କୁମାର ପାତ୍ର ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ବିଇଓ ତପନ ମାଝୀ, ସରକାରୀ ଓକିଲ ଦିଗାମ୍ବର ନାଏକ, ଅଶୋକ ନାୟକ,ସବ ଇନିସ୍ପେକଟର ସୁମନ ଖାଲକୋ, ଯୋଗଦାନ କରିଥିଲେ । କର୍ମ କ୍ଷେତ୍ରରେ ମହିଳା କର୍ମଚାରୀ ଙ୍କ ଉପରେ ଯୌନ ଉତ୍ପୀଡ଼ନ ଓ ତାର ପ୍ରତିକାର ତଥା ଆଇନ ସହାୟତା ଉପରେ ସଭାର ସଭାପତି ସିଭିଲ ଜଜ ଶ୍ରୀମାନ ଦିପେନ୍ଦ୍ର ସିଂ ରାଠୋର ଓ ମୁଖ୍ୟ ବକ୍ତା ଶ୍ରୀ ପାତ୍ର ସୂଚନା ଦେଇଥିଲେ । ଏହି ସଚେତନତା ସଭା କୁ ସରକାରୀ ଓକିଲ ଶ୍ରୀ ଦିଗାମ୍ବର ନାଏକ ପରିଚାଳନା କରିଥିଲେ । ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନ ର ଶିକ୍ଷୟତ୍ରୀ ଓ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ବରିଷ୍ଠ କିରାଣୀ ଜଗନ୍ନାଥ ଗଉଡ଼ ଓ କୁମାରୀ ସସ୍ମିତା କାର୍ଯ୍ୟକ୍ରମ ପରିଚାଳନା ରେ ସହାୟତା କରିଥିଲେ । ଓକିଲ ମାନଙ୍କ ମଧ୍ୟରେ ଅଶୋକ ପଣ୍ଡା, ଧନେଶ୍ୱର ନାଏକ, ମିଳାପ ଜୈନ, କାମାକ୍ଷ ବାଗ, ଚିନ୍ମୟ ମେହେର ପ୍ରମୁଖ ଯୋଗଦାନ କରିଥିଲେ ।

## ପହଲଗାଁଓ ଆକ୍ରମଣ ; ଆତଙ୍କବାଦୀଙ୍କ ବିରୋଧରେ ମଶାଲ ଶୋଭାଯାତ୍ରା



କରଞ୍ଜିଆ,(ମହାଭାରତ) ଜାମ୍ମୁକାଶ୍ମୀରର ପହଲଗାଁଓ ଠାରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀମାନଙ୍କ ଆକ୍ରମଣ ଓ ପର୍ଯ୍ୟଟକ ଙ୍କୁ ହତ୍ୟା କରିବା ଭଳି ଛାତିଥରା ଘଟଣାକୁ ତୀବ୍ର ନିନ୍ଦା କରି ଆଜି ସଂନ୍ଧ୍ୟାରେ ଠାକୁରମୁଣ୍ଡା ହନୁମାନ କମିଟି ଓ ହିନ୍ଦୁ ସଂଗଠନ ଗୁଡ଼ିକ ପକ୍ଷରୁ ବିକ୍ଷୋଭ ଓ ମଶାଲ ଶୋଭାଯାତ୍ରା ପ୍ରଦର୍ଶନ କରାଯାଇଥିଲା। ଠାକୁରମୁଣ୍ଡା ବଜାର ହନୁମାନ ଛକ ଠାରେ ପ୍ରଥମେ ମୃତ ହିନ୍ଦୁ ପର୍ଯ୍ୟଟକମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିବା ସହ ବଜରଙ୍ଗବଳୀଙ୍କ ଆଗରେ ଦୀପ ପ୍ରଜ୍ୱଳନ କରି ଆହତ ବ୍ୟକ୍ତିଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ଏହା ପରେ ଏକ ବିକ୍ଷୋଭ ତଥା ପ୍ରତିବାଦ ମଶାଲ ଶୋଭାଯାତ୍ରା ବାହାରି ନାରା ଦେଇ ବଜାର ପରିକ୍ରମା କରି ମଶାଲ ଶୋଭାଯାତ୍ରା କରିଥିଲେୟ ବିଭିନ୍ନ ସ୍ଲୋଗାନ ଦେଇ ରାଲି ବାହାରି ହିନ୍ଦୁ ହିନ୍ଦୁ ଭାଇ ଭାଇର ନାରା ଦେବା ସହିତ ପାକିସ୍ତାନ ମୁର୍ଦାବାଦ ନାରା ଦେଇଥିଲେ। ପାକିସ୍ତାନ କୁ ଆଉ ବରଦାସ୍ତ କରାଯିବ ନାହିଁ । ଏହି ମଶାଲ ଶୋଭାଯାତ୍ରାରେ ବିଭିନ୍ନ ହିନ୍ଦୁ ସଂଗଠନ କର୍ମକର୍ତ୍ତା ସମେତ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ , ବିମଳ କୁମାର ସେନାପତି , ରଘୁନାଥ ନାଏକ, ଦେବପ୍ରସାଦ ସେଠୀ, ଯୋଗେନ୍ଦ୍ର ମହାନ୍ତ, ଆଶିଷ ପାଣିଗ୍ରାହୀ, ଭାସ୍କର ପାଣ୍ଡା, ବିଛେନ୍ଦ୍ର ବେହେରା , ଜୁବ୍ଲି ସାହୁ, ରାଜୁ ରାମ, ସୁବ୍ରତ ନାୟକ ବିଭିନ୍ନ ହିନ୍ଦୁ ସଂଗଠନ କର୍ମକର୍ତ୍ତା ମାନେ ମଶାଲ ଶୋଭାଯାତ୍ରା ଥିଲେ।

## ଚୋରା ଗାଡ଼ି ଜବତ ୩ ଯୁବକ ଗିରଫ

କଳିଙ୍ଗନଗର ଥାନା ପକ୍ଷରୁ ୫ଟି ଚୋରି ବାଇକ ଉଦ୍ଧାର କରିବା ସହିତ ୩ ଜଣଙ୍କୁ ଗିରଫ କରାଯାଇଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କଳିଙ୍ଗନଗର ସୁପ୍ରସନ୍ନ ମଲ୍ଲିକ ଙ୍କ ଦ୍ୱାରା ଆଜି କଳିଙ୍ଗନଗର ଥାନା ରେ ଏକ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଥିଲେ । ସୂଚନା ମୁତାବକ ଶୁକ୍ରବାର ଦିନ ଥାନା ଏସ୍ଆଇ ରମେଶ ବେହେରାଙ୍କ ନେତୃତ୍ୱରେ ଏକ ଟିମ ବଙ୍ଗଳା ଛକ ନିକଟରେ ଯାଞ୍ଚ କରାଯାଉଥିଲା, ଡୁବୁରୀ ରୁ କରଡ଼ାପାଳ ଯାଉଥିବା ନମ୍ବର ବିହୀନ ବାଇକ କୁ ଅଟକ କରିବା ସହିତ ସେହି ଗାଡିରେ ନିରଞ୍ଜନ ବାରିକ ଓ ଜଗବନ୍ଧୁ ନାୟକ ଙ୍କୁ ସନ୍ଦେହ ରେ ଅଟକ ରଖି ପଚାର ଉଚରା ରେ ଜାଣିବାକୁ ପାଇଥିଲେ କି ଏହା ଏକ ଚୋରା ଗାଡି। ସେମାନଙ୍କୁ ଜବତ କରି ଥାନାକୁ ଆଣିଥିଲେ। ଏବଂ ଥାନା ରେ ପଚାର ଉଚରା କରିବାରେ ସମ୍ପୂର୍ଣ ତଥ୍ୟ ସାମ୍ନା କୁ ଆସିଥିଲା । ବୈରୀମାଳ ରେ ଥିବା ଏକ ବାଇକ ଗ୍ୟାରେଜ ରେ ଚୋରା ଗାଡି ସବୁ ଦେଇଥାନ୍ତି, ସେ ଗ୍ୟାରେଜ ବାଲା ବାଇକ ଗୁଡିକର ପାର୍ଟ୍ସ ଖୋଲି ପୃଥକ ପୃଥକ ଭାବେ ବିକ୍ରି କରିସାରିବା ପରେ ଚୋରି କରିଥିବା ଲୋକଙ୍କୁ ପଇସା ଦେଇଥାଏ।

### ବନ୍ଦର ଅଧକ୍ଷଙ୍କ ପ୍ରତିଶୃତି ରକ୍ଷା ପାଇଁ ସାଧୁବାଦ ଜଣାଇଲା ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ

# କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ୯ ଜଣିଆ କମିଟି ଗଠିତ



ପାରାଦୀପ(ମହାଭାରତ): ଦୀର୍ଘଦିନ ହେବ ପାରାଦୀପ ବନ୍ଦର ଠିକା ବା ଡିଏଲଆର କର୍ମଚାରୀ ମାନଙ୍କ ଅ ଫ ଗେ୍ ଡେ ସ ନ (କ୍ରମୋଉତି) ଓ ରେ ସ ନା ।ଲ ।ଇ ଜେ ସ ନ (ଯୁକ୍ତିକରଣ) ସହିତ ଅନ୍ୟାନ୍ୟ ଦାବୀ କରିଆସୁଥିଲା ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ (ଏଚଏମଏସ)। ତେବେ ଉକ୍ତ ଦାବୀ ଗୁଡିକୁ ବିଚାର କରି ୟୁନିଅନ କୁ ଦେଇଥିବା ପ୍ରତିଶୃତି ରକ୍ଷାକରି ସମସ୍ୟା ର ସମାଧାନ ପାଇଁ ବନ୍ଦର ଅଧକ୍ଷ ଏକ ୯ ଜଣିଆ କମିଟି ଗଠନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଅପରାହ୍ନରେ ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ର ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ, ଉପସଭାପତି ଗୁଣନିଧି ଚୌଧୁରୀ, କୋଷାଧକ୍ଷ ବ୍ରିଜେଶ କୁମାର ଲେଙ୍କା, କାର୍ଯ୍ୟକାରୀ ସଭ୍ୟ ସଂଗ୍ରାମ ପଟ୍ଟନାୟକ, ଲଳିତ ମହାପାତ୍ର, ଅଭିତାଂଶୁ ରଥ, ସୂର୍ଯ୍ୟ ନାରାୟଣ ବାରିକ, ପ୍ରସନ୍ନ ବଳ ଏବଂ ଅନ୍ୟ କର୍ମକର୍ତ୍ତା ଓ କର୍ମଚାରୀ ମାନେ ବନ୍ଦର ଅଧକ୍ଷ ଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ଫୁଲତୋଡ଼ା ଦେଇ ଧନ୍ୟବାଦ ଜଣାଇବା ସହିତ ଡିଏଲଆର ଏବଂ ବନ୍ଦର କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଆଲୋଚନା କରିଥିଲେ। ସେଥିମଧ୍ୟରେ ବନ୍ଦରରେ କାର୍ଯ୍ୟରତ ଅନୁକମ୍ପାମୂଳକ ନିଯୁକ୍ତି ରେ ଥିବା ଡିଏଲଆର କର୍ମଚାରୀ ସ୍ପେସିଆଲ କାଟାଗୋରି ରେ ଅନ୍ତର୍ଭୁକ୍ତ କରିବା, ଆଇଓଏଚପି ଡିଭିଜନ ରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଏବଂ ବନ୍ଦର କର୍ମଚାରୀ ମାନଙ୍କ ପ୍ରମୁଖ ଦାବୀ ଉପରେ ଆଲୋଚନା କରାଯାଇଥିଲା । ବନ୍ଦର ଅଧକ୍ଷ ପି.ଏଲ.ହରନାଦ ସମସ୍ତ ବିଷୟ ଉପରେ ବିଚାର କରି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ୟୁନିଅନ କର୍ମକର୍ତ୍ତା ଙ୍କୁ ପ୍ରତିଶୃତି ଦେବା ସଙ୍ଗେ ସଙ୍ଗେ ବିଭାଗୀୟ ଅଧିକାରୀ ମାନଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଥିବା ନେଇ ୟୁନିଅନ ପକ୍ଷରୁ ସୂଚନା ମିଳିଛି । ତେ ଏସମସ୍ତ କାର୍ଯ୍ୟ ୟୁନିଅନ ର ସଭାପତି ଡ଼ଃ.ବିଭୁ ପ୍ରସାଦ ତରାଇ ଙ୍କ ଦୃଢ଼ ନେତୃତ୍ୱ ଓ ଦିଗଦର୍ଶନ ଯୋଗୁଁ ସମ୍ଭବ ହୋଇପାରିଛିବୋଲିସାଧାରଣ ସମ୍ପାଦକ ଶ୍ରୀ ଶତପଥୀ କହିଛନ୍ତି ।

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ ପାଳିତ

ଗୁଣୁପୁର (ମହାଭାରତ): ଆଜି ସ୍ଥାନୀୟ ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟର ଅଟଳ କମ୍ୟୁନିଟି ଇନୋଭେସନ ସେଣ୍ଟର୍ ଏବଂ ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପୁନେ ସ୍ଥିତ କଲେଜ ଅଫ ଇଂଜିନିୟରିଂ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ଡ ସନ୍ଦୀପ ଏ ମେଶ୍ରମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମିଶନ ୫୧ ପେଟେଣ୍ଟ କୁ ପଞ୍ଜିକରଣ କିପରି ସଫଳତାର ସହ ଲକ୍ଷ୍ୟ ସାଧନା କରାଯାଇପାରିବ ସେ ନେଇ ଉତ୍ସାହିତ କରିଥିଲେ। ସମ୍ମାନୀୟ ଅତିଥି ଭାବେ ପେଟେଣ୍ଟ ବିଶେଷଜ୍ଞ ଭାବେ ପୁନେ ସ୍ଥିତ ସିମ୍ବାଓସିସ ଅନୁଷ୍ଠାନର ପ୍ରଫେସର ନୀତିନ ଖେଡକର ନୂତନ ଉଦ୍ଭାବନ ଏବଂ ସ୍ୱଚ୍ଛତା ବିଷୟ ରେ ଆଲୋକପାତ କରିଥିଲେୟ ବିଶ୍ୱବିଦ୍ୟାଳୟ ର ପ୍ରୋ ଚାନ୍ସେଲର ଡ ଲଳିତ ମୋହନ ପଟ୍ଟନାୟକ ଆଭାସି ମାଧ୍ୟମରେ ଯୋଗ ଦେଇ ବିଶ୍ୱ ବୌଦ୍ଧିକ ସମ୍ପତି ବିଷୟରେ କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏ ଭି ଏନ ଏଲ ଶର୍ମା। ଯୋଗ ଦେଇ ଭାରତୀୟ ପେଟେଣ୍ଟର ସଫଳତା ବିଷୟ ରେ କହିବା ସହ ଯୁବ ଶିକ୍ଷକ ମଣ୍ଡଳୀ ଏଥି ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପେଟେଣ୍ଟ ବିଶେଷଜ୍ଞ ଭାବେ ନୂଆଦିଲ୍ଲୀ ସ୍ଥିତ ପି ଏ ଲିଗଲ ପ୍ରତିଷ୍ଠାନ ପ୍ରତିଷ୍ଠାତା ପ୍ରିଙ୍କା ଆରୋରା, ଫାଷ୍ଟ ପେଟ ଆଇ ପି କନସଲ୍ଟିଂ ସର୍ଭିସେସ ର ପ୍ରତିଷ୍ଠାତା ଆଶୁତୋଷ ନନ୍ଦ, ଭୁବନେଶ୍ୱର ସ୍ଥିତ ୟୁ ଏନ ୱିପୋ ଟିସ୍କ - ଆଇ ପି ଏସ ସି ର ମୁଖ୍ୟ ଡ ସଚ୍ଚିକାନ୍ତ କର ଏବଂ ଭୁବନେଶ୍ୱର ସ୍ଥିତ ସି ଏସ ଆଇ ଆର - ଆଇ ଏମ ଏମ ଟି ର ମୁଖ୍ୟ ବୈଜ୍ଞାନିକ




ଡ. ଟି ପବନ କୁମାର ପ୍ରମୁଖ ଆଭାଷି ମାଧ୍ୟମରେ ଯୋଗଦେଇ ଅର୍ଟିଫିସିଆ ଇଣ୍ଟେଲିଜେନ୍ସ ଏବଂ ପେଟେ□ ର ମିଳିତ ସହଯୋଗରେ କିପରି ଆଗକୁ ବଢିବା ଏବଂ ନିଜର ନୂତନି କରଣ କୁ କିପରି ସିକୃତୀ ସହ ନିରାପତ୍ତା ବିଷୟରେ କହିଥିଲେ। ସ୍କୁଲ ଅଫ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଡିନ ଡ ତୁଲୁ ପଟ୍ଟନାୟକ,ରେଜିଷ୍ଟ୍ରାର ଡ ଏନ ଭି ଜେ ରାଓ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ୫୧ ଜଣ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଏହି ପେଟେଣ୍ଟ କାର୍ଯ୍ୟ ପାଇ ସମ୍ମାନିତ କରଯାଇଥିଲା। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ ବହୁଳ ଭାବେ ଏହି ପେଟେଣ୍ଟକୁ ପ୍ରକାଶିତ କରିବା ପାଇଁ ଏହି ଦିବସ ଅବସରରେ ଉତ୍ସାହିତ କରିଥିଲେ।ଏଥିରେ ଅଟଳ କମ୍ୟୁନିଟି ଇନୋଭେସନ ସେଣ୍ଟର୍ ମୂଖ୍ୟ ରବୀନ୍ଦ୍ର ଯାଦବ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଡ ରାଧାନାଥ ପାତ୍ର ଧନ୍ୟବାଦ ଅର୍ପଣ କରଥିଲେ।ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଫୁଁ ଫିଯା ମଞ୍ଚ ପରିଚାଳନା କରିଥିବା ବେଳେ ଆବାହକ ଅଧ୍ୟାପକ ଡ ଶଶାଙ୍କ ଶେଖର ପଣ୍ଡା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହିନ୍ଦୋଳ ଏନଏସି କାର୍ଯ୍ୟାଳୟ ନିର୍ମାଣକୁ ବିରୋଧ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ବହୁଚର୍ଚ୍ଚିତ ହିନ୍ଦୋଳ ଏନଏସି ର ନୂତନ କାର୍ଯ୍ୟାଳୟ ଓ ସଭାଗୃହ ନିର୍ମାଣକୁ ନେଇ ଦେଖାଦେଇଛି ବିବାଦ ଏବଂ ଏହାକୁ ବିରୋଧ କରିଛନ୍ତି କାଉନସିଲର ମାନେ ୟ ଖବରରୁ ପ୍ରକାଶ ହିନ୍ଦୋଳ ଏନଏସି ର ନୂତନ କାର୍ଯ୍ୟାଳୟ, ଷ୍ଟାଫ କ୍ୱାଟର ଓ ସଭାଗୃହ ନିର୍ମାଣ ନିମନ୍ତେ ପୂର୍ବରୁ ୱାର୍ଡନଂ ୧୨ସ୍ଥିତ ତାରିଣୀବିହାର ଅ□ଳରେ ଚିହ୍ନଟ ହୋଇଥିଲା ସ୍ଥାନ କାରଣ ନିକଟରେ ନିର୍ମାଣ ହେଉଛି ନୂତନ କୋର୍ଟୟ ତେବେ ଏନଏସି କର୍ତ୍ତୃପକ୍ଷ ହିନ୍ଦୋଳ ସହରଠାରୁ, ଜନବସତିରୁ ଦୂର ଜଙ୍ଗଲଜନ୍ତୁ ପରିପୂର୍ଣ୍ଣ, ଅପରାଧୀକ କାର୍ଯ୍ୟକଳାପ ପୂର୍ଣ୍ଣ କଟକ ହିନ୍ଦୋଳ ସୀମାନିକଟ ଏକ ନିକଞ୍ଚନ ସ୍ଥାନ ଯେଉଁଠି ଏକ ଦେଶୀ ମଦଭାଟି ରହିଅଛି ସେହିଠାରେ ୦୫ଏକର ସ୍ଥାନ ଚିହ୍ନଟ କରାଯାଇଛି ସେଠାରେ ନିର୍ମାଣ ମସୁଧା ଚାଲିଛିୟ ଏହାକୁ ନେଇ ଦେଖାଦେଇଛି ବିବାଦ ଏବଂ ଏଥିପାଇଁ ପ୍ରାୟ ୧୩ଟି ୱାର୍ଡର ଜନସାଧାରଣଙ୍କ ସମେତ ସଂଖ୍ୟାଧିକ କାଉନସିଲର ଅସନ୍ତୁଷ୍ଟ ହୋଇ ସହର ମଝିରେ ଏକ ସୁରକ୍ଷିତ ସ୍ଥାନରେ ନୂତନ କାର୍ଯ୍ୟାଳୟ ଓ ସଭାଗୃହ ସହିତ କର୍ମଚାରୀ କ୍ୱାଟର ନିର୍ମାଣ ପାଇଁ ସ୍ଥାନ ଠିକ କରିବାପାଇଁ ହିନ୍ଦୋଳ ଏନଏସି ୮୦ଭାଗ ଜନସାଧାରଣଙ୍କ ପକ୍ଷରୁ ଉପାଧ୍ୟକ୍ଷା ପ୍ରତିମା ରାଉତ,ୱାର୍ଡନଂ ୫ କାଉନସିଲର ଦୀପକ ରଞ୍ଜନ ବିଶ୍ୱାଳ,ତୃପ୍ତିମୟୀ ବେହେରା ୱାର୍ଡ ନଂ ୬, ଶରତ ଭୁଟିଆ ୱାର୍ଡନଂ୧୨,ପ୍ରତିମା ନାଏକ ୱାର୍ଡନଂ୧୩, ଅନୁପମା ସାହୁୱାର୍ଡନଂ୧୫, ଶୁଭଲକ୍ଷ୍ମୀ ଦେହୁରୀ ୱାର୍ଡନଂ୧୧,ରିତାରାଣୀ ବେହେରା ୱାର୍ଡନଂ୪, ସୁମତି ଦେହୁରୀ ୱାର୍ଡନଂ୧୪ ପ୍ରମୁଖ ଲିଖିତ ଭାବରେ ହିନ୍ଦୋଳ ଉପଜିଲ୍ଲାପାଳ, ତହସିଲଦାର ଓ ନିର୍ବାହୀ ଅଧିକାରୀଙ୍କୁ ଭେଟି ଦାବି କରିଛନ୍ତିୟ ଏ ସମ୍ପର୍କରେ ଉପାଧ୍ୟକ୍ଷା ଓ ଉଭୟ ବିଜେପି ଓ ବିଜେଡ଼ି କାଉନସିଲର ମାନଙ୍କ ମତ ହେଲା ସଂଖ୍ୟାଧିକ(୮୦ଭାଗ) ଜନସାଧାରଣଙ୍କ ମତାମତ,ବୃହତ ସ୍ୱାର୍ଥ, ସମର୍ଥନ,ସୁରକ୍ଷା ଓ ଭାବାବେଗକୁ ପାଥେୟ କରି ଆମ୍ଭେମାନେ ଅଭିଯୋଗ କରିଛୁ ଏବଂ ଏଥିରେ କାହାରିସହ କୌଣସି ବି ସାଲିସ କରାଯିବ ନାହିଁୟ ତେବେ ଦେଖିବାକୁ ବାକି ରହିଲା ସଂଖ୍ୟାଧିକ ଜନସାଧାରଣ ଓ କାଉନସିଲରଙ୍କ କଥା ରହୁଛି ନା ନିଜ ସୁବିଧା ଅନୁଯାଇ କାର୍ଯ୍ୟ କରାଯାଉଛିୟ

## ସ୍କୁଲ ପାଚେରି ଓ ଗେଟ୍ ନିର୍ମାଣ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ !

### କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଅଭିଯୋଗ



କରଞ୍ଜିଆ,(ମହାଭାରତ) ଶିମିଳିପାଳ ପାଦ ଦେଶରେ ଥିବା ଯଶିପୁର ବ୍ଲକ୍ ଧଳାବଣି ପଞ୍ଚାୟତର ଉତ୍ତରାସ ସ୍କୁଲ୍ ପାଚେରି ଓ ଗେଟ୍ ନିର୍ମାଣ ନାଁରେ ମିଥ୍ୟା ବିଲ୍ କରି ୧ ଲକ୍ଷ ୬୨ ହଜାର ଟଙ୍କା ଆତ୍ମସାତ ହୋଇଥିବା ସମ୍ପର୍କରେ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଛି। କରଞ୍ଜିଆରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏ ସମ୍ପର୍କରେ ଉତ୍ତରାସ ଗ୍ରାମର ଚମ୍ପରୁ ସିଂକା ବିଡ଼ିଓ ଜାଣିଶୁଣି ମାମଲାକୁ ଚାପି ଦେବା ପାଇଁ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ, କରୁଥିବା ଅଭିଯୋଗ କରିଥିଲେ। ଧଳାବଣି ପଞ୍ଚାୟତର ସରପଞ୍ଚ ତ୍ରିଭୁବନ ଆଲଡ଼ା, ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସେଠୀ ଓ କନିଷ୍ଠ ଯନ୍ତ୍ରୀ ପ୍ରତାପଚନ୍ଦ୍ର ସେଠୀ ପ୍ରମୁଖ ଅସାଧୁ ମେଣ୍ଟ କରି ପୁରୁଣା ପାଚେରି ଓ ଗେଟ୍କୁ ନୂଆ ନିର୍ମାଣ କରାଯାଇଥିବା ଦର୍ଶାଇ ମିଥ୍ୟା ବିଲ୍ ଜରିଆରେ ୧ ଲକ୍ଷ ୬୨ ହଜାର ଟଙ୍କା ଚଳୁ କରିଥିବା ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ମାସକ ତଳେ ତା.୨୫.୦୩. ୨୦୨୫ରିଖରେ ଯଶିପୁର ବିଡ଼ିଓଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଯଶିପୁର ବିଡ଼ିଓ ମାଧବଚନ୍ଦ୍ର ବିରୁଆ ସେମାନଙ୍କଠାରୁ ଆତ୍ମସାତ୍ ହୋଇଥିବା ସରକାରୀ ଅର୍ଥ ଆଦାୟ ସହିତ ଚାକିରୀରୁନିଲମ୍ବନ ପାଇଁ ସରକାରଙ୍କୁ ସୁପାରିଶ୍ କରାଯିବ ବୋଲି କହିଥିଲେ। ମାତ୍ର ବିଡ଼ିଓ ଶ୍ରୀ ବିରୁଆ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି ।ସୂଚନାଯୋଗ୍ୟ ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ସ୍କୁଲ୍ ପାଚେରି ଓ ଗେଟ୍ ନିର୍ମାଣ ନିମନ୍ତେ ୧ ଲକ୍ଷ ୮୦ ହଜାର ଟଙ୍କା। ଅର୍ଥ ମଞ୍ଜୁର କରାଯାଇଥିଲା। ମାତ୍ର ଏହି ମଞ୍ଜୁର ଟଙ୍କାରେ ଆଦୌ କାମ ନକରି ପୁରୁଣା ସ୍କୁଲ୍ ପାଚେରି ଓ ଗେଟ୍ କୁ ନୂଆ ଦେଖାଇ ୧ ଲକ୍ଷ ୬୨ ହଜାର ଟଙ୍କା ଧଳାବଣି ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସେଠୀଙ୍କ ନାମରେ ବିଲ୍ ବାବଦକୁ ଅର୍ଥ ପ୍ରଦାନ କରାଯାଇଛି। ସରକାରୀ ନିୟମାନୁସାରେ ଭେଣ୍ଡର ମାଧ୍ୟମରେ ବିଲ୍ ପେମେଣ୍ଟ୍ ହେବା କଥା। ମାତ୍ର ପ୍ରଶାସନ ତରଫରୁ ଖୋଲାଖୋଲି ଭାବରେ ଏହାକୁ ଉଲଂଘନ କରାଯାଉଛି। ଆର୍ଥିକ ବର୍ଷ ୨୦୨୧-୨୨ରେ ଉଲଉରାସ ସ୍କୁଲ୍ ମରାମତି ପାଇଁ ୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ଅର୍ଥ ସିମେଣ୍ଟ୍ କଂକ୍ରିଟ୍ କାମ ସହିତ ଟାଇଲ୍ ବିଛାଇବା ଏବଂ ସ୍କୁଲ୍ ଗେଟ୍ ନିର୍ମାଣ ମଧ୍ୟ କରାଯାଇଥିଲା। ସ୍କୁଲର ବାରଣ୍ଡାର ଚଟାଣ କାମ ୨୦୨୧ ମସିହା ଆଗରୁ ନିର୍ମାଣ ହୋଇ ସାରିଛି କ୍ଷତହୋଇଛି। ସେହିପରି ସ୍କୁଲର ପାଚେରି ନିର୍ମାଣ କାମ ମଧ୍ୟ ୨୦୨୧ ମସିହା ପୂର୍ବରୁ କରାଯାଇଥିଲା। ମାତ୍ର ସରପଞ୍ଚ□ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀ ମିଳିମିଶି ପୁରୁଣା ପାଚେରି ଓ ତୋରଣକୁ ନୂଆ ଦର୍ଶାଇ ମିଥ୍ୟା ବିଲ୍ ଜରିଆରେ ୧ ଲକ୍ଷ ୬୨ ହଜାର ଟଙ୍କା ହଡ଼ପ କରିଛନ୍ତି। ଯାହାକି ତଦନ୍ତ ସାପେକ୍ଷ। ଚମ୍ପରୁ ସିଂକାଙ୍କ ଅଭିଯୋଗ ପାଇବା ପରେ ତଦନ୍ତରେ ବିଳମ୍ବ କରି ଜାଣିଶୁଣି ଏହି ଘଟଣାକୁ ଚାପି ଦେବା ପାଇଁ ଉଦ୍ୟମ କରୁଥିବାରୁ ଜିଲାପାଳ ବିଡ଼ିଓ ମାଧବଚନ୍ଦ୍ର ବିରୁଆଙ୍କୁ ତାଗିଦ୍ କରିଥିବା ଜଣାପଡ଼ିଛି।

## ବୌଦ୍ଧ ରେ କାଲବୈଶାଖୀ ପ୍ରଭାବରେ ଘଡଘଡି ବିଜୁଳି ସାଙ୍ଗକୁ ପ୍ରବଳ ବର୍ଷା

ବୌଦ୍ଧ(ମହାଭାରତ): ଜିଲ୍ଲାରେ ସହର ସମେତ ଆଖ ପାଖ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଘଡଘଡି ବିଜୁଳି ସହ ପ୍ରବଳ ବର୍ଷା ହେଉଥିବା ଦେଖିବାକୁ ମିଳିଛି। ଏଥି ସହିତ ତୁହାକୁ ତୁହା ପବନ ବହୁଥିବା ମଧ୍ୟ ଦେଖିବାକୁ ମିଳିଛି । ବିଗତ କିଛି ଦିନ ଧରି ବୌଦ୍ଧ ଜିଲ୍ଲା ତତଲା କଡ଼େଇ ରେ ଭାଜି ହେଉଥିବା ବେଳେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ତେବେ ଆଜି ଅପରାହ୍ନ ୪ ଟା ସମୟରୁ ପାଗରେ ପରିବର୍ତ୍ତନ ଦେଖିବାକୁ ମିଳିଥିବା ବେଳେ କୋହଲା ପାଗ ସାଂଗକୁ ପବନ ବହିବା ଆରମ୍ଭ ହୋଇଥିଲା ଏବଂ ଏକ ଘଣ୍ଟା ପରେ ହଠାତ ଜୋର୍ ରେ ବିଜୁଳି ଘଡ଼ଘଡ଼ି ମାରିବା ସଙ୍ଗେ ସଙ୍ଗେ ତୁହାକୁ ତୁହା ବର୍ଷା ମଧ୍ୟ ଆରମ୍ଭ ହୋଇ ଯାଇଛି। ତେବେ ବର୍ଷା ସାଂଗକୁ ପବନ ମଧ୍ୟ ଜୋର୍ ରେ ବହୁଥିବା ବେଳେ ଏ ପର୍ଯ୍ୟନ୍ତ ଗଛ ଉପୁଡ଼ିବା କିମ୍ବା କୌଣସି ସ୍ଥାନରେ କ୍ଷୟକ୍ଷତି ର ସୂଚନା ମିଳିନଥିବା ବେଳେ ବର୍ଷା ଓ ପବନ ଜାରି ରହିଛି। ଏହି ବର୍ଷା ଫଳରେ ବୌଦ୍ଧ ଜିଲ୍ଲା ବାସୀ ପ୍ରବଳ ଗ୍ରୀଷ୍ମ ପ୍ରବାହ ରୁ ସାମାନ୍ୟ ଆଶ୍ୱସ୍ତି ଲାଭ ପାଇଛନ୍ତି।

## ବିକାଶର ଚିତ୍ର କାଗଜ କଲମରେ ସୀମିତ ଶିକ୍ଷା ବ୍ୟବସ୍ଥା ର ବିକଳ ଚିତ୍ର



ଦଶପଲ୍ଲା (ମହାଭାରତ): ଏ କଣ ବିକାଶ? ବିକାଶ ର ଚିତ୍ର ଆଜି ବାଟବଣା। ଶିକ୍ଷା କୁ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି ମାତ୍ର ତାହା କାଗଜ କଲମରେ ବୋଧେ ସୀମିତ। କାରଣ ୧୯୮୦ ମସିହାରୁ ଗଠିତ ହୋଇଥିବା ଗୋବିନ୍ଦପୁର ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ର ଅବସ୍ଥା ଦେଖିଲେ ଜାଣିପାରିବେ। ଦୀର୍ଘ ୪୫ ବର୍ଷ ର ସ୍କୁଲ ମାତ୍ର ଏଠି ନାହିଁ ନ ଥିବା ସମସ୍ୟା। ଛାତ୍ର ଛାତ୍ରୀ ଙ୍କ ସୁରକ୍ଷା ନିମିତ୍ତ କୌଣସି ନିଘା ସରକାର ଙ୍କର ନାହିଁ। ଶନିବାର ଦିନ କାଲବୈଶାଖୀ ର ପ୍ରଭାବରେ ବହୁ ଦିନର ଆଜବେଷ୍ଟ ଉଡିଯାଇଛି। ପାଞ୍ଚ ବଖରା ଘରର ଅବସ୍ଥା ଏପରି ହୋଇଛି। ଆସବାପାତ୍ର, କାଗଜପତ୍ର ସବୁ ନଷ୍ଟ ହୋଇଯାଇଛି। ଖୁଷ୍ଟଶୀଘ୍ର ମରାମତି କରାଯିବା ପାଇଁ ଅଭିଭାବକ ମତ ରଖିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ଶିକ୍ଷା ବିଭାଗ ପିଲାଙ୍କ ପ୍ରତି କେତେ ଆନ୍ତରିକତା। ବିଦ୍ୟାଳୟ ଛୁଟି ଥିବାରୁ କୌଣସି ଦୁର୍ଘଟଣା ସିନା ହୋଇନାହିଁ ତେବେ ଯଦି ବିଦ୍ୟାଳୟ ର ପାଠପଢା ସମୟରେ ଏପରି ହୋଇଥାନ୍ତା ଆଉ କିଛି ଅଘଟଣ ଘଟିଥାନ୍ତା ଏଥିପାଇଁ ଦାୟୀ କିଏ ରହିଥାନ୍ତେ ଶିକ୍ଷା ବିଭାଗ ନା ଅଭିଭାବକ ନା ଶିକ୍ଷକ ଶିକ୍ଷୟତ୍ରୀ ନା ସରକାର। ଏପରି ଆଲୋଚନା ଜନସାଧାରଣ ରେ ଚାଲିଛି। ତେବେ ଏ କଣ ବିକାଶ? ଏ ଅବସ୍ଥାରେ ପିଲାମାନଙ୍କ ଭାଗ୍ୟ ଓ ଭବିଷ୍ୟତ କଣ ହେବ ତାହା କେବଳ ଭଗବାନ ପାଖରେ ଉତ୍ତର।

## ଶ୍ରୀ ଶ୍ରୀ ହନୁମାନଙ୍କ ପୀଠରେ ୧୭ତମ ବାର୍ଷିକ ମହାଯଜ୍ଞ ସମ୍ପନ୍ନ

କଣ୍ଟାପଡ଼ା (ମହାଭାରତ):ଫୁଲନଖରା-ନିଆଳୀ ୬୦ନଂ ରାଜ୍ୟ ରାଜପଥ ଯିବା ବାଟରେ କୁରାଙ୍ଗ ପ୍ରଧାନ ଗ୍ରାମପଞ୍ଚାୟତ ଅଧିନରେ ଥିବା ରାୟପୁର ଶୀତଳ ଭଣ୍ଡାର ନିକଟସ୍ଥ ଶ୍ରୀ ଶ୍ରୀ ହନୁମାନଙ୍କ ପୀଠରେ ତା ୨୦/୪/୨୦୨୫ ରୁ ତା ୨୩/୦୪/୨୦୨୫ ରିଖ ୪ଦିନ ବ୍ୟାପି ଚାଲିଥିବା ମହାଯଜ୍ଞ ଗତ ୨୩ ତାରିଖ ସନ୍ଧ୍ୟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଯାଇଅଛି । ଏହି ମହାଯଜ୍ଞକୁ ଅଙ୍କୁରାରୋପଣ, ଜଳଯାତ୍ରା, କର୍ମାରମ୍ଭ, ବ୍ରାହ୍ମଣବରଣ, ଆହୁତି, ସୂର୍ଯ୍ୟପୂଜା, ଶାଳପୂଜା, ଗୋପୂଜା କରାଯାଇଥିଲା । ୨୦ ତାରିଖ ଦିନ ରାତି ୩ଟାରେ ମନ୍ଦିର ଦୂଆର ଫିଟା, ମଙ୍ଗଳ ଆଳତୀ, ଅବକାଶ, ମହାସ୍ନାନ, ଅଭିଷେକ, ବେଶ, ଚନ୍ଦନ, ସିନ୍ଦୁରଲାଗି, ସୂର୍ଯ୍ୟପୂଜା, ଅଖଣ୍ଡଦୀପ ପ୍ରଜ୍ୱଳନ, ବାଳଭୋଗ, ଦ୍ୱିପହର ଧୂପରେ ଶଙ୍ଖୁଡି ଭୋଗ, ସଂଧ୍ୟାରେ ବାଳଭୋଗ, ଆଳତୀ କରାଯାଇଥିଲା।



# ତହବୁର ରାଣାକୁ ୮ ଘଣ୍ଟା ପଚରା ଉଚରା କଲା ମୁମ୍ବାଇ ପୋଲିସ



ନୂଆଦିଲ୍ଲୀ : ମୁମ୍ବାଇ ପୋଲିସ ଅପରାଧ ଶାଖାର ଏକ ଟିମ୍ ୨୬ / ୧୧ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ତହବୁର ହୁସେନ ରାଣାକୁ ନୂଆଦିଲ୍ଲୀରେ ୮ ଘଣ୍ଟା ପଚରା ଉଚରା କରିଛି । ଅଧିକାରୀମାନେ ଶନିବାର ଏହି ସୂଚନା ଦେଇଛନ୍ତି । ଜଣେ ଅଧିକାରୀ କହିଛନ୍ତି ଯେ ଆପରାଧ ଶାଖାର ୪ ଜଣିଆ ଅଧିକାରୀ ଟିମ୍ ? ଆତଙ୍କବାଦୀ ଆକ୍ରମଣ ଷଡ଼ଯନ୍ତ୍ରରେ ରାଣାର କଥିତ ଭୂମିକାକୁ ନେଇ ପଚରା ଉଚରା କରିଥିଲେ । ତେବେ ରାଣା ଏଥିରେ ଟାଳଟୁଳ କରିଥିଲା ଓ ସହଯୋଗ କରିନଥିଲା । ପାକିସ୍ତାନ ଜନ୍ମିତ କାନାଡା ବ୍ୟବସାୟୀ ରାଣା (୬୪)କୁ ଚଳିତମାସ ପ୍ରାରମ୍ଭରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ କଥିତ ଭୂମିକା ପାଇଁ ପ୍ରତ୍ୟାର୍ପିତ ହୋଇ ଆମେରିକାରୁ ଆସିଥିଲା । ସେ ଏବେ ଜାତୀୟ ରାଜଧାନୀରେ ଏନଆଇଏ ହେପାଜତରେ ଅଛି । ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଷଡ଼ଯନ୍ତ୍ରରେ ରାଣାର ଭୂମିକା ତାର ବାଲ୍ୟ ବନ୍ଧୁ ଓ ସହ ଅଭିଯୁକ୍ତ ଡେଭିଡ ହେଡଲୀକୁ ପଚରା ଉଚରା ବେଳେ ସାମ୍ନାକୁ ଆସିଥିଲା । ରାଣା ଉପରେ ହେଡଲୀ ଓରଫ ଦାଉଦ ଗିଲାନୀ ଓ ଆତଙ୍କବାଦୀ ସଙ୍ଗଠନ ଲସ୍କର-ଏ-ତୌୟବା, ହରକତ-ଉଲ-ଜିହାଦୀ ଇସ୍ଲାମୀର ଆତଙ୍କବାଦୀ ଏବଂ ପାକିସ୍ତାନସ୍ଥିତ ଅନ୍ୟ ସହ ଷଡ଼ଯନ୍ତ୍ରକାରୀଙ୍କ ସହିତ ମିସି ୩ ଦିନ ପର୍ଯ୍ୟନ୍ତ ଭାରତର ଆର୍ଥିକ ରାଜଧାନୀ ଉପରେ ଆକ୍ରମଣର ଷଡ଼ଯନ୍ତ୍ର ଅଭିଯୋଗ ରହିଛି ।

# ଆତଙ୍କବାଦ ବିରୋଧରେ ଲଣ୍ଡନରେ ବିଶାଳ ରାଲି




ଲଣ୍ଡନ : ପହଲଗାମ ଆତଙ୍କୀ ହମଲାକୁ ସମଗ୍ର ଭାରତୀୟ ତୀବ୍ର ନିନ୍ଦା କରୁଛନ୍ତି । ପ୍ରତିଶୋଧ ନିଆଁରେ ଜଳୁଛନ୍ତି ଦେଶବାସୀ । ଏହି ଆକ୍ରମଣକୁ ନେଇ ବିଦେଶରେ ବି ବିରୋଧ ପ୍ରଦର୍ଶନ ହୋଇଛି । ସାରା ବିଶ୍ୱରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ପାକିସ୍ତାନ ବିରୋଧରେ ଆକ୍ରୋଶ ଦେଖିବାକୁ ମିଳିଛି । ଆତଙ୍କବାଦ ବିରୋଧରେ ଲଣ୍ଡନରେ ବିଶାଳ ରାଲି । ଲଣ୍ଡନରେ ରହୁଥିବା ପ୍ରବାସୀ ଭାରତୀୟ ମାନେ ଲଣ୍ଡନ ସ୍ଥିତ ପାକିସ୍ତାନ ହାଇ କମିଶନଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଲଣ୍ଡନରେ ଥିବା ପାକିସ୍ତାନୀ ଦୂତାବାସର ଅଧିକାରୀ ନିର୍ଲଜ୍ଜତାର ସମସ୍ତ ସୀମା ଅତିକ୍ରମ କରିଛନ୍ତି । ଲଣ୍ଡନରେ ଥାଇ ମଧ୍ୟ ଭାରତୀୟଙ୍କୁ ହତ୍ୟା ଧମକ ଦେଇଛନ୍ତି । ଆକ୍ରମଣକୁ ନିନ୍ଦା କରିବା ସହ ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ହାତରେ ଭାରତୀୟ ପତାକା, ବ୍ୟାନର ଓ ପ୍ଲାକାର୍ଡ ଧରି ନିରୀହ ଭାରତୀୟଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବା ସହ ପୀଡ଼ିତାଙ୍କ ନ୍ୟାୟ ଦାବି କରିଛନ୍ତି ପ୍ରବାସୀ ଭାରତୀୟ । ବିକ୍ଷୋଭ ବେଳେ ଭାରତ ସପକ୍ଷରେ ବାହାରିଛନ୍ତି ଇସ୍ରାଏଲ ନାଗରିକ । ପାକିସ୍ତାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ପହଲଗାମରେ ୨୬ ଜଣଙ୍କ ହତ୍ୟା ବିରୋଧରେ ଲଣ୍ଡନରେ ପାକିସ୍ତାନୀ ହାଇକମିଶନ ବାହାରେ ଭାରତୀୟମାନେ ପ୍ରତିବାଦ କରୁଥିଲେ । ଏହି ସମୟରେ, ଜଣେ ପାକିସ୍ତାନୀ ଦୂତାବାସ ଅଧିକାରୀ ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଦ୍ଧମାନଙ୍କ ଫଟୋ ଦେଖାଇ ଭାରତୀୟ ମାନଙ୍କ ବେକ କାଟି ଦେବାକୁ ଧମକ ଦେଉଥିଲେ । ଯାହା କ୍ୟାମେରାରେ କଏଦ ହୋଇଛି ।

# କିଛି ଲୋକ କେବେ ବଦଳିବେ ନାହିଁ, ଉଚିତ୍ ଶିକ୍ଷା ଦେବା ଆମର ଧର୍ମ: ମୋହନ ଭାଗବତ

ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀରର ପହଲଗାମରେ ଘଟିଥିବା ଆତଙ୍କବାଦୀ ହମଲାରେ ୨୬ ଜଣ ନୀରିହ ଲୋକଙ୍କ ପ୍ରାଣହାନୀ ଘଟିଛି । ସମଗ୍ର ଦେଶରେ ଆକ୍ରୋଶର ମାହୋଲ ରହିଛି । ପାକିସ୍ତାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସବୁ ମହଲରେ ଦାବି ଉଠିଛି । ଏହି କ୍ରମରେ ଆରଏସଏସ ମୁଖ୍ୟ ମୋହନ ଭାଗବତ କହିଛନ୍ତି, ଆମର ଅଂହିସା ନୀତି ଲୋକଙ୍କୁ ବଦଳାଇ ପାଇବା ଉଦ୍ଦିଷ୍ଟ । ମାତ୍ର କିଛି ଲୋକ କଦାପି ବଦଳୁ ନାହାନ୍ତି । ସେହି ଗୁଣ୍ଡାମାନଙ୍କୁ ଉଚିତ୍ ଶିକ୍ଷା ଦେବା ଆମର ଧର୍ମ । ଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୋହନ ଭାଗବତ କହିଛନ୍ତି, ଅହିଂସା ଆମର ସ୍ୱଭାବ, ଆମର ମୂଲ୍ୟବୋଧ । ଆମର ଅହିଂସା ନୀତି ଲୋକଙ୍କୁ ସଠିକ୍ ରାସ୍ତାରେ ଆଣିବା ପାଇଁ ରହିଛି । ମାତ୍ର କିଛି ଲୋକ ବଦଳୁ ନାହାନ୍ତି । ରାବଣର ଯେବେ ବଧ ହୋଇଥିଲା, ତାର କଲ୍ୟାଣ ପାଇଁ ହୋଇଥିଲା । ରାବଣକୁ ଭଲ ମଣିଷ ହେବା ପାଇଁ ଯାହା ଦରକାର ଥିଲା ସବୁ ମିଳିଥିଲା । ମାତ୍ର ସେ ଯେଉଁଭଳି ଶରୀର ମନ ବୁଦ୍ଧିର ଚୟନ କଲା ସେଥିରେ ସେ ଭଲ ମଣିଷ ହୋଇ ପାରି ନ ଥାନ୍ତା । ତେଣୁ ଭଗବାନ ରାମ ତାର ସଂହାର କଲେ । ଏହାକୁ ହିଂସା ନୁହେଁ ବରଂ ଅହିଂସା କୁହାଯାଏ । ସେ ଏହା ମଧ୍ୟ କହିଛନ୍ତି, ଅହିଂସା ଆମର ଧର୍ମ । ଗୁଣ୍ଡାମାନଙ୍କୁ ଉଚିତ୍ ଶିକ୍ଷା ଦେବା ଆମର ଧର୍ମ । ଆମେ ନିଜ ପଡ଼ୋଶୀର କେବେ ଅପମାନ କି କ୍ଷତି କରୁନି । ମାତ୍ର କେହି ଯଦି ଆମର କ୍ଷତି କରିବାକୁ ଚାହିଁବ ତେବେ ଆଉ କଣ କରାଯିବ ? ରାଜାର କର୍ତ୍ତବ୍ୟ ପ୍ରଜାର ରକ୍ଷା କରିବା, ରାଜାଙ୍କୁ ନିଜର କର୍ତ୍ତବ୍ୟ ନିର୍ବାହ କରିବା ଉଚିତ୍ । ମୋହନ ଭାଗବତ କହିଛନ୍ତି, ଗୀତାରେ ଅହିଂସାର ଉପଦେଶ ରହିଛି । ଅହିଂସାର ଉପଦେଶ ଏଥିପାଇଁ ଦିଆଗଲା ଯଦ୍ୱାରା ଅର୍ଜୁନ ଯୁଦ୍ଧ ଲଢି କୌରବଙ୍କ ନାଶ କରି ପାରିବେ ।

# ସେନା ଟାର୍ଗେଟରେ ୧୪ ଜଣ ଆତଙ୍କବାଦୀ




ଜମ୍ମୁ-କାଶ୍ମୀର : ଜମ୍ମୁ କାଶ୍ମୀରର ପହଲଗାମରେ ୨୨ ଏପ୍ରିଲରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଦେଶ ଏପର୍ଯ୍ୟନ୍ତ ଭୁଲିନାହିଁ । ଏହି ଆକ୍ରମଣରେ ୨୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଏହି ଘଟଣା ପରେ ସରକାର ନିରନ୍ତର କଠୋର ପଦକ୍ଷେପ ନେଉଛନ୍ତି ଏବଂ ତଦନ୍ତ ଏଜେନ୍ସିଗୁଡ଼ିକ ସକ୍ରିୟ ଅଛନ୍ତି । ଗୁଇନ୍ଦା ତଦନ୍ତ ଏଜେନ୍ସିଗୁଡ଼ିକ ଜମ୍ମୁ-କାଶ୍ମୀରର ସ୍ଥାନୀୟ ଆତଙ୍କବାଦୀଙ୍କ ଏକ ତାଲିକା ପ୍ରସ୍ତୁତ କରିଛନ୍ତି । ଏହି ସ୍ଥାନୀୟ ଆତଙ୍କବାଦୀମାନେ ପାକିସ୍ତାନୀ ଆତଙ୍କବାଦୀଙ୍କୁ ସାହାଯ୍ୟ କରନ୍ତି । ପହଲଗାମ ଆକ୍ରମଣ ପରେ ସୁରକ୍ଷା ବାହିନୀ ଏହି ଆତଙ୍କବାଦୀମାନଙ୍କ ବିରୁଦ୍ଧରେ ଗୋଟିଏ ପରେ ଗୋଟିଏ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ଗୋଟିଏ ପରେ ଗୋଟିଏ ସମସ୍ତଙ୍କ ଘର ଭୁଶୁଡ଼ି ପଡୁଛି । ଶନିବାର ଦିନ ପୁଲୱାମା ଏବଂ କୁଲଗାମରେ ଆତଙ୍କବାଦୀଙ୍କ ଘର ମଧ୍ୟ ଓରଉ ବିସ୍ଫୋରଣ ଦ୍ୱାରା ଧ୍ୱଂସ କରାଯାଇଥିଲା । ସୁରକ୍ଷା ଏଜେନ୍ସିଗୁଡ଼ିକର ରାଡାରରେ ୧୪ ଜଣ ଆତଙ୍କବାଦୀ ଅଛନ୍ତି, ଯେଉଁମାନଙ୍କ ନାମ ପ୍ରକାଶ ପାଇଛି । ଏହି ବ୍ୟକ୍ତିବିଶେଷଙ୍କ ନାମ ସୂତ୍ରରୁ ପ୍ରକାଶ: ଆଦିଲ ରେହମାନ ଡେଣ୍ଟୁ (୨୧), ଆସିଫ ଅହମ୍ମଦ ଶେଖ (୨୮), ଅହସାନ ଅହମ୍ମଦ ଶେଖ (୨୩), ହରିସ ନାଜିର (୨୦), ଆମୀର ନାଜିର ୱାନି (୨୦), ୟୱାର ଅହମ୍ମଦ ଭଟ, ଅସୀଫ ଅହମ୍ମଦ ଖାନ୍ଦ (୨୪), ନାସିର ଅହମ୍ମଦ ୱାନ (୨୧) ଜୁବାଇର ଅହମ୍ମଦ ୱାନି (୩୯), ହାରୋନ୍ ରସିଦ ଗଣାଇ (୩୨), ଏବଂ ଜାକିର ଅହମ୍ମଦ ଗାନି (୨୯) । ଚିହ୍ନଟ ହୋଇଥିବା କାର୍ଯ୍ୟକର୍ତ୍ତାମାନେ ତିନୋଟି ପ୍ରମୁଖ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନ : ହିଜବୁଲ ମୁଜାହିଦ୍ଦିନ, ଲସ୍କର-ଏ-ତୈବା (ଖରଷ), ଏବଂ ଜୈଶ-ଏ-ମହମ୍ମଦ (ଔରଗ) ସହିତ ଜଡ଼ିତ ଥିବା ଜଣାପଡ଼ିଛି । ସେମାନଙ୍କ ମଧ୍ୟରୁ ତିନି ଜଣ ହିଜବୁଲ ମୁଜାହିଦ୍ଦିନ ସହିତ, ଆଠ ଜଣ ଏଲ୍ଇଟି ସହିତ ଏବଂ ତିନି ଜଣ ଜେଇଏମ ସହିତ ଜଡ଼ିତ ।

# ଅନନ୍ତନାଗରେ ୧୭୫ ଜଣ ସନ୍ଦିଗ୍ଧ ଅଟକ

ଜମ୍ମୁ କଶ୍ମୀର : ପହଲଗାମ୍ ଘଟଣା ପରେ ଜମ୍ମୁ କଶ୍ମୀରର ସମ୍ବେଦନଶୀଳ ଅଞ୍ଚଳରେ ସେନା ଏବଂ ଅନ୍ୟ ସୁରକ୍ଷା ବଳର ଜୋରଦାର ସର୍ଚ୍ଚ ଅପରେସନ ଚାଲିଛି । ସତର୍କତାର ସହିତ ଦିନରାତି ତଲାସୀ ଜୋରଦାର ଚାଲିଛି । ଏଥିରେ ୧୭୫ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଛି । ସେନା, ସିଆରପିଏଫ ସହଯୋଗରେ ଅନନ୍ତନାଗ ପୋଲିସ ଏମାନଙ୍କୁ ଅଟକ ରଖିଛି । ଆତଙ୍କବାଦୀ ଗତିବିଧିକୁ ସହାୟତା କରୁଥିବା ନେଟୱାର୍କକୁ ମଧ୍ୟ ଧ୍ୱଂସ କରାଯାଇଛି । ଅନନ୍ତନାଗ ଜିଲ୍ଲାର ବିଭିନ୍ନ ସ୍ଥାନରେ ରେଡ୍ ବେଳେ ଅଟକ ରଖାଯାଇଛି । ଆତଙ୍କୀଙ୍କୁ ସହଯୋଗ ଯୋଗାଇବା ଅଭିଯୋଗରେ ଅଟକ ରଖାଯାଇଛି । ଦିନ, ରାତି ସବୁ ବେଳେ ଚାଲିଛି ଯାଞ୍ଚ । ସ୍ଥାନୀୟ ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି । ପୋଲିସ ଜିଲ୍ଲାରେ ଶାନ୍ତି ବଜାୟ ରଖିବା ପାଇଁ କହିଛି । ଜମ୍ମୁ ରାଜୌରୀ ପୁଞ୍ଛ ରାଜମାର୍ଗରେ ଗାଡିଗୁଡିକର ଯାଞ୍ଚ କରାଯାଉଛି । ପୋଲିସ ଏକ ବୟାନରେ କହିଛି, 'ଏହି ଅଭିଯାନରେ ପୂରା ଜିଲ୍ଲାରେ ଅନେକ ସ୍ଥାନରେ ଚଢଉ କରାଯାଇଛି । ସତର୍କତା ସହ ଦିନ-ରାତି ସର୍ଚ୍ଚ ଅପରେସନ କରାଯାଉଛି । ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ଆତଙ୍କବାଦୀମାନେ ଧର୍ମ ପଚାରି ଗୁଳି କରିଥିଲେ । ୨୬ ଜଣ ନିରୀହ ଲୋକଙ୍କର ମୃତ୍ୟୁ ହୋଇଥିଲା । ଏହାପରେ ପ୍ରଧାନମନ୍ତ୍ରୀ ମୋଦି, ଗୃହ ମନ୍ତ୍ରୀ ଅମିତ୍ ଶାହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ଘନ ଘନ ବୈଠକ କରୁଛନ୍ତି । ପାକିସ୍ତାନକୁ ପାନେ ଦେବାକୁ ରଣନୀତି ପ୍ରସ୍ତୁତ କରାଯାଉଛି । ଏହାରି ଭିତରେ ଭାରତ ସୀମାରେ ସୁରକ୍ଷା ବଢାଯାଇଛି । ବଙ୍କରକୁ ପ୍ରସ୍ତୁତ ରଖାଯାଇଛି । ପହଲଗାମ ଆକ୍ରମଣ ଘଟଣା ପରେ ଆକ୍ସନରେ ସୁରକ୍ଷା ବାହିନୀ । ଏହି ନରସଂହାର ପଛରେ ଆତଙ୍କବାଦୀଙ୍କୁ କେଉଁମାନେ ସହଯୋଗ କରିଥିଲେ ସେ ନେଇ ଅନୁସନ୍ଧାନ ଚଳାଇଛି ସେନା ଓ ପୋଲିସ ।

# ଇରାନର ବିମାନ ବନ୍ଦରରେ ଭୟଙ୍କର ବିସ୍ଫୋରଣ, ୧୦ ମୃତ



ନୂଆଦିଲ୍ଲୀ: ଆମେରିକା ସହ ନୂଆ ପରମାଣୁ ଚୁକ୍ତିକୁ ନେଇ ଚର୍ଚ୍ଚା ଭିତରେ ଇରାନରେ ଭୟଙ୍କର ବିସ୍ଫୋରଣ ହୋଇଛି । ଇରାନର ଏକ ବନ୍ଦରରେ ଏହି ବିସ୍ଫୋରଣ ହୋଇଥିବା ଜଣାପଡ଼ିଛି । ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୪୦୦ରୁ ଅଧିକ ଲୋକ ଆହତ ହୋଇଥିବା ଖବର ସାମନାକୁ ଆସୁଛି । ସରକାରୀ ମିଡିଆ ଅନୁସାରେ ଶନିବାର ଇରାନର ଅବ୍ବାସ ସହରରେ ସାହିଦ ରାଜାଇ ବନ୍ଦରରେ ଭୟଙ୍କର ବିସ୍ଫୋରଣ ହୋଇଛି, ଏଥିରେ କିଛି ଲୋକଙ୍କ ମୃତ୍ୟୁ ହୋଇଥିବା ଆଶଂକା କରାଯାଉଛି । ନିଆଁ ଲିଭାଇବା ପାଇଁ ବନ୍ଦରର ସମସ୍ତ କାର୍ଯ୍ୟକୁ ତତ୍କାଳ ପ୍ରଭାବରୁ ବନ୍ଦ କରାଯାଇଛି । ବିସ୍ଫୋରଣ ପରେ ବନ୍ଦରରେ ବହୁ ସଂଖ୍ୟାରେ ଲୋକେ ଉପସ୍ଥିତ ଥିଲେ । ଜଣେ ସ୍ଥାନୀୟ ଅଧିକାରୀ କହିଛନ୍ତି, 'ଶାହିଦ ରାଜାଇ ପୋର୍ଟ ନିକଟ ସମୁଦ୍ର କୂଳରେ ରଖାଯାଇଥିବା କଣ୍ଟେନରରେ ବିସ୍ଫୋଟକ ଥିଲା । ଏହି କାରଣରୁ ବିସ୍ଫୋରଣ ଘଟିଛି । ବର୍ତ୍ତମାନ ଆହତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ ପହଞ୍ଚାଯାଉଛି ।' ଇରାନୀ ମିଡିଆ ଅନୁସାରେ ବିସ୍ଫୋରଣ ପରେ ଇରାନର ସୀମା ଶୁଳ୍କ ପ୍ରାଧିକରଣ ସବୁ କଷ୍ଟମ କାର୍ଯ୍ୟାଳୟକୁ ଆଦେଶ ଦେଇ ବନ୍ଦରକୁ ଆସୁଥିବା ଓ ଟ୍ରାଞ୍ଜିଟ୍ ଶିପମେଣ୍ଟ ପଠାଇବା ଉପରେ ରୋକ ଲଗାଇଛନ୍ତି । ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିବ । ଅନ୍ୟପଟେ ଏହି ଘଟଣାର ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏଥିରେ କଳା ଧୂଆଁର ଆସ୍ତରଣ ଦେଖିବାକୁ ମିଳୁଛି । ରାଜାଇ ବନ୍ଦରରେ ହୋଇଥିବା ଏହି ବିସ୍ଫୋରଣ ଯୋଗୁଁ ଅନେକ କିଲୋମିଟର ଯାଏ ଘରର କାଚ ଭାଙ୍ଗିଯାଇଛି । ନିଆଁର ଧୂଆଁକୁ ବି ଅନେକ ଲିକୋମିଟର ଦୂର ଯାଏ ନଜର ଆସିଥିଲା ।

# ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ଭୟଙ୍କର ଦୁର୍ଘଟଣା, ୬ ମୃତ

ହରିୟାଣା : ହରିୟାଣାର ନୁଁହ ଜିଲ୍ଲାରେ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୬ ଜଣ ସଫେଇ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେମାନଙ୍କର ଚିକିତ୍ସା ଚାଲିଛି । ପୋଲିସ ସୂଚନା ଅନୁଯାୟୀ, ଏକ ପିକଅପ ଭ୍ୟାନର ଚାଳକ ନିୟନ୍ତ୍ରଣ ହରାଇ ଏକ୍ସପ୍ରେସୱେରେ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଧକ୍କା ଦେଇଥିଲେ । ୬ ଜଣ ସଫେଇ କର୍ମଚାରୀ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ନୁହଁ ଓ ଗୁରୁଗ୍ରାମର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ପାଇଁ ପଠାଯାଇଛି । ତେବେ ମୃତକଙ୍କ ପରିଚୟ ଏଯାଏଁ ମିଳିନି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ପିକଅପ ଭ୍ୟାନଟି ଅତ୍ୟଧିକ ବେଗରେ ଚାଲୁଥିଲା ଏବଂ ଚାଳକ ରାସ୍ତାରେ ଥିବା ସଫେଇ କର୍ମଚାରୀଙ୍କୁ ଦେଖି ନ ପାରିବାରୁ ଏହି ଦୁର୍ଘଟଣା ଘଟିଛି । ପୋଲିସ ଚାଳକଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଘଟଣାସ୍ଥଳରେ ପୋଲିସ ଓ ଉଦ୍ଧାରକାରୀ ଦଳ ପହଞ୍ଚି ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ପଠାଇଛନ୍ତି । ଏହି ଦୁର୍ଘଟଣା ନୁଁହ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ପୋଲିସ ସିସିଟିଭି ଫୁଟେଜ ଅନୁସାରେ ସଂପୂର୍ଣ୍ଣ ଘଟଣା ବିଷୟରେ ଜାଣିବାକୁ ଚେଷ୍ଟା କରୁଛି । ସ୍ଥାନୀୟ ଲୋକେ ଏକ୍ସପ୍ରେସୱେରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବା ପାଇଁ ଦାବି କରିଛନ୍ତି । ନୁଁହ ଜିଲ୍ଲା ପ୍ରଶାସନ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରିବା ପାଇଁ ପଦକ୍ଷେପ ନେଉଛି ।

# ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଫଶିଲେ କେରଳ ସିଏମ୍‌ଙ୍କ ମୁଖ୍ୟ ସଚିବ



କୋଚି : ସିବିଆଇ କେରଳ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଶାସନସଚିବ କେ.ଏମ.ଆବ୍ରାହାମଙ୍କ ବିରୋଧରେ କଥିତ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ କରିଛି । ଏ ନେଇ ଖୁବଶୀଘ୍ର ତିରୁଅବନ୍ତୀପୁରମ ସିବିଆଇ କୋର୍ଟରେ ଏତଲା ରୁଜୁ ହେବ । କାର୍ଯ୍ୟକର୍ତ୍ତା ଜୋମନ ପୁଥେନପୁରକଲଙ୍କ ଦ୍ୱାରା ରୁଜୁ ଆବେଦନ ଆଧାରରେ କେରଳ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସିବିଆଇ ମାମଲାର ତଦନ୍ତ ନିଜ ହାତକୁ ନେଇଛି । ଏତଲାରେ ଦୁର୍ନୀତି ନିବାରଣ ଅଧିନିୟମର ବିଭିନ୍ନ ଧାରାରେ ଆୟରୁ ଅଧିକ ସମ୍ପତ୍ତି ଠୁଳ କରିଥିବାର ଅଭିଯୋଗ ରହିଛି । କୋଚିରେ ସିବିଆଇର ଉପ ଅଧିକ୍ଷକ ସ୍ତରର ଅଧିକାରୀଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏହି ତଦନ୍ତରେ ଆବ୍ରାହାମଙ୍କ ବୟାନ ରେକର୍ଡ କରାଯିବ । ଜୋମନ ହାଇକୋର୍ଟରେ ଅଭିଯୋଗ କରିଥିଲେ ଯେ ମୁମ୍ବାଇରେ ଆବ୍ରାହାମଙ୍କ ୩ କୋଟି ଟଙ୍କାର ଏକ ଆପାର୍ଟମେଣ୍ଟ ଥିବା ବେଳେ ତିରୁଅନନ୍ତପୁରମର ଥାଇକୋଡରେ ଆଉ ଏକ ଫ୍ଲାଟ୍ ରହିଛି, ଯାହାର ମୂଲ୍ୟ ପାଖାପାଖି ୧ କୋଟି ଟଙ୍କା ହେବ । ଏହା ଛଡା କୋଲ୍ଲମରେ ତାଙ୍କର ଏକ ସପିଂ କମ୍ପ୍ଲେକ୍ସ ରହିଛି ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୮ କୋଟି ଟଙ୍କା ହେବ । ଜୋମନ ଦାବି କରିଛନ୍ତି ଯେ କେବଳ ମୁମ୍ବାଇ ପ୍ରପର୍ଟିର ଇଏମଆଇ ମାସିକ ୮୪ ହଜାର ଟଙ୍କା ଯେତେବେଳେ ଆବ୍ରାହାମଙ୍କ ମାସିକ ଆୟ ମାତ୍ର ୮୦ ହଜାର ଟଙ୍କା । ଏହା ଛଡା ଜୋମନ ଅଭିଯୋଗ କରିଛନ୍ତି ଯେ ଆବ୍ରାହାମ ଥାଇକୋଡ ଆପାର୍ଟମେଣ୍ଟ ଓ କୋଲ୍ଲମ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଋଣର ସ୍ରୋତ ସମ୍ପର୍କରେ ଉଲ୍ଲେଖ କରି ନାହାନ୍ତି । ଏହା ପୂର୍ବରୁ ସତର୍କତା ଓ ଦୁର୍ନୀତି ନିବାରଣ ବ୍ୟୁରୋ (ଭିଏସିବି) ଆବ୍ରାହାମଙ୍କୁ କ୍ଲିନ୍ ଚିଟ୍ ଦେଇ କହିଥିଲେ ଯେ ତିରୁଅନନ୍ତପୁରମ ଆପାର୍ଟମେଣ୍ଟର ମୂଲ୍ୟ କେବଳ ୧୩.୩୬ଲକ୍ଷ ଟଙ୍କା ଓ ମୁମ୍ବାଇ ଆପାର୍ଟମେଣ୍ଟର ମୂଲ୍ୟ ୯୯.୭୫ଲକ୍ଷ ଟଙ୍କା । ଭିଏସିବି ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ କୋଲ୍ଲମ କମ୍ପ୍ଲେକ୍ସ ଆବ୍ରାହାମଙ୍କୁ ତାଙ୍କ ଭାଇଙ୍କ ସହ ଉତ୍ତରାଧିକାରରେ ମିଳିଥିଲା । ଏହା କମ୍ପ୍ଲେକ୍ସର ନିର୍ମାଣରେ ସେମାନେ ବ୍ୟକ୍ତିଗତ ଧନ ଉପଯୋଗ କରିନଥିଲେ । ତେବେ କେରଳ ଉଚ୍ଚନ୍ୟାୟାଳୟ ଭିଏସିବିଙ୍କ ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ଯାଞ୍ଚ କରି ଆବ୍ରାହାମଙ୍କ ନିକଟରେ ବହୁମୂଲ୍ୟବାନ ଚଳ ଓ ଅଚଳ ସମ୍ପତ୍ତି ଥିବାର ଅନୁମାନ କରିଥିଲେ । ଯାହା ତାଙ୍କଦ୍ୱାରା ଜ୍ଞାତ ଆୟଠାରୁ ଅନେକ ଅଧିକ । ଆବ୍ରାହାମଙ୍କ ହାଇପ୍ରୋଫାଇଲ ସ୍ଥିତିକୁ ଦେଖି ନ୍ୟାୟାଳୟ ଭିଏସିବିଙ୍କ ଯାଞ୍ଚ ରିପୋର୍ଟକୁ ବିଶ୍ୱାସକୁ ନେଇ ନାହାନ୍ତି ଓ ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

# ବାଣ କାରଖାନାରେ ବିସ୍ଫୋରଣ: ୩ ମୃତ

ଉତରପ୍ରଦେଶ : ସହାରନପୁର ଦେଓବନ୍ଦ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ । ଏଭଳି ଦୁର୍ଘଟଣା ଆଜି ଘଟିଥିବା ସୂଚନା ମିଳିଛି । ବିସ୍ଫୋରଣରେ ଅନେକ ଲୋକ ଖଣ୍ଡବିଖଣ୍ଡିତ ହୋଇଛନ୍ତି । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ୩ଟି ଲୋକଙ୍କ ମୃତ୍ୟୁ ହୋଇଛି ବୋଲି ସ୍ପଷ୍ଟ କରାଯାଇଛି । ବିସ୍ଫୋରଣ ପରେ ସ୍ଥାନୀୟ ଅଞ୍ଚଳ ଲୋକାରଣ୍ୟ ହୋଇପଡିଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚିଛି । ଦେଓବନ୍ଦର ମୁଜଫରନଗ ଜଙ୍ଗଲର ବାଣ କାରଖାନାରେ ଆଗି ସକାଳ ପ୍ରାୟ ୬ଟା ସମୟରେ ଭୟଙ୍କର ବିସ୍ଫୋରଣ ଘଟିଛି । ବିସ୍ଫୋରଣର ଶବ୍ଦ ଏତେ ଜୋର ଥିଲା ଯେ ଗାଁର ଆଖପାଖ ଲୋକ ଘଟଣା ଜାଣିବା ପାଇଁ ସେଠାରେ ପହଞ୍ଚିଥିଲେ । ବିସ୍ଫୋରଣ ଧୂଆଁରେ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା । ଗାଁଲୋକ ଘଟଣାସ୍ଥଳରେ ପହଞ୍ଚିବା ପରେ ଲୋକଙ୍କ ଖଣ୍ଡବିଖଣ୍ଡିତ ଶରୀର ପଡିଥିବା ଦେଖିବାକୁ ପାଇଥିଲେ । ବିସ୍ଫୋରଣ ଏକ ଷଡଯନ୍ତ୍ର ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ଯାହାଫଳରେ ଗାଁଲୋକ ରାସ୍ତାକୁ ଅବରୋଧ କରିଥିଲେ । ଘଟଣାସ୍ଥଳରେ ପୋଲିସ ତୁରନ୍ତ ପହଞ୍ଚି ମୃତ ଦେହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି । ଅନ୍ୟପଟେ ପୋଲିସ ଅଧିକାରୀମାନଙ୍କୁ ଗାଁଲୋକ ଘେରି ରହିଛନ୍ତି । ଗାଁଲୋକ କହିଛନ୍ତି ଯେ, ଅନ୍ୟ ଦଳର ଲୋକମାନେ ମଧ୍ୟ କାରଖାନାରେ କାମ କରନ୍ତି । କିନ୍ତୁ ସେମାନେ ସମସ୍ତେ ସୁରକ୍ଷିତରେ ରହିଛନ୍ତି । ଯାହା ବିସ୍ଫୋରଣର ସନ୍ଦେହକୁ ବଢାଇଦେଇଛି । ପୋଲିସ ୩ଜଣ ଶ୍ରମିକଙ୍କ ମୃତ ଦେହକୁ ହସ୍ତାନ୍ତର କରିଛି । ପୋଲିସ ପ୍ରତିଶ୍ରୁତି ଦେବା ପରେ ମଧ୍ୟ ଶାନ୍ତ ପଡିନାହାନ୍ତି ଗାଁଲୋକ । ଆହୁରି ମଧ୍ୟ ଗାଁଲୋକ କହିଛନ୍ତି ସେ ଯଦି ଅଭିଯୁକ୍ତଙ୍କୁ ଗୁଳି ନମାରନ୍ତି ତେବେ ସେମାନଙ୍କୁ ଗାଁଲୋକ ମାରିଦେବେ । ଯେ ପର୍ଯ୍ୟନ୍ତ ଅଭିଯୁକ୍ତ ଧରାପଡିନାହାନ୍ତି ସେମାନେ ଚୁପ୍ ହେଇକି ବସିପାରିବେ ନାହିଁ ।

# ଇରାନରେ ବଡ଼ ବିସ୍ଫୋରଣ : ୫୧୬ ଆହତ



ଇରାନ : ଇରାନର ପୋର୍ଟ ବନ୍ଦର ଆବାସ ସହରର ଏକ ବଡ଼ ବିସ୍ଫୋରଣ ହୋଇଛି । ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି । ସରକାରୀ ଗଣମାଧମ ଅନୁଯାୟୀ, ବିସ୍ଫୋରଣରେ ୫୧୬ ଜଣ ଆହତ ହୋଇଛନ୍ତି । ସୋସିଆଲ ମିଡିଆରେ ବିସ୍ଫୋରଣ ର ଭିଡିଓ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି । ବିସ୍ଫୋରଣ ପରେ କିପରି ଆକାଶରେ କଳା ଧୂଆଁର ଏକ ବିରାଟ ମେଘ ଦେଖିବାକୁ ମିଳିଛି । ତେବେ ବିସ୍ଫୋରଣର ୩ ଘଣ୍ଟା ପରେ କୌଣସି ମୃତ୍ୟୁକୁ ଆନୁଷ୍ଠନିକ ଭାବରେ ଘୋଷଣା ହୋଇନାହିଁ । ଏହି ବିସ୍ଫୋରଣ ଏକ ଭୟଙ୍କର ବିସ୍ଫୋରଣ ଥିଲା ବୋଲି ପ୍ରାଦେଶିକ ବିପର୍ଯ୍ୟୟ ପରିଚାଳନା ଅଧୀକାରୀ ମେହେରଦ କହିଛନ୍ତି । ତେବେ ଏହି ବିସ୍ଫୋରଣରେ ୫୧୬ କୁ ବଢିଛି ଆହାତଙ୍କ ସଂଖା । ଏହି ଆହାତ ମାନଙ୍କୁ ହୋର୍ମଜଗାନ ପ୍ରଦେଶର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ରାଜାଇ ବନ୍ଦରରେ ଏହି ବିସ୍ଫୋରଣ ହୋଇଛି । ରିଲିଫ ଏବଂ ଉଦ୍ଧାର ଦଳ ଘଟଣାସ୍ଥଳକୁ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି । ପ୍ରାଦେଶିକ ବିପର୍ଯ୍ୟୟ ପରିଚାଳନା ଅଧିକାରୀ ମେହରଦାଦ ହାସନଜାଦେହ କହିଛନ୍ତି ବିସ୍ଫୋରଣରେ ଅନେକ ଲୋକ ଆହତ ହୋଇଛନ୍ତି । ରିଲିଫ୍ କର୍ମୀମାନେ ଘଟଣାସ୍ଥଳକୁ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି, ଯେତେବେଳେ ସେଠାରୁ ଅନ୍ୟ ଲୋକଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବାକୁ ପ୍ରୟାସ କରାଯାଉଛି । ଏପର୍ଯ୍ୟନ୍ତ କର୍ତ୍ତୃପକ୍ଷ ଏହି ବିସ୍ଫୋରଣର କାରଣକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିନାହାଁନ୍ତି କିମ୍ବା କୌଣସି ମୃତ୍ୟୁ ହୋଇଥିବା ସୂଚନା ମିଳିନାହିଁ । ଏହି ବନ୍ଦର ଇରାନର ରାଜଧାନୀ ତେହେରାନରୁ ପ୍ରାୟ ୧,୦୫୦କିଲୋମିଟର ଦକ୍ଷିଣ-ପୂର୍ବରେ ଏବଂ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ନିକଟରେ ରହିଛି ଯେଉଁଥିଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ବାଣିଜ୍ୟ ଗତି କରେ । ତେବେ ବିସ୍ଫୋରଣର କେନ୍ଦ୍ରସ୍ଥଳ ଏହି ବନ୍ଦରରେ ରଖାଯାଇଥିବା କଣ୍ଟେନରଗୁଡ଼ିକର ଅଞ୍ଚଳ ଥିଲା । କଣ୍ଟେନରରେ କ'ଣ ରଖାଯାଇଥିଲା । ଯାହା ଫଳରେ ବଡ଼ ବିସ୍ଫୋରଣ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ସୂଚନାଯୋଗ୍ୟ ଯେ ଏହି ବିସ୍ଫୋରଣ ଏପରି ସମୟରେ ଘଟିଛି ଯେତେବେଳେ ଇରାନ ଏବଂ ଆମେରିକା ମଧ୍ୟରେ ପରମାଣୁ କାର୍ଯ୍ୟକ୍ରମକୁ ନେଇ ଓମାନରେ ତୃତୀୟ ପର୍ଯ୍ୟାୟ ଆଲୋଚନା ଚାଲିଥିଲା । ଏପରି ପରିସ୍ଥିତିରେ ଏହି ଘଟଣାର ରାଜନୈତିକ ଏବଂ ଅନ୍ତର୍ଜାତୀୟ ପ୍ରଭାବ ଉପରେ ମଧ୍ୟ ନଜର ରଖାଯାଇଛି ।

# ପୀଡିତ ପରିବାରଙ୍କୁ ୧୦ ଲକ୍ଷ ଦେବେ ମମତା

କୋଲକାତା : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତ ରାଜ୍ୟର ତିନି ଜଣଙ୍କ ପରିବାର ଏବଂ ଉଧମପୁର ଏନକାଉଣ୍ଟରରେ ମୃତ ସେନା ହାବିଲଦାରଙ୍କ ପରିବାରକୁ ପ୍ରତ୍ୟେକଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି । ରାଜ୍ୟ ସରକାର ନଦିଆ ଜିଲ୍ଲାର ତେହଟ୍ଟାର ହାବିଲଦାର ଝଣ୍ଟୁ ଅଲି ଶେଖଙ୍କ ପତ୍ନୀଙ୍କୁ ମଧ୍ୟ ଚାକିରି ଦେବେ । ସେ ଜଣେ କମାଣ୍ଡୋ ଥିଲେ । ପହଲଗାମ ପୀଡିତଙ୍କ ମଧ୍ୟରୁ ଜଣେ ବିତନ ଅଧିକାରୀଙ୍କ ପିତାଙ୍କୁ ରାଜ୍ୟ ସରକାର ୧୦,୦୦୦ ଟଙ୍କା ପେନସନ ପ୍ରଦାନ କରିବେ କହିଛନ୍ତି ମମତା ବାନାର୍ଜୀ । ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପଶ୍ଚିମବଙ୍ଗର ତିନି ଜଣ ଲୋକ ପ୍ରାଣ ହରାଇଥିଲେ । ଏଥିରେ ବିତାନ ଅଧିକାରୀ, ସମୀର ଗୁହା ଏବଂ ମନୀଷ ରଂଜନ ଅଛନ୍ତି ।

# ଅଞ୍ଜୁଙ୍କ ରେକର୍ଡ ଭାଙ୍ଗିଲେ ସାଇଲି



ନୂଆଦିଲ୍ଲୀ,୨୬।୪: ୨୩ ବର୍ଷର ରେକର୍ଡ ଭାଙ୍ଗିଲା । ଅଞ୍ଜୁ ବବି ଜର୍ଜଙ୍କ ରେକର୍ଡ ଭାଙ୍ଗିଲେ ସାଇଲି ସିଂହ । ଉତ୍ତରପ୍ରଦେଶରେ ଏହି ଯୁବ ଖେଳାଳି ୨୩ ବର୍ଷ ତଳର ରେକର୍ଡ ଭାଙ୍ଗି ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି ।ଅଞ୍ଜୁ ବବି ଜର୍ଜଙ୍କ ୬.୪୧ ମିଟରର ଲମ୍ଫ ଡିଆଁ ମାରିଥିଲେ ଯାହାକୁ ଆଜି ଦିନ ଭାଙ୍ଗିଛନ୍ତି ସାଇଲି ସିଂହ। ସେ ୬.୬୪ ମିଟର ଡେଇଁ ରେକର୍ଡ କରିଥିଲେ।

ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍ ଯୋଗ୍ୟତା ପାଇଁ ଲମ୍ଫ ଡିଆଁରେ ୬.୪୧ମିଟର ମାର୍କ ରହିଥିଲା। ୬.୪୫ ମିଟର ଡେଇଁ ମାର୍କ ସେଟ୍ କରିଥିଲେ ସାଇଲି। ଯାହାଫଳରେ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍ ପାଇଁ ଉତ୍ତରପ୍ରଦେଶର ସାଇଲିଙ୍କୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏର୍ଣ୍ଣାକୁଲମର ମହାରାଜ କଲେଜ୍ ଗ୍ରାଉଣ୍ଡରେ ଜାତୀୟ ଫେଡରେସେନ କପ୍ ଆଥଲେଟିକ୍ସର ଏହି ରେକର୍ଡ କରିଛନ୍ତି ସାଇଲି। ଏହାସହିତ ତାଙ୍କ ପ୍ରଶିକ୍ଷକ ଏବଂ ଅଭିଜ୍ଞ ଲଙ୍ଗଜମ୍ପର ଅଞ୍ଜୁ ବବି ଜର୍ଜ କରିଥିବା ୨୩ ବର୍ଷ ପୁରୁଣା ରେକର୍ଡ ବି ଭାଙ୍ଗିଛନ୍ତି। ୨୦୦୨ରେ ଅଞ୍ଜୁ କରିଥିବା ୬.୫୯ ମିଟରର ରେକର୍ଡକୁ ପଛରେ ପକାଇ ଦେଇଛନ୍ତି ୨୧ ବର୍ଷୀୟା ସାଇଲି।

ମୁଁ ସବୁବେଳେ ଜାଣିଥିଲି ଯେ ସେ ମୋର ରେକର୍ଡ ଭାଙ୍ଗିବେ। ଏହା ମୋ ପାଇଁ ଏକ ଉତ୍ତମ ବାର୍ଷିକୀ ଉପହାର। ଏବେ ମୁଁ ଶୈଳି ମୋର ଜାତୀୟ ରେକର୍ଡ ଭାଙ୍ଗିବା ପାଇଁ ଅପେକ୍ଷା କରୁଛି, ଅଞ୍ଜୁ ଏକ ବିସ୍ତୃତ ହସ ସହିତ କହିଲେ, ସ୍ପଷ୍ଟ ଭାବରେ ଗର୍ବରେ ଉଜ୍ଜ୍ୱଳ। ଅଞ୍ଜୁଙ୍କ ଜାତୀୟ ରେକର୍ଡ ହେଉଛି ୬.୮୩ ମିଟର।

ଶୈଳିଙ୍କ ଯାତ୍ରା ଏବଂ ସଫଳତାର ଗୁରୁତ୍ୱ ଉପରେ ପ୍ରତିଫଳିତ କରି ଅଞ୍ଜୁ ଆହୁରି କହିଲେ: ରେକର୍ଡ ଭାଙ୍ଗିବା ପାଇଁ ଉଦ୍ଦିଷ୍ଟ, ଏବଂ ଶୈଳି ଏହି ସଫଳତା ହାସଲ କରିଥିବା ଦେଖି ମୁଁ ବହୁତ ଖୁସି। ବର୍ଷ ବର୍ଷ ପୂର୍ବରୁ ଯେତେବେଳେ ଆମେ ପ୍ରଥମେ ତାଙ୍କ ପ୍ରତିଭାକୁ ଦେଖିଥିଲୁ, ମୁଁ ଜାଣିଥିଲି ଯେ ତାଙ୍କ ପାଖରେ ମୋର ସର୍ବୋତ୍ତମ ମାର୍କକୁ ମଧ୍ୟ ଅତିକ୍ରମ କରିବା ପାଇଁ ଯାହା ଆବଶ୍ୟକ ତାହା ଅଛି। ତାଙ୍କର ଅଭିବୃଦ୍ଧି ଦେଖିବା ଭାରତୀୟ ଆଥଲେଟିକ୍ସର ପରବର୍ତ୍ତୀ ଅଧ୍ୟାୟ ପ୍ରକାଶିତ ହେବା ପରି ଥିଲା । ଏହି ରେକର୍ଡ ଭାଙ୍ଗିବା ପ୍ରଦର୍ଶନ କ୍ରୀଡ଼ାରେ ଭାରତୀୟ ମହିଳାଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ପ୍ରତିନିଧିତ୍ୱ କରେ। ଏତେ ସମର୍ପିତ ଏବଂ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ଏହି ମଶାଲ ପ୍ରଦାନ କରିବା ପାଇଁ ମୁଁ ଅଧିକ ଗର୍ବିତ ହୋଇପାରିବି ନାହିଁ।

କେରଳର ଆନ୍ସି ସୋଜନ ଏହି ଇଭେଣ୍ଟରେ ୬.୪୬ ମିଟରର ଶ୍ରେଷ୍ଠ ଦୂରତା ସହିତ ରୌପ୍ୟ ପଦକ ଜିତିଥିଲେ, ଯେତେବେଳେ ମୌମିତା ମଣ୍ଡଳ ୬.୪୫ ମିଟର ସହିତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ତିନି ଜଣ ଏସୀୟ ଯୋଗ୍ୟତା ମାର୍କ ୬.୪୧ ମିଟର ଅତିକ୍ରମ କରିଥିଲେ।

## ବ୍ୟାଟ୍ ପରୀକ୍ଷାରେ ଜାଡେଜା ଫେଲ୍

ଚେନ୍ନାଇ ୨୫।୦୪: ଚେନ୍ନାଇ ସୁପରକିଙ୍ଗ୍‌ସ ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ରବିନ୍ଦ୍ର ଜାଡେଜାଙ୍କ ବ୍ୟାଟ୍ ମୋଟେଇ ପରୀକ୍ଷାରେ ଫେଲ ମାରିଛି। ଶୁକ୍ରବାର ୪ନଂ ସ୍ଥାନରେ ଜାଡ଼େଜା



ବ୍ୟାଟିଂ କରିବାକୁ ଆସିଥିଲେ। ପଡ଼ିଆ ଅମ୍ପାୟାର ତାଙ୍କ ବ୍ୟାଟ୍ ପରୀକ୍ଷା କରିଥିଲେ। ମାତ୍ର ବ୍ୟାଟ୍‌ଟି ଆବଶ୍ୟକତାଠୁ ଅଧିକ ମୋଟା ରହିଥିଲା ।ତାଙ୍କୁ ବ୍ୟାଟ୍ ପରିବର୍ତ୍ତନ କରିବାକୁ ପଡ଼ିଥିଲା । ସେ ୨୧ ରନ କରି ଆଉଟ୍ ହୋଇଥିଲେ।

ସୂଚନାଥାଉକି, ଚଳିତ ସିଜନରେ ମ୍ୟାଚ୍ ସମୟରେ ଖେଳାଳିଙ୍କ ବ୍ୟାଟ୍ ମାପ କରାଯାଉଛି। ନିୟମ ଅନୁଯାୟୀ ବ୍ୟାଟ୍‌ର ଲମ୍ବା ୩୮ଇଞ୍ଚ କିମ୍ବା ୯୬.୫୨ ସେଣ୍ଟି ମିଟର ଠାରୁ ଅଧିକ ହୋଇ ପାରିବନାହିଁ। ଠିକ୍ ସେହିପରି ବ୍ୟାଟ୍‌ର ବ୍ଲେଡ୍ ପ୪.୨ଇଞ୍ଚ(୧୦.୮ସେମି) ଚଉଡ଼ା, ୨.୬ଇଞ୍ଚ (୬.୭ସେମି) ମୋଟା ଓ ଏଜ ୧.୫୬(୪.୦ସେମି)ଠୁ ଅଧିକ ହୋଇପାରିବ ନାହିଁ। ଜାଡ଼େଜାଙ୍କ ବ୍ୟାଟ୍ ପୂର୍ବରୁ ସୁନୀଲ ନାରାଏନ୍ ଓ ଆନରିଚ ନର୍ଜ(କୋଲକାତା ନାଇଟ ରାଇଡର୍ସ)ଙ୍କ ବ୍ୟାଟ୍ ମଧ୍ୟ ମୋଟେଇ ପରୀକ୍ଷାରେ ବିଫଳ ହୋଇଛି।

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)




### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ ଟାଇଟନ୍ସ | ୦୮ | ୦୬ | ୦୨ | ୧୨ |
| ଦିଲ୍ଲୀ କ୍ୟାପିଟାଲ୍ | ୦୮ | ୦୬ | ୦୨ | ୧୨ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୦୭ | ୦୫ | ୦୨ | ୧୦ |
| ପଞ୍ଜାବ କିଙ୍ଗ୍‌ସ | ୦୮ | ୦୫ | ୦୨ | ୧୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୦୯ | ୦୫ | ୦୪ | ୧୦ |
| ଲକ୍ଷ୍ମୌ ସୁପର ଜିଆଣ୍ଟସ | ୦୯ | ୦୫ | ୦୪ | ୧୦ |
| କୋଲକାତା ନାଇଟ୍ ରାଇଡର୍ସ | ୦୯ | ୦୩ | ୦୫ | ୦୭ |
| ରାଜସ୍ଥାନ ରୟାଲ୍‌ସ | ୦୮ | ୦୨ | ୦୬ | ୦୪ |
| ସନରାଇଜର୍ସ ହାଇଦ୍ରାବାଦ | ୦୮ | ୦୩ | ୦୫ | ୦୬ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୦୯ | ୦୨ | ୦୭ | ୦୪ |

# ଚେନ୍ନାଇ ପରାସ୍ତ, ବାଜି ମାରିଲା ହାଇଦ୍ରାବାଦ



ଚେନ୍ନାଇ: ଚିଦାମ୍ବରମ୍ ଷ୍ଟାଡିୟମରେ ପୁଣି ଥରେ ମାତ ଖାଇଲା ଚେନ୍ନାଇ ସୁପର କିଙ୍ଗସ ସନ୍ ରାଇଜର୍ସ ହାଇଦ୍ରାବାଦ ଠାରୁ ୫ ୱିକେଟରେ ପରାସ୍ତ ହୋଇଛି ଦଳ। ଏସଆରଏଚ୍ ୧୫୫ ରନ୍‌ର ଟାର୍ଗେଟକୁ ସହଜରେ ଜିତି ନେଇଛି। ଆଇପିଏଲ୍ ଇତିହାସରେ ପ୍ରଥମ ଥର ପାଇଁ ଚେନ୍ନାଇକୁ ଚେନ୍ନାଇରେ ହରାଇଛି ହାଇଦ୍ରାବାଦ ଏହି ବିଜୟରେ ସହିତ ପଏଣ୍ଟ ଟେବୁଲରେ ଦୁଇ ପଏଣ୍ଟ ହାସଲ କରିଛି । ଦଳ ପକ୍ଷରୁ ଇଶାନ କିଷାନ ସର୍ବାଧିକ ୪୪ ରନ୍ ସଂଗ୍ରହ କରିଛନ୍ତି।

ଆଇପିଏଲର ୪୩ତମ ମୁକାବିଲା ଚେନ୍ନାଇ ସୁପର କିଙ୍ଗସ୍ ଓ ସନରାଇଜର୍ସ ହାଇଦ୍ରାବାଦ ଖେଳାଯାଇଛି। ଟସ୍ ଜିତି ପ୍ରଥମ ବୋଲିଂ ନିଷ୍ପତ୍ତି ନେଇଥିଲା ଏସଆରଏଚ। ଫଳରେ ବ୍ୟାଟିଂ କରିବାକୁ ଓହ୍ଲାଇଥିଲେ ସିଏସକେର ଦୁଇ ଓପନର ସାଇକ୍ ରସିଦ୍ ଏବଂ ଆୟୁଷ ମାତ୍ରେ। ପ୍ରଥମ ବଲ୍‌ରେ ମହମ୍ମଦ ସାମିଙ୍କ ଶିକାର ହୋଇଥିଲେ ରସିଦ୍ । ଦ୍ୱିତୀୟ ୱିକେଟରେ ସାମ୍ କରନ ଆଉଟ୍ ହୋଇଥିଲେ। ଏହାପରେ ଆୟୁଷ ମାତ୍ରେ ୧୯ଟି ବଲରୁ ୩୦ ରନ୍‌ର ଇନିଂସ ଖେଳି ପାଟ୍ କମିନ୍ସଙ୍କ ଶିକାର ହୋଇଥିଲେ। ପରେ ରବିନ୍ଦ୍ର ଜାଡେଜା ଓ ଡିୱେଲ୍ଡ ବ୍ରେଭିସଙ୍କ ମଧ୍ୟରେ ଏକ ଛୋଟ ପାର୍ଟନରସିପ୍ ହୋଇଥିଲା ଜାଡେଜା ୨୧ ରନ୍ କରି ଆଉଟ୍ ହୋଇଥିଲେ। ବ୍ରେଭିସ ୨୫ଟି ବଲ୍‌ରୁ ୪୨ ରନ୍ ସଂଗ୍ରହ କରିଥିଲେ। ବ୍ରେଭିସ୍ ଆଉଟ୍ ହେବା ପରେ ଶିବମ୍ ଦୁବେ ଓ ଦୀପକ ହୁଡ଼ା ଦଳ ପାଇଁ କିଛି ଖାସ୍ କରିପାରିନଥିଲେ। ଏହାପରେ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ପଡ଼ିଆକୁ ଓହ୍ଲାଇ ମାତ୍ର ୬ଟି ବଲ୍ ଖେଳି ୧୦ ରନ୍ କରି ଆଉଟ୍ ହୋଇଥିଲେ। ହାଇଦ୍ରାବାଦ ବୋଲଙ୍କ ସାମ୍ନାରେ କୌଣସି ବ୍ୟାଟର ଦଳକୁ ସମ୍ଭାଳି ପାରିନଥିଲେ। ଫଳରେ ସିଏସରେ ୧୯.୫ ଓଭରରେ ଦଳ ୧୫୪ ରନ୍ କରି ଅଲଆଉଟ୍ ହୋଇଥିଲା । ହାଇଦ୍ରାବାଦ ପକ୍ଷରୁ ହର୍ଷଲ ପଟେଲ ସର୍ବାଧିକ ୪ଟି ୱିକେଟ ନେଇଛନ୍ତି।

୧୫୫ ରନର ଲକ୍ଷ୍ୟକୁ ପିଛା କରି ସନ୍‌ରାଇଜର୍ସ ହାଇଦ୍ରାବାଦ ୧୮.୪ ଓଭରରେ ୫ ୱିକେଟ୍ ହରାଇ ମ୍ୟାଚକୁ ଜିତି ନେଇଛି। ଏସଆରଏଚ ପକ୍ଷରୁ ଟ୍ରାଭିସ୍ ହେଡ୍ ଓ ଅଭିଷେକ୍ ଶର୍ମା ଲକ୍ଷ୍ୟକୁ ପଛି କରିବାକୁ ପଡିଆ। ଓହ୍ଲାଇଥିଲେ। ହେଲେ ଚେନ୍ନାଇ ସୁପର କିଙ୍ଗସ ପ୍ରାରମ୍ଭରୁ ଝଟକା ଦେଇଥିଲା ଅଭିଷେକ୍ ଶର୍ମା ପ୍ରଥମ ଓଭରରେ ଖଲିଲ୍ ଅହମ୍ମଦଙ୍କ ଶିକାର ହୋଇଥିଲେ। ଏହାପରେ ହେଡଙ୍କୁ ସାଥ୍ ଦେଇଥିଲେ ଇଶାନ କିଷାନ ଟ୍ରାଭିସ୍ ହେଡ୍ ୧୬ ବଲରେ ୧୯ ରନ୍ ଏବଂ ଇଶାନ କିଷାନ ୩୪ ବଲରେ ୪୪ରନ କରି ଆଉଟ୍ ହୋଇଥିଲେ। ପରେ ଅନିକେଟ୍ ବର୍ମା, କମିନ୍ଦୁ ମେଣ୍ଡିସ୍ ଓ ନିତିଶ ରେଡ୍ଡି ମିଳିତ ଭାବେ ଦଳକୁ ସମ୍ଭାଳି ନେଇଥିଲେ। ଫଳରେ ଦଳ ୧୮.୪ ଓଭରରେ ୫ ୱିକେଟ୍ ହରାଇ ୧୫୪ ରନ୍‌ର ଟାର୍ଗେଟକୁ ସହଜରେ ଜିତି ନେଇଥିଲା। ହାଇଦ୍ରାବାଦ ପକ୍ଷରୁ ହର୍ଷିତ ପଟେଲ୍ ୪ଟି ୱିକେଟ୍ ଅକ୍ତିଆର୍ ମ୍ୟାନ୍ ଅଫ୍ ଦି ପ୍ଲେୟାର ହୋଇଛନ୍ତି।

## ପ୍ରଥମ ବଲ୍‌ରେ ଇତିହାସ ରଚିଲେ ଶାମି

ନୂଆଦିଲ୍ଲୀ,୨୫।୪: ୨୦୨୫ର ୪୩ତମ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦର ଦ୍ରୁତ ବୋଲର ମହମ୍ମଦ ଶାମି ଚେନ୍ନାଇ ସୁପର କିଙ୍ଗସ ବିପକ୍ଷରେ ପ୍ରଥମ ବଲ୍‌ରେ ଇତିହାସ ରଚିଛନ୍ତି। ସେ ଚେନ୍ନାଇ ସୁପର କିଙ୍ଗ୍ସର ଯୁବ ଓପନର୍ ଶେଖ ରସିଦଙ୍କ ଉଇକେଟ ନେଇଥିଲେ। ଆଇପିଏଲ୍‌ରେ ଚତୁର୍ଥ ଥର ପାଇଁ ଶାମି ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଉଇକେଟ ନେଇଥିଲେ। ଏକମାତ୍ର ବୋଲର ଭାବେ ସେ ଚାରି ଥର ଏହି ସଫଳତା ହାସଲ କରିଛନ୍ତି। କେବଳ ଏତିକି ନୁହେଁ ସେ ଚତୁର୍ଥ ଥର ପାଇଁ ଇନିଂସର ପ୍ରଥମ ବଲରେ ଉଇକେଟ ନେବାର ସଫଳତା ହାସଲ କରିବାରେ ଆଇପିଏଲ୍‌ର ପ୍ରଥମ ବୋଲର ମଧ୍ୟ ପାଲଟିଛନ୍ତି।

ମ୍ୟାଚ୍‌ରେ ପ୍ରଥମ ବଲରେ ସର୍ବାଧିକ ଉଇକେଟ ନେଇଥିବା ଖେଳାଳି:

- ୪ ଥର- ମହମ୍ମଦ ଶାମି
- ୨ ଥର- ଡ୍ରିକ ନାନେସ
- ୨ ଥର -ଲାସିଥ ମାଲିଙ୍ଗା
- ୨ ଥର-ଉମେଶ ଯାଦବ
- ୨ ଥର- ଭୁବନେଶ୍ୱର କୁମାର
- ୨ ଥର-ଟ୍ରେଣ୍ଟ ବୋଲ୍ଟ

ମ୍ୟାଚ୍‌ର ପ୍ରଥମ ବଲ୍‌ରେ ମହମ୍ମଦ ଶାମି ଏକ ଐତିହାସିକ ସଫଳତା ହାସଲ କରିଥିଲେ ହେଲେ ଦ୍ୱିତୀୟ ବଲ୍‌ରେ ହିଁ ସେ ଏକ ନୋ ବଲ ପକାଇଥିଲେ। ପ୍ରକୃତରେ ସେ ବୋଲିଂ କରିବା ସମୟରେ ନିଜ ହାତରେ ଉଇକେଟ ମାରିଥିଲେ। ଏହି ଘଟଣା ରନ୍ ଅପ୍ ସମୟରେ ଘଟିଥିଲା, ଯାହା ଯୋଗୁ ଅମ୍ପାୟାର ଏହି ବଲ୍‌କୁ ନୋ ବଲ୍ ଘୋଷଣା କରିଥିଲେ। କ୍ରିକେଟରେ ଏପରି ଘଟଣା ବହୁତ କମ ଦେଖାଯାଇଛି, ଯେତେବେଳେ ବୋଲର ବୋଲିଂ କରିବା ସମୟରେ ଉଇକେଟରେ ନିଜ ହାତକୁ ଆଘାତ କରନ୍ତି।

# ଆଇପିଏଲରୁ ମୋଟାଅଙ୍କର ଦରମା ନିଅନ୍ତି ଅମ୍ପାୟାର



ନୂଆଦିଲ୍ଲୀ,୨୬୪: ଭାରତରେ କ୍ରିକେଟରମାନେ ଘରୋଇ, ଅନ୍ତର୍ଜାତୀୟ କ୍ରିକେଟ ଏବଂ ରୁ ପ୍ରଚୁର ଟଙ୍କା ରୋଜଗାର କରନ୍ତି ଏଠାରେ ଅମ୍ପାୟାରମାନେ ମଧ୍ୟ ଟଙ୍କା ରୋଜଗାର କରିବାରେ ପଛରେ ନାହାନ୍ତି ସେ ପ୍ରତ୍ୟେକ ମ୍ୟାଚରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି। କ୍ରିକେଟରେ ଅମ୍ପାୟାରଙ୍କ କାମ ବହୁତ କଷ୍ଟକର ସେମାନଙ୍କୁ ସବୁବେଳେ ସତର୍କ ରହିବାକୁ ପଡେ। ଏହା ସହିତ, ମ୍ୟାଚ୍‌ରେ ସଚ୍ଚୋଟତା ବଜାୟ ରଖିବାକୁ ପଡେ ଏବଂ ଖେଳଟି ଭଲ ଭାବରେ ଖେଳାଯିବ, ସେଥିପ୍ରତି ଧ୍ୟାନ ଦେବାକୁ ପଡେ।

ଅମ୍ପାୟାରମାନେ ବିଶ୍ୱର ସବୁଠାରୁ ବଡ଼ ଲିଗ ଆଇପିଏଲ୍‌ରେ ବହୁତ ଟଙ୍କା ରୋଜଗାର କରନ୍ତି। ପଡ଼ିଆରେ ଥିବା ଅମ୍ପାୟାରଙ୍କୁ ପ୍ରତ୍ୟେକ ମ୍ୟାଚ ପାଇଁ ୩ ଲକ୍ଷ ଟଙ୍କା ମିଳିଥାଏ। ଚତୁର୍ଥ ଅମ୍ପାୟାରଙ୍କୁ ଗୋଟିଏ ମ୍ୟାଚ ପାଇଁ ଦୁଇ ଲକ୍ଷ ଟଙ୍କା ମିଳିଥାଏ।

କ୍ରିକେଟରେ, ଅମ୍ପାୟରଙ୍କ ନିଷ୍ପତ୍ତି ହିଁ ଶେଷ ନିଷ୍ପତ୍ତି। ଅମ୍ପାୟରଙ୍କ ଗୋଟିଏ ନିଷ୍ପତ୍ତି ସମଗ୍ର ମ୍ୟାଚ୍‌ର ଗତିପଥ ବଦଳାଇ ଦିଏ। ଏହା ଏକ ଚ୍ୟାଲେଞ୍ଜିଂ କାର୍ଯ୍ୟ ଯାହା ପାଇଁ ଫିଟନେସ, ଧ୍ୟାନ ଏବଂ ଘଣ୍ଟା ଘଣ୍ଟା ସତର୍କ ରହିବା ଆବଶ୍ୟକ। କ୍ରିକେଟରେ ଅମ୍ପାୟାରମାନେ ଚାରି ଦିନିଆ ମ୍ୟାଚ ପାଇଁ ପ୍ରାୟ ୧.୬ ଲକ୍ଷ ଟଙ୍କା ରୋଜଗାର କରନ୍ତି ।ଗ୍ରେଡ ଉପରେ ନିର୍ଭର କରି ସେମାନେ ପ୍ରତିଦିନ ୩୦ ରୁ ୪୦ ହଜାର ଟଙ୍କା ପାଆନ୍ତି ।ଘରୋଇ କ୍ରିକେଟରେ, ଜଣେ ଗ୍ରେଡ ବି ଅମ୍ପାୟାର ପ୍ରତିଦିନ ୩୦,୦୦୦ ଟଙ୍କା ରୋଜଗାର କରନ୍ତି। ଏହା ସହିତ ସେ ଚାରି ଦିନରେ ୧,୨୦,୦୦୦ ଟଙ୍କା ରୋଜଗାର କରନ୍ତି। ଯେତେବେଳେ ଗ୍ରେଡ ଏ ଅମ୍ପାୟାରଙ୍କୁ ୪୦,୦୦୦ ଟଙ୍କା ମିଳିଥାଏ। ଏହା ସହିତ ସେ ଚାରି ଦିନରେ ମୋଟ ୧,୬୦,୦୦୦ ଟଙ୍କା ରୋଜଗାର କରନ୍ତି।

# ଅଲ୍ ଓଡିଶା ସୋନି ସାଗର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ





କେନ୍ଦ୍ରାପଡା,୨୬।୪: କେନ୍ଦ୍ରାପଡା ସହରସ୍ଥ ସାନମଙ୍ଗଳା ଗ୍ରୀସ୍ ପିଲ୍ଡଠାରେ ରାଜ୍ୟସ୍ତରୀୟ ୧୨ତମ ସୋନି ସାଗର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଯୁବନେତା ତଥା ସମାଜସେବୀ ରଞ୍ଜିତ୍ ସାହୁ, ଯୁବନେତା ରାଜେଶ ଦାସ, ଯୁବନେତା ଯଯାତି କେଶରୀ ମହାନ୍ତି, ମହିଳା ସଭାନେତ୍ରୀ ସ୍ୱୟଂପ୍ରଭା କର, ପୂର୍ବତନ କାଉନସିଲର ଦେବେନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟିତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୬ଟି ଟିମ୍ ଭାଗ ନେଇଛନ୍ତି।

ସେମାନେ ହେଉଛନ୍ତି ଆଟାକ୍ ଇଲେଭେନ୍, ରାମିଆଗଞ୍ଜ ଜିଜିସି, ଏମଏମସିସି ବଜାର, ଇନିତୁଲାପୁର ଷ୍ଟାର ଇଲେଭେନ, ବାଲାବାବା କ୍ରିକେଟ୍ କ୍ଲବ, ପିପିଲି ଶିଳୁଆର ଷ୍ଟାର ଇଲେଭେନ, ମଡିଆଳ ବଜାରର ନ୍ୟାସନାଲ କ୍ରିକେଟ୍ କ୍ଲବ ଓ ଏକେ ବ୍ରଦର୍ସ କ୍ରିକେଟ୍ କ୍ଲବ ଶୁକ୍ରବାର ଉଦ୍‌ଘାଟନୀ ଦିବସରେ ଖେଳିଥିବା ବେଳେ ସେହିପରି ଶନିବାର ଦୀପୁ ଏକାଦଶ କ୍ରିକେଟ୍ କ୍ଲବ, ମା' ତାରିଣୀ ସ୍ପୋଟିଂ, ପିପିଲିର ହିନ୍ଦ ସ୍ପୋଟିଂ, ଦକ୍ଷିଣ ଏକାଦଶ, ବାବା ଏକାଦଶ, ଗୋରଖନାଥ ଏକାଦଶ, କଟକର ଟିସିସି, ଆଳି ଏକାଦଶ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ଗଣାମହଲ ବାଲାବାବା କ୍ରିକେଟ୍ କ୍ଲବକୁ ମଡିଆଳ ନ୍ୟାସନାଲ କ୍ରିକେଟ୍ କ୍ଲବ ହରାଇ ଫାଇନାଲକୁ ଉନ୍ନିତ ହୋଇଛି। ସେହିପରି ଶନିବାର ଆଉ ୮ ଟିମ୍ ମଧ୍ୟରେ ଖେଳ ହେବାପରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଏହି ଟୁର୍ଣ୍ଣାମେଣ୍ଟକୁ ଜ୍ଞାନ ରଞ୍ଜନ ଜେନା ଓ ମୁରଲୀଧର ସେଠୀ ଅମ୍ପାୟାର ଭାବେ ଯୋଗଦେଇ ଖେଳ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ବରଦାକାନ୍ତ ବରାଳଙ୍କ ନେତୃତ୍ୱରେ ରାକେଶ କୁମାର ବେହେରା ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଶୁଭେନ୍ଦୁ ଦାସ ସ୍କୋରର ଭାବେ କାର୍ଯ୍ୟ କରିଥିଲେ।

# ଯୁବରାଜଙ୍କ ତାଗିଦ୍ ଓ କୋଚିଂ ପାଇଁ ଅଭିଷେକ ଆଜି ଷ୍ଟାର : ଯୋଗରାଜ



ନୂଆଦିଲ୍ଲୀ,୨୬।୪: ଯୁବ ବ୍ୟାଟ୍ସମ୍ୟାନ୍ ଅଭିଷେକ ଶର୍ମା ନିଜର ବିସ୍ଫୋରକ ବ୍ୟାଟିଂ ପାଇଁ ବେଶ୍ ପରିଚିତ। ଚଳିତ ଆଇପିଏଲ୍‌ରେ ମଧ୍ୟ କରିଛନ୍ତି ଦମଦାର ବ୍ୟାଟିଂ କରିଛନ୍ତି। ତେବେ ତାଙ୍କର ଏହି ପ୍ରଦର୍ଶନ ପଛରେ ରହିଛି ବଡ଼ ରହସ୍ୟ। ଖରାପ ଅଭ୍ୟାସ ଛାଡ଼ିବା ପରେ ଏହି ସଫଳତା ମିଳିଛି। ତାଙ୍କୁ ସୁଧାରିବା ପଛରେ ଯୁବରାଜ ସିଂଙ୍କ ରହିଛି ବଡ଼ ହାତ ରହିଛି। ଏନେଇ ବଡ଼ ଖୁଲାସା କରିଛନ୍ତି ଯୁବରାଜଙ୍କ ବାପା ଯୋଗରାଜ ସିଂ।

ବାପାଙ୍କ କଣ୍ଟ୍ରୋଲରେ ନଥିଲେ ଅଭିଷେକ। ଲେଟ୍ ନାଇଟ୍ ପାର୍ଟି ଆଉ ଗାର୍ଲଫ୍ରେଣ୍ଡଙ୍କ ସହ ବୁଲିବାରେ ଥିଲେ ମସଗୁଲ ଏହି ଖରାପ ଅଭ୍ୟାସରେ ବ୍ରେକ୍ ଲଗାଇଲେ ଟିମ୍ ଇଣ୍ଡିଆର ପୂର୍ବତନ ଷ୍ଟାର କ୍ରିକେଟର ଯୁବରାଜ ସିଂ। ନିଜର ଜୀବନଶୈଳୀ ବଦଳାଇବାକୁ ତାଗିଦ କରିଥିଲେ ଯୁବରାଜଙ୍କ ପିତା ଯୋଗରାଜ ସିଂ ଏକ ସାକ୍ଷାତକାରରେ ଏହି ବଡ଼ ଖୁଲାସା କରିଛନ୍ତି।

ଯୋଗରାଜ କହିଛନ୍ତି, ଅଭିଷେକଙ୍କ ବାପା ପୁଅର କ୍ରିକେଟିଂ କ୍ୟାରିୟରକୁ ନେଇ ବେଶ୍ ଚିନ୍ତିତ ଥିଲେ। ଏମିତି ଅଭିଷେକ ନିଜ ପିତାଙ୍କ କଣ୍ଟ୍ରୋଲରେ ନଥିବା ଯୁବରାଜଙ୍କୁ ଜଣାଇଥିଲେ। ଯୁବରାଜ ଅଭିଷେକଙ୍କୁ ଫୋନ୍ କରି ତାଗିଦ କରିଥିଲେ। କହିଥିଲେ କି ରାତି ୯ଟା ସୁଦ୍ଧା ଶୋଇ ସକାଳ ୫ଟାରେ ଉଠି ଅଭ୍ୟାସ କରିବେ। ଏହାଛଡ଼ା ଲେଟ୍ ନାଇଟ୍ ପାର୍ଟି ଓ ଗାର୍ଲଫ୍ରେଣ୍ଡ ସହ ବୁଲିବା ଉପରେ ରୋକ୍ ଲଗାଇଥିଲେ। ଯୁବରାଜଙ୍କ ତାଗିଦ୍ ଓ କୋଚିଂ ବଳରେ ଅଭିଷେକ ଆଜି ଟି-ଟ୍ୱେଣ୍ଟି ଫର୍ମାଟରେ ଟିମ୍ ଇଣ୍ଡିଅର ଜଣେ ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ହୋଇପାରିଛନ୍ତି ।

କେବଳ ଅଭିଷେକ ନୁହନ୍ତି ବରଂ ଶୁବମନ ଗିଲ୍‌ଙ୍କ ଭବିଷ୍ୟତ ସଜାଡ଼ିବାରେ ବି ଯୁବରାଜଙ୍କ ବଡ଼ ଭୂମିକା ରହିଛି। ଯୁବରାଜଙ୍କ ସହ ଅଭ୍ୟାସ କରି ଶୁବମନ ନିଜକୁ ଆନ୍ତର୍ଜାତୀୟ ସ୍ତରରେ ପ୍ରମାଣିତ କରିପାରିଛନ୍ତି। ପୃଥ୍ୱୀ ସ ଓ କାମ୍ବଲିଙ୍କୁ ଟାର୍ଗେଟ କରି ଯୋଗରାଜ କହିଛନ୍ତି, ଆଜିକାଲି ଅନେକ ପ୍ରତିଭାବାନ ଖେଳାଳି ନିଜ ଖରାପ ଅଭ୍ୟାସ ପାଇଁ କ୍ରିକେଟ ଦୁନିଆରୁ ହଜିଯାଉଛନ୍ତି। ଯଦି ଗୋଟେ ହୀରା ଆଉ ଜଣେ ହୀରାଙ୍କ ହାତକୁ ଯାଆନ୍ତି, ତେବେ ତାହା କୋହିନୁର ପାଲଟି ଯାଆନ୍ତି। ଯେପରିକି ଅଭିଷେକ ଓ ଶୁବମନ୍ ଆଜି ଟିମ୍ ଇଣ୍ଡିଆର ଷ୍ଟାର୍ କ୍ରିକେଟର।

୨୦୧୮ -୧୯ ବିଶ୍ୱକପ୍ ବିଜୟୀ ଦଳରେ ଉଭୟ ଶୁବମନ ଓ ଅଭିଷେକ ରହିଥିଲେ। କିନ୍ତୁ ଶୁବମନ୍ ନିଜର ଭଲ ପ୍ରଦର୍ଶନ ବଳରେ ଶୀଘ୍ର ଟିମ୍ ଇଣ୍ଡିଆରେ ସ୍ଥାନ ପକ୍କା କରିଥିବା ବେଳେ ଅଭିଷେକ ନିକଟରେ ହିଁ ଡେବ୍ୟୁ କରିଛନ୍ତି। କିନ୍ତୁ ଅଭିଷେକ ନିଜର ବିସ୍ଫୋରକ ବ୍ୟାଟିଂ ପାଇଁ ଏବେ ଚର୍ଚ୍ଚାରେ ରହିଛନ୍ତି ।ଉଭୟ ଆନ୍ତର୍ଜାତୀୟ ଓ ଆଇପିଏଲ୍‌ରେ ନିଜ ଜଲୱା ଦେଖାଇଛନ୍ତି ଅଭିଷେକ। ଯାହା ଫଳରେ ପ୍ରଥମଥର ପାଇଁ ବିସିସିଆଇ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ସ୍ଥାନ ପାଇଛନ୍ତି ଅଭିଷେକ।

# ଆଇପିଏଲ କାରଣରୁ ଭାରତୀୟ କ୍ରିକେଟକୁ ହେଉଛି କ୍ଷତି : ଗାଭାସ୍କର

ମୁମ୍ବାଇ, ୨୬/୪ : ଆଇପିଏଲ ବିଶ୍ୱର ସବୁଠାରୁ ବଡ଼ କ୍ରିକେଟ ଲିଗ୍ ଅଟେ। ଏହି ଲିଗରେ ଖେଳାଳୀଙ୍କ ଉପରେ ଟଙ୍କାର ବର୍ଷା ହୋଇଥାଏ। ୧୪ବର୍ଷର କ୍ରିକେଟରଙ୍କଠାରୁ ନେଇ ୪୩ବର୍ଷର କ୍ରିକେଟରଙ୍କ ପର୍ଯ୍ୟନ୍ତ ଏହି ଲିଗରେ ଖେଳୁଛନ୍ତି ଏବଂ କୋଟିକୋଟି ଟଙ୍କ ଆୟ କରୁଛନ୍ତି । ଏଭଳି ସ୍ଥଳେ ସୁନୀଲ ଗାଭାସ୍କର ଆଇପିଏଲକୁ ନେଇ ବଡ଼ ବୟାନ ଦେଇଛନ୍ତି ଯାହା ଏବେ ଚର୍ଚ୍ଚାରେ ରହିଛି । ଭାରତର ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କର ସ୍ପୋର୍ଟଷ୍ଟାର ଲାଗି ଲେଖିଥିବା ଏକ ସ୍ତମ୍ଭରେ ଆଇପିଏଲର ତାରିଫ୍ କରିଛନ୍ତି। କିନ୍ତୁ ଏହାସହ ଟି-୨୦ଟୁର୍ଣ୍ଣାମେଣ୍ଟ ଏବଂ ଭାରତରେ ଘରୋଇ କ୍ରିକେଟରେ ଖେଳୁଥିବା ଖେଳାଳୀଙ୍କ ଲାଗି ଅନ୍ତର ବି କହିଛନ୍ତି। ଗାଭାସ୍କର ନିଜ ସ୍ତମ୍ଭରେ ଲେଖିଛନ୍ତି କି, ଏହି ଆଇପିଏଲ ପୁଣି ଥରେ ଦେଖାଇଛି କି ଗୋଟିଏ ପ୍ରଦର୍ଶନ କେଣସି ଅଜ୍ଞାତ ଖେଳାଳୀଙ୍କ ଉଚ୍ଚ ସମ୍ମାନର ଦୌଡ଼ରେ ନେଇଆସିପାରିବ। ଏହା ରାଷ୍ଟ୍ରୀୟ ଚାମ୍ପିୟନଶିପ, ରଣଜୀ ଟ୍ରଫିରେ ପ୍ରଦର୍ଶନର ସମ୍ପୂର୍ଣ୍ଣ ବିପରୀତ ଅଟେ । ଯେଉଁଠାରେ ବହୁତ ଭଲ ପ୍ରଦର୍ଶନ କରୁଥିବା ଖେଳାଳୀ ଚର୍ଚ୍ଚାରେ ଆସିପାରୁନାହାନ୍ତି ସେ ଆହୁରି ମଧ୍ୟ ଲେଖିଛନ୍ତି କି , ଆଇପିଏଲର ଏକ ଭଲ ସିଜନ କେଣସି ଖେଳାଳୀଙ୍କ ଲାଗି ଏତେ ଭଲ ହୋଇପାରେ ଯାହା ତାର ପୂରା ରଣଜୀ ଟ୍ରଫି କ୍ୟାରିୟର ବି ଦେଇପାରିବନି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ